Vol.-I, Issue No-26
16-31- March. 2023
online portal : odishasanket.com
Mail ID : odishasanket@gmail.com
Price : Rs. 5.00, Page -8

# ଓଡ଼ିଶା ସଙ୍କେତ
# Odisha Sanket


ସାଂସଦଙ୍କ ପ୍ରେମରେ ପରିଣୀତି ଚୋପ୍ରା !

RNI Regd. No. - ODIODI/2022/82445 ସମାଜ ପାଇଁ ଭିନ୍ନ ଏକ ପରିକଳ୍ପନା R.N.I. Title Code-ODIODI08118

# ସଭ୍ୟପଦ ଗଲା, ଅନୁକମ୍ପା ମିଳିଲା !

କ୍ରମାଗତ ଦୁଇଟି ସାଧାରଣ ନିର୍ବାଚନରେ କଂଗ୍ରେସର ବିପର୍ଯ୍ୟୟ ଓ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧୀନ ବିଜେପି ପୂର୍ଣ୍ଣ ସଂଖ୍ୟା ଗରିଷ୍ଠତା ସହ କ୍ଷମତା ଦଖଲ ପରେ କେନ୍ଦ୍ରୀୟ କଂଗ୍ରେସ ନେତୃତ୍ୱର ଆଉ ଆକର୍ଷଣକାରୀ ଶକ୍ତି ନାହିଁ ବୋଲି ଧାରଣା ସୃଷ୍ଟି ହୋଇଥିଲା। ଉଭୟ ୨୦୧୪ ଓ ୨୦୧୯ ନିର୍ବାଚନରେ ରାହୁଲ ଗାନ୍ଧି ହିଁ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ବୋଲି ଧରି ନିଆଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନ ସମୟରେ ରାହୁଲ ଗାନ୍ଧି କଂଗ୍ରେସ ଦଳର ଜାତୀୟ ଅଧ୍ୟକ୍ଷ ରହିଥିଲେ। କିନ୍ତୁ ତା' ସତ୍ତ୍ୱେ କଂଗ୍ରେସ ଦଳ ୨୦୧୪ ପରି ୨୦୧୯ରେ ମଧ୍ୟ ଲୋକସଭାରେ ସ୍ୱୀକୃତିପ୍ରାପ୍ତ ବିରୋଧୀ ଦଳ ପାଇଁ ଆସନ ହାସଲ କରିପାରିଲା ନାହିଁ। ନିଜେ ରାହୁଲ ଗାନ୍ଧି ୨୦୧୯ରେ ପାରମ୍ପାରିକ ଆମେଥି ଆସନରେ ପରାଜିତ ହୋଇଥିଲେ। ଯଦିଓ ସେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କେରଳର ଅନ୍ୟ ଏକ ଆସନ ୱାଇନାଡ଼ରୁ ବିପୁଳ ଭୋଟରେ ବିଜୟୀ ହୋଇଥିଲେ। ବିଜେପି ସହିତ ଯେଉଁ ସବୁ ରାଜ୍ୟମାନଙ୍କରେ କଂଗ୍ରେସର ସିଧାସଳଖ ପ୍ରତିଦ୍ୱନ୍ଦ୍ୱୀ ହୋଇଥିଲା ସେଥିମଧ୍ୟରୁ ପ୍ରାୟ ୮୫ ଭାଗ ଆସନରେ କଂଗ୍ରେସ ପ୍ରାର୍ଥୀ ପରାଜିତ ହୋଇଥିଲେ।

ଏହିସବୁ କାରଣରୁ ରାହୁଲ ଗାନ୍ଧିଙ୍କ ନେତୃତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ପୂର୍ବରୁ ସେ ୨୦୧୯ ନିର୍ବାଚନ ପରାଜୟର ନୈତିକ ଦାୟିତ୍ୱ ବହନ କରି କଂଗ୍ରେସ ସଭାପତି ଆସନରୁ ବିଦାୟ ନେଇଥିଲେ। ସୋନିଆ ଗାନ୍ଧିଙ୍କ ବାର୍ଦ୍ଧକ୍ୟ ଅବସ୍ଥା ସହିତ ଅସୁସ୍ଥତା ଯୋଗୁ କଂଗ୍ରେସର କେନ୍ଦ୍ରୀୟ ନେତୃତ୍ୱରେ ଏକ ସଂକଟ ଦେଖାଯାଇଥିଲା। ଏହି କାରଣରୁ ଦଳ ଭିତରେ ପ୍ରାୟ ୨୩ ଜଣ ବରିଷ୍ଠ କଂଗ୍ରେସ ନେତା ସାଂଗଠନିକ ଅବ୍ୟବସ୍ଥା ନେଇ ଦଳର କାର୍ଯ୍ୟକାରୀ ସଭାପତି ସୋନିଆ ଗାନ୍ଧିଙ୍କୁ ପତ୍ର ଲେଖିଥିଲେ। ସେମାନଙ୍କ ପତ୍ରରେ ମୋଟାମୋଟି ଭାବରେ ରାହୁଲ ଗାନ୍ଧିଙ୍କ ନେତୃତ୍ୱ ଓ ଦଳ ପରିଚାଳନା ନେଇ ପ୍ରଶ୍ନ ଉତ୍ଥାପନ କରିଥିଲେ। ଏହି ସମୟରେ ଉତ୍ତର ପ୍ରଦେଶ, ପଞ୍ଜାବ, ଉତ୍ତରାଖଣ୍ଡ, ଆସାମ ଓ ଗୋଆ ପ୍ରଭୃତି ରାଜ୍ୟରେ ଯେଉଁ ନିର୍ବାଚନ ହେଲା ସେଥିରେ କଂଗ୍ରେସର ଦୁର୍ଦ୍ଦଶା ଅଧିକ ପ୍ରତିଫଳିତ ହେଲା। କଂଗ୍ରେସ ପଞ୍ଜାବରୁ କ୍ଷମତା ହରାଇଲା। ଏଥି ଯୋଗୁ ରାହୁଲ ଗାନ୍ଧିଙ୍କ ବିରୋଧରେ ଏକ ଅସନ୍ତୋଷର ବାତାବରଣ ସୃଷ୍ଟି ପାଇଁ ଅବକାଶ ସୃଷ୍ଟି ହେଲା। ଯଦିଓ ମୋଦି ସରକାରଙ୍କ ତ୍ରୁଟିପୂର୍ଣ୍ଣ ଜିଏସଟି, ବିମୁଦ୍ରାକରଣ, ଦରଦାମ ବୃଦ୍ଧି, ବେକାରୀ ପ୍ରସଂଗଗୁଡ଼ିକ ସହିତ ଚୀନ୍ ସୀମାନ୍ତରେ ବା ଲଦାଖରେ ଭାରତୀୟ ଅଞ୍ଚଳକୁ ଚୀନ୍ ସେନା ପ୍ରବେଶ କରିବା ନେଇ ସେ ବରାବର କେନ୍ଦ୍ର ସରକାରଙ୍କୁ ସମାଲୋଚନା କରୁଥିଲେ। ଜାତୀୟ ଗଣମାଧ୍ୟମ ତାଙ୍କୁ ବିଶେଷ ଗୁରୁତ୍ୱ ଦେଉନଥିଲେ ମଧ୍ୟ ସାମାଜିକ ଗଣମାଧ୍ୟମ ଜରିଆରେ ରାହୁଲ ଗାନ୍ଧି ବରାବର ମୋଦି ସରକାରଙ୍କ ଦୁର୍ବଳତାକୁ ଖୋଲାଖୋଲି ପ୍ରକାଶ କରୁଥିଲେ।

ଏହି ସମୟରେ କଂଗ୍ରେସ ଦଳ ପକ୍ଷରୁ ରାହୁଲଙ୍କ ନେତୃତ୍ୱରେ ଭାରତଯୋଡ଼ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। କନ୍ୟାକୁମାରୀଠାରୁ ଶ୍ରୀନଗର ପର୍ଯ୍ୟନ୍ତ ଦୀର୍ଘ ୩୬୦୦ କିଲୋମିଟରର ରାସ୍ତାକୁ ସେ ପାଦରେ ଚାଲି ଚାଲି ଓ ସବୁ ସ୍ଥାନରେ ହଜାର ହଜାର ଲୋକଙ୍କ ଗହଣରେ ୧୦୦ ଦିନରେ ଅତିକ୍ରମ କରିଥିଲେ। ଏହି ଭାରତଯୋଡ଼ ଯାତ୍ରାରେ ସେ କ୍ଷମତା ପାଇଁ ତାଙ୍କର ଏହା ପଦଯାତ୍ରା ନକହି ଭାରତୀୟ ସମାଜକୁ ଭାଗ ଭାଗ କରିଦେବା ପାଇଁ ଚାଲିଥିବା ଉଦ୍ୟମ ବିରୋଧରେ ସମସ୍ତଙ୍କୁ ଏକାଠି କରିବା ତାଙ୍କର ଲକ୍ଷ୍ୟ ବୋଲି କହୁଥିଲେ। ହିନ୍ଦୁ-ମୁସଲମାନ ବିଭାଜନ ପ୍ରସଂଗ ଜରିଆରେ ଲୋକମାନଙ୍କର ଦରବୃଦ୍ଧି ଓ ବେକାରୀ ପ୍ରଭୃତି ସମସ୍ୟା ସହିତ କୃଷକମାନଙ୍କର ସମସ୍ୟାକୁ ଏଡ଼ାଇ ଦିଆଯାଉଥିବା ପ୍ରସଂଗଗୁଡିକ ଯାତ୍ରା ସମୟରେ ଉତ୍ଥାପନ କରି କ୍ରୋନି ପୁଞ୍ଜିବାଦ ଜରିଆରେ ମୁଷ୍ଟିମେୟ ବଡ଼ କମ୍ପାନୀଗୁଡିକୁ କିପରି ଆଖିବୁଜା ସହାୟତା ଦିଆଯାଉଛି, ସେସବୁ ବିଷୟରେ ଉଲ୍ଲେଖ କରି ଆଦାନୀ-ଅମ୍ବାନୀ ପ୍ରସଂଗ ଉଠାଉଥିଲେ।



ଭାରତଯୋଡ଼ ଯାତ୍ରାର ସଫଳତା ପରେ ରାହୁଲ ଗାନ୍ଧିଙ୍କର ଏକ ନୂଆ ଭାବମୂର୍ତ୍ତୀ ହାସଲ ହୋଇଥିଲା। କାରଣ ଏହିଯାତ୍ରା ସମୟରେ ଭାରତର ଖ୍ୟାତାନାମା ଲେଖକ, କଳାକାର, ସାମାଜିକ କର୍ମୀ ଓ ଚଳଚ୍ଚିତ୍ର ଅଭିନେତା ଅଭିନେତ୍ରୀମାନେ ଭାରତଯୋଡ଼ ଯାତ୍ରାରେ ସାମିଲ ହୋଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହି ସମୟରେ ହୋଇଥିବା ନିର୍ବାଚନରେ ଗୁଜରାଟରେ କଂଗ୍ରେସର ବିପର୍ଯ୍ୟୟ ହୋଇଥିଲେ ମଧ୍ୟ ହିମାଚଳ ପ୍ରଦେଶରେ କଂଗ୍ରେସ କ୍ଷମତା ହାସଲ କରିଥିଲା। ଯଦିଓ ରାହୁଲଙ୍କ ଭାରତଯୋଡ଼ ଯାତ୍ରାର ଏହା ଉପରେ ବିଶେଷ ପ୍ରଭାବ ନଥିଲା ଓ ରାହୁଲଙ୍କୁ କେନ୍ଦ୍ର କରି କଂଗ୍ରେସର ସାଂଗଠନିକ ଶକ୍ତି ବୃଦ୍ଧି ହେଉଥିବାର ବିଶେଷ ସୂଚନା ମିଳିନଥିଲା। କିନ୍ତୁ ଭାରତଯୋଡ଼ ଯାତ୍ରା ସମୟରେ ରାହୁଲ ଗାନ୍ଧି ଯେଉଁସବୁ ପ୍ରସଂଗ ଉଠାଇଥିଲେ ତାହାକୁ ଆହୁରି ଶାଣିତ କରିବା ପାଇଁ ପାର୍ଲାମେଂଟର ବଜେଟ୍ ଅଧିବେଶନର ପ୍ରଥମ ଭାଗରେ ରାଷ୍ଟ୍ରପତିଙ୍କୁ ଧନ୍ୟବାଦ ପ୍ରସ୍ତାବ ଉପରେ ପ୍ରାୟ ୫୦ ମିନିଟରୁ ଊର୍ଦ୍ଧ୍ୱ ସମୟ ଭାଷଣ ଦେଇ କିପରି ଭାବରେ ମୋଦିଙ୍କ ଶାସନ କାଳରେ ବିଶ୍ୱର ୬୦୯ ସ୍ଥାନରେ ଥିବା ଗୌତମ ଆଦାନୀଙ୍କର ସଂପତ୍ତି ବିଶ୍ୱ ଧନୀକ ତାଲିକାରେ ଦୁଇ ନମ୍ବର ସ୍ଥାନରେ ପହଂଚିଲା, ସେ ବିଷୟରେ ଶାଣିତ ଅଭିଯୋଗ କରିଥିଲେ। ସେତେବେଳକୁ ଆମେରିକାର ଏକ ଗବେଷଣା ସଂସ୍ଥା ହିଣ୍ଡେନବର୍ଗ ଆଦାନୀ କିପରି ଭାବରେ ଅଳ୍ପ ସମୟ ଭିତରେ ଏତେବଡ଼ ଧନୀ ବ୍ୟକ୍ତିରେ ପରିଣତ ହୋଇଛନ୍ତି, ସେ ସଂପର୍କରେ ୮୦ରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରକାଶ କରିଥିଲା। ରାହୁଲ ଗାନ୍ଧି ପାର୍ଲାମେଂଟ ଭାଷଣରେ ଗୌତମ ଆଦାନୀଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ସଂପର୍କ ନେଇ ବିମାନ ଫଟୋ ଦେଖାଇବା ସହିତ ବିମାନ ବନ୍ଦର, ସମୁଦ୍ର ବନ୍ଦର, ବିଦ୍ୟୁତ, କୋଇଲା, ଗ୍ରୀନ୍ ଏନର୍ଜି, ସିମେଂଟ ଓ ଦେଶରକ୍ଷା ସାମଗ୍ରୀ ପ୍ରସ୍ତୁତ ସହିତ ସବୁକ୍ଷେତ୍ରରେ ସରକାରୀ ସାହାଯ୍ୟ ଯୋଗୁ ପ୍ରବେଶ କରିଛନ୍ତି ତାହା ଉଲ୍ଲେଖ କରିଥିଲେ। ବାସ୍ତବରେ ରାହୁଲଙ୍କ ଭାଷଣର ଅନେକ ଭାଗକୁ ବାଚସ୍ପତି ବିବରଣୀରୁ ବାଦ୍ ଦେଇଥିଲେ ମଧ୍ୟ ପ୍ରଧାନମନ୍ତ୍ରୀ ଏସବୁ ବିଷୟରେ ପଦୁଟିଏ କହିନଥିଲେ।

ଏହି ସମୟରେ ରାହୁଲ ଗାନ୍ଧିଙ୍କ ବିରୋଧରେ ୨୦୧୯ ନିର୍ବାଚନରେ ସେ କର୍ଣ୍ଣାଟକରେ ଦେଇଥିବା ଏକ ଭାଷଣରେ ମୋଦି ସାଙ୍ଗିଆଧାରୀଙ୍କୁ ଚୋର ବୋଲି ଉଲ୍ଲେଖ କରି ଯେଉଁ ମନ୍ତବ୍ୟ ଦେଇଥିଲେ ତାହା ଉପରେ ଗୁଜରାଟର ସୁରଟରେ ବିଜେପି ବିଧାୟକ ଥିବା ଜଣେ ମୋଦି ମାନହାନି ମାମଲା କରିଥିଲେ। ସେହି ମାମଲାରେ ଗତ ୪ବର୍ଷଧରି କୌଣସି ଅଗ୍ରଗତି ହୋଇନଥିଲେ ମଧ୍ୟ ଆଦାନୀଙ୍କ ବିରୋଧରେ ପାର୍ଲାମେଂଟରେ ରାହୁଲ ଗାନ୍ଧି ଫେବୃଆରୀ ୬ରେ ଭାଷଣ ପରେ ସେହି ମାମଲା ଫେବୃଆରୀ ୧୭ରୁ ତ୍ୱରାନ୍ୱିତ ହୋଇଥିଲା। ଗୋଟିଏ ମାସ ମଧ୍ୟରେ ମାମଲାର ଚୂଡ଼ାନ୍ତ ବିଚାର ଶେଷ କରିଦିଆଯାଇ ଗତ ସପ୍ତାହରେ ସୁରଟ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ୨ ବର୍ଷର ଜେଲ୍ ଦଣ୍ଡାଦେଶ ପ୍ରଦାନ କରିଛନ୍ତି। ସାଧାରଣତଃ କୌଣସି ମାନହାନି ସଂପର୍କୀୟ ଅପରାଧମୂଳକ ମାମଲାରେ କେହି ଦୋଷୀ ସାବ୍ୟସ୍ତ ହେଲେ ମଧ୍ୟ ସର୍ବାଧିକ ୬ ମାସ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ପାଆନ୍ତି। ଅନେକ ଆସାମୀମାନଙ୍କୁ କେବଳ ଭର୍ତ୍ସନା କରାଯାଇ ଖଲାସ କରିଦିଆଯାଏ। କିନ୍ତୁ ରାହୁଲଙ୍କ କ୍ଷେତ୍ରରେ ପ୍ରଥମଥର ପାଇଁ ଏହି ଅପରାଧମୂଳକ ମାନହାନି ମାମଲାରେ ତାଙ୍କୁ ଆଇନରେ ଥିବା ବ୍ୟବସ୍ଥାରେ ସର୍ବୋଚ୍ଚ ଦଣ୍ଡାଦେଶ ଦୁଇବର୍ଷ ଜେଲ୍ ଦଣ୍ଡ ସହିତ ଜରିମାନା ପାଇଁ ଆଦେଶ ପ୍ରକାଶ ପାଇଲା। ଏହି ଅପରାଧୀ ମାମଲାର ଗୁରୁତ୍ୱକୁ ଦେଖିଲେ ଓ ଏହିସବୁ ମାମଲା ଯେପରି ପରିଚାଳିତ ହୁଏ ସେସବୁକୁ ଅନୁଧ୍ୟାନ କଲେ ସର୍ବାଧିକ ୨ ବର୍ଷର ଜେଲ୍ ଦଣ୍ଡାଦେଶକୁ ସହଜରେ କେହି ଗ୍ରହଣ କରିପାରୁ ନାହାନ୍ତି। କିନ୍ତୁ ଏହି ଆଦେଶ ପ୍ରକାଶ ପରେ ରାହୁଲଙ୍କୁ ଜାମିନ ପ୍ରଦାନ କରାଯାଇ ଏକ ମାସ ଭିତରେ ଅପିଲ୍ ପାଇଁ ସୁଯୋଗ ଦିଆଯାଇଥିବା ସତ୍ତ୍ୱେ ଆଦେଶର ୨୪ ଘଂଟା ନପୂରୁଣୁ ରାହୁଲଙ୍କୁ ପାର୍ଲାମେଂଟର ସଦସ୍ୟତା ପଦରୁ ବହିଷ୍କାର କରାଯାଇଛି।

ରାହୁଲ ଗାନ୍ଧିଙ୍କ ବିରୋଧରେ ନ୍ୟାୟିକ ପ୍ରକ୍ରିୟାରେ ଦଣ୍ଡାଦେଶ ହୋଇଥିବା ଓ ସେହି ଆଇନ୍ ବଳରେ ତାଙ୍କୁ ଲୋକସଭା ସଦସ୍ୟ ପଦରୁ ବହିଷ୍କାର କରାଯାଇଥିବା କୁହାଯାଉଥିଲେ ମଧ୍ୟ ସରକାର ବା ପାର୍ଲାମେଂଟ ତରବରିଆ ଭାବରେ ତାଙ୍କୁ ସଦସ୍ୟ ପଦରୁ ବହିଷ୍କାର କରିଥିବାର ଅଭିଯୋଗ ପାଇଁ ପ୍ରକୃଷ୍ଟ କ୍ଷେତ୍ର ରହିଛି। ନ୍ୟାୟିକ ପ୍ରକ୍ରିୟାରେ ସମସ୍ତ କାର୍ଯ୍ୟ ହୋଇଥିବା ଓ ରାହୁଲ ଗାନ୍ଧି ମୋଦି ସଂପ୍ରଦାୟକୁ ଚୋର କରିଥିବା ଯୋଗୁ ପଛୁଆ ବର୍ଗଙ୍କୁ ଅପମାନିତ କରିଥିବା ଅଭିଯୋଗକୁ ସହଜରେ ଅନେକ ଗ୍ରହଣ କରୁନାହାନ୍ତି। କାରଣ ୨୦୧୯ରେ ସେ ଦେଇଥିବା ବକ୍ତବ୍ୟ ଉପରେ ସେ ପଛୁଆ ବର୍ଗଙ୍କୁ ଆକ୍ରମଣ କରିଥିବା କଥା କେବେ ବି ପୂର୍ବରୁ କେହି କହିନାହାନ୍ତି। ଅପରପକ୍ଷରେ ରାହୁଲ ଗାନ୍ଧି ନେତା ଥିବା ସମୟରେ ଯେଉଁ ରାଜ୍ୟମାନଙ୍କରେ କଂଗ୍ରେସ ସରକାର ଗଠିତ ହୋଇଛି ସେଥିରୁ ରାଜସ୍ଥାନ, ଛତିଶଗଡ଼ ଓ କିଛି ସମୟ ପାଇଁ ମଧ୍ୟ ପ୍ରଦେଶରେ ପଛୁଆ ବର୍ଗଙ୍କୁ ମୁଖ୍ୟମନ୍ତ୍ରୀ ଭାବରେ ନିଯୁକ୍ତି ଦିଆଯାଇଛି। ଅପରପକ୍ଷରେ ଗୋଟିଏ ଭାଷଣ ଉପରେ ମାନହାନି ମକଦ୍ଦମା ଜରିଆରେ କୌଣସି ବ୍ୟକ୍ତିଙ୍କୁ ଦୁଇବର୍ଷର ସଜା ହୋଇଥିବାର କୌଣସି ତଥ୍ୟ କେହି ଉପସ୍ଥାପିତ କରିନାହାନ୍ତି। ତେଣୁ ରାହୁଲ ଗାନ୍ଧିଙ୍କ ସଦସ୍ୟ ପଦ ଚାଲିଯିବା ପାଇଁ ତାଙ୍କ ବିରୋଧରେ ଦୁଇବର୍ଷର ଜେଲ୍ ଦଣ୍ଡାଦେଶ କରାଯାଇଛି ଓ ସେହି ଅନୁସାରେ ସଦସ୍ୟ ପଦ ଯାଇଛି ବୋଲି ବିଶ୍ୱାସ ହେଉଥିବାରୁ ରାହୁଲଙ୍କ ପ୍ରତି ହଠାତ୍ ଏକ ଅନୁକମ୍ପା ବିଭିନ୍ନ ମହଲରେ ସୃଷ୍ଟି ହୋଇଛି।

ରାହୁଲ ଗାନ୍ଧି ଲଣ୍ଡନ ଗସ୍ତରେ ଯାଇ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟ ସମେତ ଭାରତୀୟ ସାମ୍ବାଦିକମାନଙ୍କ ଏକ ଆସୋସିଏସନ୍ ବୈଠକରେ ଭାରତର ଗଣତନ୍ତ୍ର ବିପଦରେ ଥିବା ବିଷୟରେ ଯେଉଁ ମନ୍ତବ୍ୟ ଦେଇଛନ୍ତି, ତାହା ଭାରତ ବିରୋଧୀ ବୋଲି ବିଜେପି ଅଭିଯୋଗ କରି ସେ କ୍ଷମା ମାଗିବାକୁ ଜିଦ୍ ଧରି ବସିଥିଲା। ରାହୁଲ ଗାନ୍ଧି ଏ ସଂକ୍ରାନ୍ତରେ ଏକ ବ୍ୟକ୍ତିଗତ ସ୍ପଷ୍ଟୀକରଣ ପାଇଁ ବାଚସ୍ପତିଙ୍କଠାରୁ ଅନୁମତି ଚାହିଁଥିଲେ। କିନ୍ତୁ ତାହା ସମ୍ଭବ ହୋଇନଥିଲା। ପାର୍ଲାମେଂଟର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଏହି ରାହୁଲ ଗାନ୍ଧି କ୍ଷମା ମାଗନ୍ତୁ ବୋଲି ଦାବି ଉପରେ କ୍ରମାଗତ ଭାବରେ ଦୁଇସପ୍ତାହ ଅଚଳ ହେବା ଭିତରେ ବିନା ଆଲୋଚନାରେ କେନ୍ଦ୍ରୀୟ ବଜେଟ୍ ଗୃହୀତ ହୋଇଛି। ଏହି ପରିପ୍ରେକ୍ଷୀରେ ରାହୁଲ ଗାନ୍ଧିଙ୍କ ବିରୋଧରେ ସୁରଟ ଅଦାଲତରେ ଦଣ୍ଡାଦେଶ ଓ ତାହାକୁ ଭିତ୍ତି କରି ତାଙ୍କୁ ସଦସ୍ୟ ପଦରୁ ହଟାଇ ଦିଆଯିବା ଘଟଣାରେ ସ୍ୱାଭାବିକ ଭାବରେ ତାଙ୍କ ପ୍ରତି ଅନୁକମ୍ପା ସୃଷ୍ଟି ହୋଇଛି। ଯେଉଁ ବିରୋଧୀ ଦଳ ନେତାମାନେ କଂଗ୍ରେସ ଦଳକୁ ବା ରାହୁଲ ଗାନ୍ଧିଙ୍କୁ ସହ୍ୟ କରନ୍ତି ନାହିଁ, ସେହି ଦଳର ନେତାମାନେ ମଧ୍ୟ ରାହୁଲଙ୍କୁ ବହିଷ୍କାର କରାଯିବା ଗଣତନ୍ତ୍ର ଉପରେ ଏକ ପ୍ରଚଣ୍ଡ ଆକ୍ରମଣ ବୋଲି ଅଭିହିତ କରିଛନ୍ତି।

ମୋଟାମୋଟି ଭାବରେ ଆମ୍ ଆଦମୀ ପାର୍ଟିଠାରୁ ଆରମ୍ଭ କରି ସମାଜବାଦୀ ପାର୍ଟି, ମମତା ବାନାର୍ଜୀ, କେସିଆର, ଷ୍ଟାଲିନ୍, ଏନସିପି ଓ କମ୍ୟୁନିଷ୍ଟ ପାର୍ଟି ସମେତ ସବୁ ଅଣ-ବିଜେପି ଦଳ ରାହୁଲ ଗାନ୍ଧିଙ୍କ ବହିଷ୍କାର ଆଦେଶକୁ ନିନ୍ଦା କରିଛନ୍ତି। ଆଇନଗତ ଭାବରେ ଏହି ଲଢ଼େଇର ନିଷ୍ପତ୍ତି ଉଚ୍ଚ ଅଦାଲତରେ ହେବ। କିନ୍ତୁ ରାଜନୈତିକ ସ୍ତରରେ ସମୁଦାୟ ପରିବେଶଟି ରାହୁଲଙ୍କ ଅନୁକୂଳ ହୋଇଛି। ଫଳରେ ରାହୁଲ ଅନୁକମ୍ପା ପାଇବା ସହିତ ଲୋକତନ୍ତ୍ର ପ୍ରତିଷ୍ଠା ପାଇଁ ବିରୋଧୀ ଦଳମାନଙ୍କ ପ୍ରୟାସରେ ସେ ମୁଖ୍ୟ ସ୍ରୋତ ହେବାର ସମ୍ଭାବନା ସୃଷ୍ଟି ହୋଇଛି।

## ମୋଦିଙ୍କ ବିରୋଧରେ ମାନହାନୀ ମାମଲା କରିବେ ରେଣୁକା

ନୂଆଦିଲ୍ଲୀ: ୨୦୧୮ରେ ସଂସଦରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଇଥିବା ବୟାନକୁ ନେଇ କଂଗ୍ରେସ ନେତ୍ରୀ ରେଣୁକା ଚୌଧୁରୀ ପ୍ରତିଶୋଧ ନେବେ ବୋଲି ଚେତାବନୀ ଦେଇଛନ୍ତି। ୨୦୧୮ରେ ସଂସଦରେ ମୋଦି ଦେଇଥିବା ସୁର୍ପଣଖା ମନ୍ତବ୍ୟ ଲାଗି ତାଙ୍କ ନାମରେ କଂଗ୍ରେସ ନେତ୍ରୀ ରେଣୁକା ଚୌଧୁରୀ ମାନହାନି ମାମଲା ଦାଏର କରିବେ ବୋଲି କହିଛନ୍ତି। ମୋଦୀ ସୁର୍ପଣଖା କଥା କହୁଥିବା ସଂସଦୀୟ ଅଧିବେଶନର ଗୋଟିଏ ପୁରୁଣା ଭିଡିଓ କ୍ଲିପ୍ ଟ୍ୱିଟ୍ କରି ରେଣୁକା ଲେଖିଛନ୍ତି: ଦେଖିବା, ଅଦାଲତ ଏବେ କେତେ ତତ୍ପରତା ପ୍ରକାଶ କରୁଛି । ସଂସଦୀୟ ଅଧିବେଶନର ଏହି ଭିଡିଓରେ ପ୍ରଧାନମନ୍ତ୍ରୀ ମୋଦି ରେଣୁକାଙ୍କ ନାମ ଉଲ୍ଲେଖ ନ କରି ତାଙ୍କ ହସକୁ ଧାରାବାହିକ ରାମାୟଣର ଚରିତ୍ର ସୁର୍ପଣଖାର ଅଟ୍ଟହାସ୍ୟ ସହିତ ତୁଳନା କରିଥିଲେ। ଧାରାବାହିକ ରାମାୟଣ ପ୍ରସାରଣ କରାଯିବାର ବହୁବର୍ଷ ଅତିକ୍ରାନ୍ତ ହେବା ପରେ ଏ ପ୍ରକାର ହସ ଶୁଣିବାକୁ ମିଳିଲା କହି ମୋଦି କଟାକ୍ଷ କରିଥିଲେ। ତେଣୁ ରେଣୁକା ଚୌଧୁରୀଙ୍କୁ କହିବାକୁ ଅନୁମତି ଦିଆଯାଉ ବୋଲି ମୋଦି ରାଜ୍ୟସଭା ଅଧ୍ୟକ୍ଷଙ୍କୁ ଅନୁରୋଧ କରିଥିଲେ। ରେଣୁକା କହିଛନ୍ତି, ଗୃହରେ ମୋତେ ହିଁ ସୁର୍ପଣଖା ବୋଲି ଦର୍ଶାଇ କଦର୍ଯ୍ୟ ମନ୍ତବ୍ୟ ଦିଆଯାଇଥିଲା। ମୁଁ ତାଙ୍କ ନାମରେ ମାନହାନି ମୋକଦ୍ଦମା କରିବି। ଦେଖିବା, ଏହି ମାମଲାକୁ ଅଦାଲତ କେତେ ଗୁରୁତର ସହ ନେଉଛନ୍ତି। ସୂଚନା ଅନୁଯାୟୀ, ଗୁଜରାଟ ସୁରତ ସହରର ଏକ



ଅଦାଲତ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ 'ମୋଦୀ' ସାଙ୍ଗିଆ ଉପରେ କଟୁ ମନ୍ତବ୍ୟ ଦେବା ପାଇଁ ତାଙ୍କ ବିରୋଧରେ ଦାୟର ହୋଇଥିବା ଅପରାଧିକ ମାନହାନି ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୨ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଅବଶ୍ୟ ଏହାପରେ ରାହୁଲଙ୍କୁ ୩୦ ଦିନ ଜାମିନ ପ୍ରଦାନ କରାଯାଇଛି। ଏହି ସମୟ ମଧ୍ୟରେ ସେ ଏହି ରାୟ ବିରୋଧରେ ଉପର କୋର୍ଟରେ ଆବେଦନ କରିପାରିବେ।

### ରାହୁଲଙ୍କ ପ୍ରସଙ୍ଗରେ ବିଜେପିକୁ ବାଣ ମାରିଲେ ନିର୍ବାଚନ ରଣନୀତିଜ୍ଞ ପିକେ

## ବାଜପେୟୀ କହିଥିଲେ, ଛୋଟ ମନରେ କେହି ବଡ଼ ବନି ଯାଆନ୍ତି ନାହିଁ

ନୂଆଦିଲ୍ଲୀ: ବିଜେପିକୁ ଟାର୍ଗେଟ କରିଛନ୍ତି ନିର୍ବାଚନ ରଣନୀତିଜ୍ଞ ପ୍ରଶାନ୍ତ କିଶୋର ଓରଫ ପିକେ। ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ଅଟଳ ବିହାରୀ ବାଜପେୟୀଙ୍କ ଗୋଟିଏ ଉକ୍ତିକୁ ସେ ମନେପକାଇ ବିଜେପିକୁ ବାଣ ମାରିଛନ୍ତି। ଅପରାଧିକ ମାନହାନୀ ମାମଲାରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଦୋଷୀ ସାବ୍ୟସ୍ତ ହେବା ଓ ତାଙ୍କ ସଦସ୍ୟ ପଦକୁ ରଦ୍ଦ କରିଯିବା ପ୍ରସଙ୍ଗରେ ପିକେ ମୁହଁ ଖୋଲିଛନ୍ତି। ରାହୁଲ ଗାନ୍ଧିଙ୍କ ବିରୋଧରେ ଅତ୍ୟଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ସେ କହିଛନ୍ତି। ପିକେ କହିଛନ୍ତି, "ଗୋଟିଏ ମାନହାନୀ କେସ୍‌ରେ ୨ ବର୍ଷ ଜେଲଦଣ୍ଡ ଅତ୍ୟଧିକ କାର୍ଯ୍ୟାନୁଷ୍ଠାନ ସହ ସମାନ। ମୁଁ କେନ୍ଦ୍ରରେ ଥିବା ସରକାରଙ୍କୁ ଅଟଳ ବିହାରୀ ବାଜପେୟୀଙ୍କ ଗୋଟିଏ କଥା ମନେ ପକାଇ ଦେବାକୁ ଚାହେଁ। ବାଜପେୟୀ କହିଥିଲେ, ଛୋଟ ମନରେ କେହି ବଡ଼ ବନି ଯାଆନ୍ତି ନାହିଁ। ବିଧିବ୍ୟବସ୍ଥା ପଛରେ ସବୁ କିଛି ଲୁଚି ଯାଇପାରେ। ଦଣ୍ଡାଦେଶ ମିଳିଥିବାରୁ ରାହୁଲ ଗାନ୍ଧିଙ୍କ ସଦସ୍ୟତା ପଦ ରଦ୍ଦ ହେବା ନିଶ୍ଚିତ ଥିଲା ବୋଲି କୁହାଯାଇ ପାରେ। ତଥାପି ମୁଁ ସେମାନଙ୍କୁ(ବିଜେପି) କହିବାକୁ ଚାହେଁ ଯେ ବାଜପେୟୀଙ୍କ ବହିର ଗୋଟିଏ ପର୍ଦ୍ଦ ଉଠାଇବା ଦରକାର। ସେମାନେ ନିଜର ମହାନ ନେତାଙ୍କୁ ମନେ ପକାଇବାର ଥିଲା ଓ ରାହୁଲ ଗାନ୍ଧିଙ୍କୁ ତରବରିଆ ଭାବେ ଅଯୋଗ୍ୟ କରିବାର ନଥିଲା।"



ପିକେ ଆହୁରି କହିଛନ୍ତି, "ସେମାନେ(ବିଜେପି) ଆଜି କ୍ଷମତାରେ ଅଛନ୍ତି। ବଡ଼ ହୃଦୟ ଦେଖାବାର ଦାୟିତ୍ୱ ସେମାନଙ୍କ ଉପରେ ରହିଛି। ସେମାନଙ୍କୁ କିଛି ଦିନ ଅପେକ୍ଷା କରିବା ଥିଲା। ଦଣ୍ଡ ପାଇଥିବା ଦଳ ଆବେଦନ କରିଥାଆନ୍ତା। ଯଦି ଆଶ୍ୱସ୍ତି ମିଳି ନଥାଆନ୍ତା, ତା'ହେଲେ ସେମାନେ ପଦକ୍ଷେପ ନେଇଥାଆନ୍ତେ।

ମୁଁ ଜଣେ ଆଇନ ବିଶେଷଜ୍ଞ ନୁହଁ। କିନ୍ତୁ ଆଇନକୁ ସମ୍ମାନ ଜଣାଇ କହୁଛି ଯେ ରାହୁଲଙ୍କୁ ମିଳିଥିବା ଦଣ୍ଡ ଅତ୍ୟଧିକ। ନିର୍ବାଚନ ସମୟରେ ନେତାମାନେ ଅନେକ କଥା କୁହନ୍ତି। ରାହୁଲ ପ୍ରଥମଥର ପାଇଁ ଏମିତି କହିନାହାନ୍ତି। ସେହିପରି ରାହୁଲଙ୍କ ଠାରେ ଏହା ବନ୍ଦ ମଧ୍ୟ ହେବନି।"

# 'କଂଗ୍ରେସ କ୍ଷମତାକୁ ଆସିଲେ ମାଗଣା ବିଜୁଳି, ଗ୍ରାଜ୍ୟୁଏଟ୍ ମିଳିବ ମାସିକ ୩ ହଜାର'

ନୂଆଦିଲ୍ଲୀ: ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା କର୍ଣ୍ଣାଟକରେ କଂଗ୍ରେସ ପାଇଁ ପ୍ରଚାର କରିଛନ୍ତି ରାହୁଲ ଗାନ୍ଧି। ସେ ବିଜେପିକୁ ଗାଦିଚ୍ୟୁତ କରିବାକୁ ଆହ୍ୱାନ ଦେବା ସହ କଂଗ୍ରେସ କ୍ଷମତାକୁ ଆସିଲେ, କ'ଣ ସବୁ କରିବ ସେକଥା ସମସ୍ତଙ୍କୁ କହିଛନ୍ତି। କର୍ଣ୍ଣାଟକାରେ ଚାକିରି ପାଇ ନଥିବା ଗ୍ରାଜ୍ୟୁଏଟମାନଙ୍କୁ କଂଗ୍ରେସ କ୍ଷମତାକୁ ଆସିଲେ ୨ ବର୍ଷ ଯାଏ ମାସିକ ୩ ହଜାର ଟଙ୍କା ଲେଖାଏ ଦେବ। ସେହିପରି ଡିପ୍ଲୋମାଧାରୀମାନେ ମାସିକ ୧୫ ଶହ ଟଙ୍କା ଲେଖାଏ ପାଇବେ। ସେମାନଙ୍କୁ ମଧ୍ୟ ୨ ବର୍ଷ ଯାଏ ଏପରି ଭତ୍ତା ଯୋଗାଇ ଦିଆଯିବ। ଲୋକଙ୍କୁ ମାଗଣା ବିଜୁଳି ମଧ୍ୟ କଂଗ୍ରେସ କ୍ଷମତାକୁ ଆସିଲେ ଦେବ ବୋଲି ରାହୁଲ ପ୍ରତିଶ୍ରୁତି ଦେଇଛନ୍ତି। ବେଲଗାଭିରେ ଲୋକଙ୍କୁ ନିଜ ଆଡ଼କୁ ଆଣିବା ପାଇଁ ରାହୁଲ ଗାନ୍ଧି ପୂରା ପ୍ରୟାସ କରିଛନ୍ତି। ନିଯୁକ୍ତି, ଦୁର୍ନୀତି ଓ ୪୦% କମିସିନି ବ୍ୟବସ୍ଥା ଆଦି ପ୍ରସଙ୍ଗକୁ ଆଧାର କରି ସେ ବିଜେପି ଉପରେ ବର୍ଷିଛନ୍ତି।

ସେ କହିଛନ୍ତି, "ଭାରତ ଯୋଡ଼ୋ ଯାତ୍ରା ବେଳେ ଯୁବକ/ଯୁବତୀମାନେ ମୋ ପାଖକୁ ଆସିଥିଲେ ଓ ରାଜ୍ୟରେ ସେମାନଙ୍କ ପାଇଁ କୌଣସି ଚାକିରି ନଥିବା କହିଥିଲେ। ତେଣୁ କଂଗ୍ରେସ କ୍ଷମତାକୁ ଆସିଲେ, ପ୍ରତ୍ୟେକ ଗ୍ରାଜ୍ୟୁଏଟଙ୍କୁ ୨ ବର୍ଷ ଯାଏ ମାସିକ ୩ ହଜାର ଓ ଡିପ୍ଲୋମା ଧାରୀଙ୍କୁ ମାସିକ ୧୫ଶହ ଟଙ୍କା ଲେଖାଏ ଭତ୍ତା ଆକାରରେ ଦେବ। ଆମେ ସେଇଠାରେ ରହିଯିବୁନି। ଆମେ ୫ ବର୍ଷ ମଧ୍ୟରେ ୧୦ ଲକ୍ଷ ଯୁବଗୋଷ୍ଠୀଙ୍କୁ ଚାକିରି ଦେବୁ ଓ ରାଜ୍ୟରେ ଖାଲି ପଡ଼ିଥିବା ୨.୫ ଲକ୍ଷ ପଦବୀ ପୂରଣ କରିବୁ। ଯାତ୍ରା ସମୟରେ ମହିଳାମାନେ ମଧ୍ୟ ସେମାନଙ୍କ ସମସ୍ୟା ସମ୍ପର୍କରେ କହିଥିଲେ। ବିପିଏଲ ତାଲିକାରେ ଥିବା ମହିଳାମାନଙ୍କୁ ମାସକୁ ୩ ହଜାର ଟଙ୍କା ଓ ପରିବାର ପିଛା ୧୦ କେଜି ଚାଉଳ ଯୋଗାଇ ଦେବୁ। ସେମାନଙ୍କୁ ୨ ହଜାର ୟୁନିଟ ଯାଏ ମାଗଣା ବିଜୁଳି ମଧ୍ୟ ମିଳିବ।" ରାହୁଲ ଗାନ୍ଧି କହିଛନ୍ତି, ଭାରତ ଯୋଡ଼ୋ ଯାତ୍ରା ବେଳେ ସମସ୍ତେ ଏକାଠି ହୋଇ ଚାଲିଥିଲେ। କାହା ମନରେ ଘୃଣା ଓ ହିଂସା ନଥିଲା। ସମସ୍ତଙ୍କ ମଧ୍ୟରେ ଭାଇଚାରା ରହିଥିଲା। ଲକ୍ଷାଧିକ ଲୋକ ଘୃଣାର ବଜାରରେ ପ୍ରେମର ଦୋକାନ ଖୋଲିଛନ୍ତି। ଏହା ହେଉଛି ଆମ ଭାରତ। ଏହି ଦେଶ ସମସ୍ତଙ୍କର। ଏହା କେବଳ କିଛି ସୀମିତ ଲୋକଙ୍କର ନୁହେଁ। ଦେଶ ଆଦାନିଙ୍କର ନୁହେଁ। ଚାଷୀ, ଶ୍ରମିକ, ଗରିବ ଓ ଯୁବଗୋଷ୍ଠୀଙ୍କର ମଧ୍ୟ ଏହି ଦେଶ ଉପରେ ଅଧିକାର ରହିଛି ବୋଲି ରାହୁଲ କହିଛନ୍ତି।



କଂଗ୍ରେସ କ୍ଷମତା ଦଖଲ କରିବ ବୋଲି ଦମ୍ଭୋକ୍ତି କରି ରାହୁଲ କହିଛନ୍ତି, "ଆମେ ନିର୍ବାଚନରେ ଲଢ଼େଇ କରିବୁ ଓ ରାଜ୍ୟରେ ବିଜୟୀ ହେବୁ। କାରଣ ଲୋକମାନେ ବିଜେପି ସରକାରକୁ ହଟାଇବାକୁ ଚାହୁଁଛନ୍ତି। ଆମେ ସମସ୍ତେ ମିଳିତ ଭାବେ ବଡ଼ ଜନାଦେଶ ସହ ବିଜେପିକୁ ହରାଇବା।"

## ଖରାଦିନେ ନିଷ୍ଚୟ ଖାଆନ୍ତୁ
# ସବୁଜ ପରିବା

ଖରାଦିନ ଆରମ୍ଭ ହୋଇ ସାରିଲାଣି । ଖରାଦିନେ ଶରୀରରେ ଜଳୀୟ ଅଂଶର ଅଭାବ ହେବା ସହ ସ୍ୱାସ୍ଥ୍ୟ ଜନିତ ଅନେକ ସମସ୍ୟା ଦେଖାଦେଇଥାଏ। ତେଣୁ ଏହି ଦିନେ ସ୍ୱାସ୍ଥ୍ୟ ପ୍ରତି ଅଧିକ ଯତ୍ନବାନ୍ ହେବା ଆବଶ୍ୟକ। ଖରାଦିନେ ଶରୀରକୁ ଶୀତଳ ରଖିବା ସହ ଆବଶ୍ୟକୀୟ ପରିମାଣରେ ଶରୀରରେ ଜଳର ଅଭାବ ଦୂର କରୁଥିବା ଖାଦ୍ୟ ସେବନ କରିବା ଉଚିତ। ଏହାଦ୍ୱାରା ଶରୀର ଠାରୁ ରୋଗ ଦୂରେଇ ରହିବାରେ ସହାୟକ ହୋଇଥାଏ। ଖରାଦିନେ ଶୀତଦିନ ଅପେକ୍ଷା କମ୍ ଭୋକ ହୋଇଥାଏ। ଖରାଦିନେ ସଠିକ୍ ଭାବେ ଖାଦ୍ୟ ସେବନ ନକରିବା ଦ୍ୱାରା ବାନ୍ତି, ପେଟ ଜନିତ ସମସ୍ୟା, କୋଷ୍ଠକାଠିନ୍ୟ, ଗ୍ୟାଷ୍ଟ୍ରିକ, ଏସିଡିଟି ଭଳି ସମସ୍ୟା ହୋଇଥାଏ। କିଛି ସ୍ୱତନ୍ତ୍ର ପନିପରିବା ଖାଇବା ଦ୍ୱାରା ରୋଗରୁ ରକ୍ଷା ମିଳିବା ସହ ଶରୀରରେ ଜଳାଭାବ ଦୂର ହୋଇଥାଏ। ଜାଣନ୍ତୁ..





ଖରାଦିନେ ସବୁଜ ପନିପରିବା ନିଶ୍ଚୟ ଖାଆନ୍ତୁ। ସବୁଜ ପନିପରିବା ଶରୀରରେ ଆଇରନ, କ୍ୟାଲସିୟମ ଓ ଜଳର ଅଭାବ ଦୂର କରିଥାଏ। ଏହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଶରୀରରୁ ରୋଗକୁ ଦୂର କରିଥାଏ।

ଖରାଦିନେ ବିନସ୍ ଖାଇବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ। ବିନସ୍‌ରେ ଭିଟାମିନ୍ ଓ ମିନେରାଲ୍ସ ଉତ୍ତମ ମାତ୍ରାରେ ରହିଛି। ଏହାସହ ଏଥିରେ ପ୍ରୋଟିନ୍, ଆଇରନ, ଜିଙ୍କ୍ ଓ ଭିଟାମିନ୍ କେ ଭରପୁର ମାତ୍ରାରେ ରହିଛି। ବିନସ୍ ଖାଇବା ଦ୍ୱାରା ଶରୀରରେ ପୋଷକ ତତ୍ତ୍ୱର ଅଭାବ ପୂରଣ କରିବାରେ ସହାୟକ ହୋଇଥାଏ।

ଲାଉରେ ଭରପୁର ମାତ୍ରାରେ କ୍ୟାଲସିୟମ ରହିଛି। ଏହା ହାଡକୁ ମଜଭୂତ କରିଥାଏ। ଏହାସହ ଲାଉ ସେବନ କରିବା ଦ୍ୱାରା କୋଲେଷ୍ଟେରୋଲ୍ ସ୍ତର ଓ ଶର୍କରା ସ୍ତର ନିୟନ୍ତ୍ରଣ ହୋଇ ରହିଥାଏ। ତେଣୁ ଖରାଦିନେ ନିଶ୍ଚୟ ଲାଉ ସେବନ କରନ୍ତୁ।

କଲରା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ମାତ୍ର ସ୍ୱାଦରେ ପିତା ହୋଇଥିବାରୁ ଖୁବ୍ କମ୍ ଲୋକେ ଏହାକୁ ଖାଇଥାଆନ୍ତି। ମାତ୍ର ଖରାଦିନେ କଲରା ଖାଇବା ସ୍ୱାସ୍ଥ୍ୟ ପାଇଁ ବେଶ ଉପକାରୀ। ଏଥିରେ ଭିଟାମିନ ସି, ଆଇରନ, କ୍ୟାଲସିୟମ ଓ ପୋଟାସିୟମ ଭରପୁର ମାତ୍ରାରେ ରହିଛି। ଏହା ପାଚନ ତନ୍ତ୍ରକୁ ମଜଭୂତ କରିଥାଏ। ପେଟକୁ ଥଣ୍ଡା ରଖିବାରେ ମଧ୍ୟ ସହାୟକ ହୋଇଥାଏ।

ଟମାଟୋର ବ୍ୟବହାର ଅଧିକାଂଶ ବ୍ୟଞ୍ଜନ ପ୍ରସ୍ତୁତି ପାଇଁ ହୋଇଥାଏ। ଏହାର ବ୍ୟବହାର ସାଲାଡ, ଚଟଣି ଆଦିରେ ମଧ୍ୟ ହୋଇଥାଏ। ଖରାଦିନେ ଟମାଟୋର ସେବନ କରିବା ଦ୍ୱାରା ଶରୀରରେ ଜଳର ଅଭାବ ଦୂର ହୋଇଥାଏ।



## ସୁଖସମୃଦ୍ଧି, ଆର୍ଥିକ ଉନ୍ନତି ପାଇଁ ତକିଆ ତଳେ ରଖନ୍ତୁ ଏହି ଜିନିଷ..

ବାସ୍ତୁ ଶାସ୍ତ୍ର ଅନୁଯାୟୀ,ଘରେ ଥିବା ପ୍ରତ୍ୟେକ ଜିନିଷର ମହତ୍ତ୍ୱ ଥିବା ସହ ଏହାର ପ୍ରଭାବ ଜୀବନ ଓ ପରିବାର ସଦସ୍ୟଙ୍କ ଉପରେ ମଧ୍ୟ ପଡିଥାଏ। ତେବେ ଖୁବ କମ୍ ଲୋକେ ଜାଣିଥିବେ, ଶୋଇବା ସମୟରେ ମୁଣ୍ଡ ଉପରେ ରଖାଯାଉଥିବା କିଛି ଜିନିଷ ଜୀବନ ଉପରେ ଅନେକ ପ୍ରଭାବ ପକାଇଥାଏ। ବାସ୍ତୁ ଶାସ୍ତ୍ର ଅନୁଯାୟୀ, ଏଭଳି କେତେକ ଜିନିଷ ରହିଛି, ଯାହାକୁ ଶୋଇବା ସମୟରେ ପାଖରେ ରଖିବା ଦ୍ୱାରା ଅର୍ଥର ଅଭାବ ହୋଇନଥାଏ। ମା' ଲକ୍ଷ୍ମୀଙ୍କ କୃପା ସର୍ବଦା ରହିଥାଏ। ଏହାସହ ମାନସିକ ଶାନ୍ତି ପ୍ରଦାନ କରିବା ସହ ଆର୍ଥିକ ସମସ୍ୟା ମଧ୍ୟ ଦୂର କରିଥାଏ।

ବାସ୍ତୁ ଅନୁଯାୟୀ, ବାରମ୍ବାର ରୋଗ ଗ୍ରସ୍ତ ହେଉଥିଲେ, ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରହୁଥିଲେ ଶୋଇବା ସମୟରେ ମୁଣ୍ଡ ଉପରେ ପୂର୍ବ ଦିଗରେ ଏକ ମୁଦ୍ରା (କଏନ୍) ରଖନ୍ତୁ। ଏହାଦ୍ୱାରା ସ୍ୱାସ୍ଥ୍ୟ ଜନିତ ସମସ୍ୟାରୁ ମୁକ୍ତି ମିଳିଥାଏ।

**ସବୁଜ ଗୁଜୁରାତି –** ରାତିରେ ଉତ୍ତମ ନିଦ ହେଉନଥିଲେ କିମ୍ବା ବାରମ୍ବାର ନିଦ ଭାଙ୍ଗୁଥିଲେ, ମୁଣ୍ଡ ଉପରେ ସବୁଜ ଗୁଜୁରାତି ମଧ୍ୟ ରଖନ୍ତୁ। ଏପରି କରିବା ଦ୍ୱାରା ଉତ୍ତମ ନିଦ ହୋଇଥାଏ। ଏହାସହ ମାନସିକ ଦୁଃଶ୍ଚିନ୍ତା ମଧ୍ୟ ଦୂର ହୋଇଥାଏ। ଟଙ୍କାର ଅଭାବ ଦୂର ହୋଇ ଆର୍ଥିକ କ୍ଷେତ୍ରରେ ଉନ୍ନତି ହୋଇଥାଏ।

**ରସୁଣ –** ବାସ୍ତୁ ଅନୁଯାୟୀ, କିଛି ରସୁଣ ମୁଣ୍ଡ ଉପରେ କିମ୍ବା ତକିଆ ତଳେ ରଖି ଶୋଇବା ଦ୍ୱାରା ଜୀବନରେ ସକରାତ୍ମକ ଶକ୍ତି ପ୍ରବେଶ ହୋଇଥାଏ। ଉତ୍ତମ ନିଦ ମଧ୍ୟ ହୋଇଥାଏ।

ସ୍ୱାସ୍ଥ୍ୟ ଜନିତ ସମସ୍ୟା ଲାଗି ରହୁଥିଲେ, ବାସ୍ତୁ ଅନୁଯାୟୀ, ଶୋଇବା ସମୟରେ ତମ୍ବା ଲୋଟାରେ ପାଣି ଭର୍ତ୍ତି କରି ନିଜ ମୁଣ୍ଡ ଉପରେ ରଖନ୍ତୁ। ସକାଳେ ଉଠିବା ପରେ ସେହି ପାଣି ଗଛ ମୂଳରେ ଢାଳି ଦିଅନ୍ତୁ। ଏପରି କରିବା ଦ୍ୱାରା ଜୀବନରେ ଥିବା ଅନେକ ସମସ୍ୟା ଦୂର ହୋଇଥାଏ। ସ୍ୱାସ୍ଥ୍ୟ ଉତ୍ତମ ରହିଥାଏ।

## ରୋଷେଇ ଘର ଜରୁରୀ ଟିପ୍ସ; ଜାଣିଲେ ଲାଭବାନ୍




ରୋଷେଇ ଘରର ଅଧିକାଂଶ ସ୍ଥାନରେ ଥିବା ଦାଗ ସହଜରେ ଛାଡ଼ି ନଥାଏ। ଯାହା ଦ୍ୱାରା ଏହା ବହୁତ ଅପରିଷ୍କାର ଦେଖାଯାଇଥାଏ। ଆମେ ଏହାକୁ ଛଡ଼ାଇବା ନିମନ୍ତେ ବହୁ ଦ୍ରବ୍ୟର ବ୍ୟବହାର କରିଥାଉ। ସେହିପରି ରୋଷେଇ ଘରେ ବାସନ ସଫା ସୁତୁରା ରଖିବା ଦ୍ୱାରା ତାହା ସୁନ୍ଦର ଦେଖାଯାଏ। ଅପରିଷ୍କାର, ଭଙ୍ଗା ବାସନ ରଖିବା ଦ୍ୱାରା ରୋଷେଇ ଘରର ସୌନ୍ଦର୍ଯ୍ୟ ନଷ୍ଟ ହୋଇଯାଏ। କିନ୍ତୁ ବେଳେବେଳେ ଖାଦ୍ୟ ତିଆରି କରିବା ବେଳେ ବାସନ ପୋଡି ଯାଇଥାଏ। ଏପରି ବାସନ ସହଜରେ ସଫା ହୋଇ ନଥାଏ। ଏହାକୁ ସଫା କରିବାକୁ ଅଧିକ ସମୟ ଲାଗିଥାଏ ଏବଂ ଅଧିକ ପରିଶ୍ରମ ମଧ୍ୟ କରିବାକୁ ପଡିଥାଏ। କିଛି ଏପରି ଉପାୟ ଅଛି ଯାହାକୁ ବ୍ୟବହାର କରି ଆମେ ରୋଷେଇ ଘରର ସମସ୍ତ ପ୍ରକାରର ଦାଗ, ବାସନଦାଗକୁ ସହଜରେ ଛଡ଼ାଇ ପାରିବା।

ଆସନ୍ତୁ ଜାଣିବା ତାହା କ'ଣ...

- ତେଲର ଦାଗ ଛଡ଼ାଇବା ନିମନ୍ତେ ଗରମ ପାଣିରେ କିଛି ବେକିଙ୍ଗ ସୋଡା ପକାଇ ଏହାକୁ ଏକ ବ୍ରସ୍ ମାଧ୍ୟମରେ ତେଲ ଚିକଟା ଥିବା ଜାଗାରେ ଭଲ ଭାବେ ଘଷି ୨୦ରୁ ୩୦ମିନିଟ ରଖନ୍ତୁ। ଏହା ପରେ ଏହାକୁ ଏକ କପଡ଼ା ସାହଯ୍ୟରେ ପୋଛି ଦିଅନ୍ତୁ। ଏହି ଚିକଟା ଅଂଶ ଭଲ ଭାବେ ସଫା ହୋଇଯିବ।
- କଡ଼େଇ ଅଥବା ଯେକୌଣସି ପାତ୍ରରେ ଥିବା ପୋଡ଼ା ଦାଗକୁ ସଫା କରିବାକୁ ହେଲେ ଗରମ ପାଣି କରି ସୋଡ଼ାକୁ ପକାଇ ସେହି ପୋଡ଼ା ଥିବା ପାତ୍ରରେ ଢାଳି ରଖନ୍ତୁ। ଏହି ଦାଗ ସହଜରେ ଛାଡ଼ି ଯିବ।
- ଚା' ଛଣା ଓ ଚା'କପ ଆଦିରେ ବହୁ ଦିନ ହୋଇଗଲେ ଦାଗ ହୋଇଯାଏ। ଏହି ଦାଗକୁ ଛଡ଼ାଇବାକୁ ହେଲେ ଏକ ପାତ୍ରରେ ୩ ଚାମଚ ବେକିଙ୍ଗ ସୋଡାରେ ଏକ ଚାମଚ ପାଣି ମିଶାଇ ଏହାକୁ ଭଲ ଭାବେ ଗୋଳାଇ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ଏହି ମିଶ୍ରଣକୁ ଚା'ଛଣା, ଚା' କପରେ ଲଗାଇ ୧୦ରୁ ୧୫ ମିନିଟ ରଖନ୍ତୁ। ଏହା ପରେ ଏହାକୁ ଧୋଇ ଦିଅନ୍ତୁ। ଏହା ଭଲ ଭାବେ ସଫା ହୋଇଯିବ।
- ପୋଡି ଯାଇଥିବା ବାସନରେ ଏକ ଚାମଚ ବେକିଙ୍ଗ ସୋଡା ପକାଇ ଦିଅନ୍ତୁ। ସେଥିରେ ଦୁଇ ଚାମଚ ଲେମ୍ବୁ ରସ ଓ ଦୁଇ କପ ଗରମ ପାଣି ଢାଳନ୍ତୁ। ତାପରେ ଷ୍ଟିଲର ବାସନ ମଜାରେ ତାକୁ ଘଷି ସଫା କରନ୍ତୁ। ଏପରି କରିବା ଦ୍ୱାରା ବାସନରୁ ପୋଡା ଦାଗ ଛାଡିବା ସହ ଚମକ ବଜାୟ ରହିଥାଏ।

**ଲେମ୍ବୁ ରସ:** ଏକ କଞ୍ଚା ଲେମ୍ବୁ ନେଇ ତାକୁ ପୋଡି ଯାଇଥିବା ବାସନରେ କିଛି ସମୟ ଘଷନ୍ତୁ। ତାପରେ ସେଥିରେ ଦୁଇ କପ ଗରମ ପାଣି ଢାଳନ୍ତୁ। ଏକ ବ୍ରଶ ସାହାର୍ଯ୍ୟରେ ପୋଡି ଯାଇଥିବା ଅଂଶକୁ ଭଲ ଭାବେ ସଫା କରି ଦିଅନ୍ତୁ। ଏପରି ସଫା କରିବା ଦ୍ୱାରା ପୋଡା ଦାଗ ଶୀଘ୍ର ଛାଡି ଯାଇଥାଏ।

**ଲୁଣ:** ପୋଡି ଯାଇଥିବା ବାସନକୁ ଲୁଣ ଓ ପାଣି ଦ୍ୱାରା ମଧ୍ୟ ସଫା କରାଯାଇ ପାରିବ। ତେଣୁ ପାଣିକୁ ପ୍ରଥମେ ପୋଡି ଯାଇଥିବା ବାସନରେ ୪ମିନିଟ ଫୁଟାଇ ଦିଅନ୍ତୁ। ଏହାପରେ ବାସନ ମଜାକୁ ନେଇ ଆସ୍ତେ ଆସ୍ତେ ପୋଡା ଦାଗ ଉପରେ ଘଷନ୍ତୁ। ତାପରେ ଭଲ ପାଣିରେ ଧୋଇ ଦିଅନ୍ତୁ। ଆପଣ ଦେଖିବେ ବାସନରୁ ପୋଡା ଦାଗ ଭଲ ଭାବେ ଛାଡି ଯାଇଥିବ।

**ଟମାଟୋ ରସ:** ପୋଡି ଯାଇଥିବା ବାସନରୁ ଦାଗ ଛଡାଇବା ପାଇଁ ଟମାଟୋ ରସ ଅତ୍ୟନ୍ତ ପ୍ରଭାବଶାଳୀ ହୋଇଥାଏ। ପୋଡି ଯାଇଥିବା ବାସନରେ ଟମାଟୋ ରସ ଓ ପାଣି ମିଶାଇ ଫୁଟାନ୍ତୁ। ତାପରେ ତାକୁ ଅଳ୍ପ ଘଷି ସଫା କରିଦିଅନ୍ତୁ। ଏପରି କରିବା ଦ୍ୱାରା ସହଜରେ ଦାଗ ଛାଡି ଯାଇଥାଏ।




## ଯଦି ଆପଣଙ୍କ ବୟସ ୪୦ରୁ ଅଧିକ
# ପ୍ରତ୍ୟେକ ଛାତି ଯନ୍ତ୍ରଣା-ହୃଦ୍‌ଘାତ ନୁହେଁ

ଦେଶରେ ଲୋକେ ହୃଦ୍‌ଘାତକୁ ନେଇ ଭୟଭୀତ। ଏଣୁ ଛାତିରେ ଟିକେ ଯନ୍ତ୍ରଣା ଦେଖାଗଲେ ଏମାନେ କେଉଁ ନର୍ସିଂହୋମକୁ ଧାଇଁ ଥା'ନ୍ତି। ରିପୋର୍ଟ ଠିକ୍ ଆସିଲେ ବି ଏମାନଙ୍କ ମନ ବୁଝେ ନାହିଁ। ଏମାନେ ପୁଣି ଆଉ ଏକ ଡାକ୍ତରଙ୍କ ନିକଟକୁ ଯାଇ ଥା'ନ୍ତି। ତେବେ ଛାତିରେ ଦେଖା ଦେଉଥିବା ସମସ୍ତ ଯନ୍ତ୍ରଣା ହୃଦ୍‌ଘାତ ନୁହେଁ।

**● ଲୋକମାନେ ହୃଦ୍‌ଘାତ ନାଁ ଶୁଣିଲେ ଭୟ କରନ୍ତି କାହିଁକି ?**

ଭାରତୀୟ ଗଣମାଧ୍ୟମ ବିଶେଷକରି ଟିଭି ଏଥିପାଇଁ ମୁଖ୍ୟତଃ ଦାୟୀ। ଟିଭିର ଯେକୌଣସି ଧାରାବାହିକ ହେଉ ବା ବିଜ୍ଞାପନ ସର୍ବଦା ହୃଦ୍‌ଘାତ ସଂକ୍ରାନ୍ତରେ ମିଥ୍ୟା ଚିତ୍ର ପ୍ରଦର୍ଶନ କରିଥାଏ । ଏଣୁ ଲୋକଙ୍କ ମନରେ ଏପରି ଏକ ଧାରଣା ରହି ଯାଇଛି। ସାମାନ୍ୟ ଛାତି ଯନ୍ତ୍ରଣା ଦେଖାଗଲେ ଏମାନେ ଡରି ଯାଆନ୍ତି।

**● କେତେବେଳେ ହୃଦ୍‌ଘାତ ବୋଲି ସନ୍ଦେହ କରିବା ?**

ଯଦି ଆପଣଙ୍କ ବୟସ ୪୦ କିମ୍ବା ଏହାଠାରୁ ଊର୍ଦ୍ଧ୍ୱ ଓ ଆପଣ ମଧୁମେହ ରୋଗୀ କିମ୍ବା ଧୂମପାନ କରୁଥାନ୍ତି ଅଥବା ଧୂଆଁପତ୍ର ସେବନ କରୁଥାନ୍ତି ଏବଂ ଆପଣଙ୍କ ଶ୍ୱାସକ୍ରିଆ ସ୍ୱାଭାବିକ ନୁହେଁ; ଅର୍ଥାତ୍ କଷ୍ଟ ଅନୁଭବ କରୁଥା'ନ୍ତି ତେବେ ଆପଣଙ୍କ ଛାତିରେ ସମସ୍ୟା ଅଛି। ବ୍ୟାୟାମ କଲାବେଳେ ଯଦି କଷ୍ଟ ଅନୁଭବ ହେଉଥାଏ ଏହା ମଧ୍ୟ ଛାତିରେ ସମସ୍ୟାର କାରଣ ବୋଲି ଧରାଯିବ। ଯଦି ଏ ବିଷୟରେ ଆପଣ କିଛି ସନ୍ଦେହ କରନ୍ତି ତୁରନ୍ତ ଡାକ୍ତରଙ୍କ ପରାମର୍ଶ ଗ୍ରହଣ କରିବା ଉଚିତ୍।

**● ହୃଦ୍‌ଘାତ କେଉଁମାନଙ୍କ ନିକଟରେ ଦେଖାଯାଏ ନାହିଁ ?**

ଯଦି ଆପଣଙ୍କ ବୟସ ୪୦ରୁ କମ୍, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ନାହିଁ, ଆପଣଙ୍କ ଓଜନ ଅଧିକ ନୁହେଁ, ମଦ୍ୟ ପାନ ଓ ଧୂମପାନ କରନ୍ତି ନାହିଁ ତେବେ ଆପଣଙ୍କୁ ହୃଦ୍‌ଘାତ ନ ହୋଇପାରେ।

**● ଛାତି ଯନ୍ତ୍ରଣାର କାରଣ**

ଛାତିରେ ସଂକ୍ରମିତ ଜଳ ଜମି ରହିଲେ ଯନ୍ତ୍ରଣା ଦେଖାଦିଏ। ଏହାର ପରିମାଣ ଛାତି ଭିତରେ ଯେତେ ବଢୁଥିବ ଯନ୍ତ୍ରଣା ସେତେ ଅଧିକ ଅନୁଭୂତ ହେବ । ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସିତ ହେବା ଆବଶ୍ୟକ। ଚିକିତ୍ସାରେ ବିଳମ୍ବ ଘଟିଲେ ହୃଦ୍‌ଘାତ ଆଶଙ୍କାକୁ ଏଡାଇ ହୁଏ ନାହିଁ। ଶାରୀରିକ କସରତ ନକରିଲେ କିମ୍ବା ପ୍ରତିଦିନ ଅଧିକ ସମୟ ଟିଭି ଅଥବା ଅନ୍ୟ କୋଣସି ଜାଗାରେ ବସି ରହିଲେ ଆମ ମେରୁଦଣ୍ଡର ବେକ ନିକଟ ନମନୀୟ ରହେ ନାହିଁ । ଧୀରେଧୀରେ ଏହା କଠିନ ହୋଇଯାଏ। ଏହା ମଧ୍ୟ ଦେଇ ଯାଇଥିବା ଶିରାପ୍ରଶିରା ଶିଥିଳ ହୋଇଯାଏ। ଏହାପରେ ଛାତିରେ ଯନ୍ତ୍ରଣା ଆରମ୍ଭ ହୋଇ ଯାଏ।



**● ଛାତିକୁ ଧରି ରଖିଥିବା ପଞ୍ଜରା ଦୁର୍ବଳ ହେବା ଆଉ ଏକ କାରଣ**

ଯୁବ ବର୍ଗ ମଧ୍ୟ ଛାତି ଯନ୍ତ୍ରଣା ଅନୁଭବ କରନ୍ତି। ସାଧାରଣତଃ ଏମାନଙ୍କର ଛାତି ଯନ୍ତ୍ରଣା ହେବା କଥା ନୁହେଁ। ତେବେ ଛାତିକୁ ଧରି ରଖିଥିବା ପଞ୍ଜରା ଯଦି ଦୁର୍ବଳ ଥାଏ ତେବେ ଛାତି ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଯେଉଁମାନେ ଆଦୌ କ୍ଷୀର ପିଅନ୍ତି ନାହିଁ କିମ୍ବା ସାମାନ୍ୟ ପିଇ ଥା'ନ୍ତି ସେମାନଙ୍କଠାରେ ଏହା ଦେଖା ଯାଇଥାଏ। ଶରୀରରେ ଭିଟାମିନ ଡି ଅଭାବ ହେଲେ ଛାତିର ପଞ୍ଜରା ହାଡ଼ ଦୁର୍ବଳ ହୋଇଥାଏ।

**● ଖାଦ୍ୟନଳୀ ସଂକ୍ରମିତ ହେବା**

ଆମ ଦେଶର ଲୋକେ ରାସ୍ତା ପାର୍ଶ୍ୱ ଦୋକାନରୁ ପକୋଡ଼ା, ଚାଉମିନ୍, ଚିଲି ଚିକେନ ପରି ଖାଦ୍ୟ କିଣି ଖାଇଥା'ନ୍ତି। ଏଭଳି ଖାଦ୍ୟ ଖାଇବା ଦ୍ୱରା ଆମ ଖାଦ୍ୟ ନଳୀ ଦୂଷିତ ହୋଇ ଯାଇଥାଏ। ଦୀର୍ଘଦିନ ଧରି ଏପରି ଖାଦ୍ୟ ଖାଇଲେ କଷ୍ଟ ଅନୁଭବ ହୁଏ। ଛାତି ନିକଟ ଦେଇ ଖାଦ୍ୟନଳୀ ଯାଇଛି। ତେଣୁ ଖାଦ୍ୟନଳୀ ଯଦି ସଂକ୍ରମିତ ହୁଏ ତେବେ ଛାତିରେ ଯନ୍ତ୍ରଣା ଅନୁଭୂତ ହୋଇଥାଏ। ଖାଇଲା ବେଳେ ଯଦି ଛାତିରେ ବାରମ୍ବାର ଅଟକି ଯାଉଥାଏ କିମ୍ବା ବ୍ୟକ୍ତି ଜଣକ ମଦ୍ୟପାନ କରୁଥାନ୍ତି ତେବେ ଖାଦ୍ୟନଳୀ ବିଗିଡ଼ିଯିବା ସ୍ୱାଭାବିକ। ପେଟରେ ଗ୍ୟାସ ହୋଇଥିବା ଭାବି କେତେଜଣ ଗ୍ୟାସ ଔଷଧ ଖାଇଥା'ନ୍ତି। ତେବେ ଏପରି ସମସ୍ୟା ଦେଖାଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ।

**ଡ. କେ. କେ ପାଣ୍ଡେ,** ଛାତିରୋଗ ବିଶେଷଜ୍ଞ

# ମୋ ନାଁ ସାବରକର ନୁହେଁ, ମୁଁ କ୍ଷମା ମାଗିବି ନାହିଁ: ରାହୁଲ

ନୂଆଦିଲ୍ଲୀ: ଲୋକସଭାର ସଦସ୍ୟତା ପଦ ରଦ୍ଦ ହେବାର ଦିନକ ପରେ କଂଗ୍ରେସ ନେତା ରାହୁଲ ଗାନ୍ଧି ଆଜି ସାମ୍ବାଦିକ ସମ୍ମିଳନୀ କରି ଲଢ଼େଇ ଜାରି ରଖିବେ ବୋଲି ରଣହୁଙ୍କାର ଦେଇଛନ୍ତି। ଏଥିସହ ସେ ଆଦାନି ପ୍ରସଙ୍ଗ ଉଠାଇ ପୁଣିଥରେ କେନ୍ଦ୍ର ସରକାର ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଜୋରଦାର ଟାର୍ଗେଟ କରିଛନ୍ତି। ରାହୁଲ ଗାନ୍ଧି ଦାବି କରିଛନ୍ତି ଯେ ତାଙ୍କର ଆଗାମୀ ଭାଷଣ ଆଶଙ୍କାରେ ପ୍ରଧାନମନ୍ତ୍ରୀ ଭୟଭୀତ। ଏଥିପାଇଁ ତାଙ୍କ ସଦସ୍ୟତା ପଦ ରଦ୍ଦ କରାଯାଇଛି। ଏଥିସହ ସେ ହିନ୍ଦୁବାଦୀ ନେତା ସାବରକରଙ୍କ କଥା କହି ନିଜର ଲଣ୍ଡନ ବୟାନ ଓ ୨୦୧୯ ମାନହାନୀ କେସ୍ ? ପାଇଁ କାହିଁକି କ୍ଷମା ମାଗିଲେ ନାହିଁ ବୋଲି କହିଛନ୍ତି।

ରାହୁଲ ଗାନ୍ଧି କହିଛନ୍ତି, "ମୋର ପରବର୍ତ୍ତୀ ଭାଷଣକୁ ନେଇ ପ୍ରଧାନମନ୍ତ୍ରୀ ଭୟଭୀତ ହୋଇପଡ଼ିଥିଲେ। ତେଣୁ ମୋତେ ଅଯୋଗ୍ୟ ଘୋଷଣା କରାଯାଇଛି। ମୁଁ ତାଙ୍କ ଆଖିରେ ଡର ଦେଖିଛି। ଖାସ ଏହି କାରଣ ପାଇଁ ସେମାନେ ମୋତେ ସଂସଦରେ କହିବାକୁ ସୁଯୋଗ ଦେଉ ନଥିଲେ। ପ୍ରଧାନମନ୍ତ୍ରୀ ମୋଦି ଓ ଆଦାନିଙ୍କ ସମ୍ପର୍କ ଉପରେ ପ୍ରଶ୍ନ ଜାରି ରଖିବି। ମୁଁ ସତ୍ୟ ପାଇଁ ଲଢ଼େଇ କରିବି।"



ବିଜେପି ତାଙ୍କ ଠାରୁ ଲଣ୍ଡନ ବୟାନ ପାଇଁ କ୍ଷମା ଦାବି କରୁଥିବା ବେଳେ ଆଜି ରାହୁଲ ଏହାର କଡ଼ା ଜବାବ ଦେଇଛନ୍ତି। ସେ କହିଛନ୍ତି, "ମୋ ନାଁ ସାବରକର ନୁହେଁ। ମୁଁ ଜଣେ ଗାନ୍ଧି। ମୁଁ କେବେ ହେଲେ କ୍ଷମା ମାଗିବି ନାହିଁ। କାରଣ ଗାନ୍ଧି କେବେ ହେଲେ କ୍ଷମା ମାଗନ୍ତି ନାହିଁ।"

ଦେଶର ଆଭ୍ୟନ୍ତରୀଣ ବ୍ୟାପାରରେ ବିଦେଶ ରାଷ୍ଟ୍ରଗୁଡ଼ିକୁ ହସ୍ତକ୍ଷେପ କରିବାକୁ ରାହୁଲ ନିମନ୍ତ୍ରଣ କରିଥିବା ଅଭିଯୋଗକୁ ସେ ଆଜି ଅଗ୍ରାହ୍ୟ କରିଛନ୍ତି। ସଂସଦରେ ୪ ଜଣ ମନ୍ତ୍ରୀ ତାଙ୍କ ବିରୋଧରେ ଅଭିଯୋଗ ଆଣିଥିବା ବେଳେ ଏହାର ଜବାବ ଦେବାକୁ ସେ ଚାହୁଁଥିଲେ। କିନ୍ତୁ ଏଥିପାଇଁ ତାଙ୍କୁ ଅନୁମତି ମିଳି ନଥିଲା ବୋଲି ରାହୁଲ କହିଛନ୍ତି।

ସେ କହିଛନ୍ତି "ବିଜେପି ନେତାମାନେ ଦାବି କରୁଛନ୍ତି ଯେ ମୁଁ ଭାରତ ବିରୋଧୀ ତତ୍ତ୍ୱକୁ ସହଯୋଗ କରୁଛି। ଏହି ଅଭିଯୋଗ ଉପରେ ଜବାବ ଦେବାର ଅଧିକାର ମୋର ଥିବା ମୁଁ ବାଚସ୍ପତିଙ୍କୁ କହିଥିଲି। କିନ୍ତୁ ସେ ମୋତେ କହିବାକୁ ଅନୁମତି ଦେଇ ନଥିଲେ। ମୋର ଗୋଟିଏ ଲକ୍ଷ୍ୟ ହେଲା ଯେ ସତ୍ୟ ପାଇଁ ଲଢ଼େଇ କରିବା ଓ ଦେଶର ଗଣତାନ୍ତ୍ରିକ ପଦ୍ଧତିକୁ ରକ୍ଷା କରିବା। ମୋତେ ଜୀବନରୁ ଡିସକ୍ୱାଲିଫାଏ କରିଦିଅ, ମୋତେ ସବୁଦିନ ପାଇଁ ଜେଲ ପଠାଇ ଦିଅ। ତଥାପି ମୁଁ କହିବା ଜାରି ରଖିବି। ମୁଁ ଚୁପ ବସିବି ନାହିଁ।"

ସୂଚନାଯୋଗ୍ୟ, ବିନାୟକ ଦାମୋଦର ସାବରକରଙ୍କୁ ବିଜେପି ସ୍ୱାଧୀନତା ସଂଗ୍ରାମୀ ବୋଲି ବାରମ୍ବାର କହି ଆସୁଛି। କିନ୍ତୁ କଂଗ୍ରେସ ଓ ଅନେକ ଇତିହାସକାରଙ୍କ ମତରେ କଳାପାଣି ଜେଲ ଦଣ୍ଡରୁ ବର୍ତ୍ତିବା ପାଇଁ ସାବରକର ଇଂରେଜମାନଙ୍କୁ କ୍ଷମା ମାଗିଥିଲେ। ଏଥିସହ ସେ ଇଂରେଜମାନଙ୍କ ବିରୋଧରେ କୌଣସି ପ୍ରକାରର କାର୍ଯ୍ୟ କରିବେ ନାହିଁ ବୋଲି ଲିଖିତ ଭାବେ ଦେବା ପରେ ଜେଲରୁ ଖଲାସ ହୋଇଥିଲେ।

## କୌଣସି ବିଚାରପତି ବିଜେପି ନେତାଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ : ପ୍ରିୟଙ୍କା ଗାନ୍ଧି

**ନୂଆଦିଲ୍ଲୀ:** ଭାଇ ପାଇଁ ବାହାରିଲେ ଭଉଣୀ। କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଭଦ୍ରା କହିଛନ୍ତି ଯେ, ବର୍ତ୍ତମାନ ସଂସଦର ସଦସ୍ୟ ଭାବେ ଅଯୋଗ୍ୟ ଘୋଷିତ ହୋଇଥିବା ରାହୁଲ ଗାନ୍ଧିଙ୍କୁ 'ମିରଜାଫର' କୁହାଯାଉଛି । କଂଗ୍ରେସ ପରିବାରକୁ ଅପମାନିତ କରାଯାଉଛି। କିନ୍ତୁ କୌଣସି ବିଚାରପତି ବିଜେପି ନେତାଙ୍କୁ ଅଯୋଗ୍ୟ ଘୋଷଣା କରିପାରିବେ ନାହିଁ। ନିକଟରେ ବିଜେପି ମୁଖପାତ୍ର ସମ୍ବିତ ପାତ୍ର ରାହୁଲ ଗାନ୍ଧିଙ୍କୁ ବର୍ତ୍ତମାନର ମିର୍ଜାଫର ଆଖ୍ୟା ଦେଇଥିଲେ। ବ୍ରିଟେନ୍‌ରେ ରାହୁଲ ଗାନ୍ଧି ଦେଇଥିବା ସରକାର ବିରୋଧୀ ମନ୍ତବ୍ୟ ପାଇଁ ସମ୍ବିତ ପାତ୍ର ତାଙ୍କୁ ମିର୍ଜାଫଳର ଆଖ୍ୟା ଦେଇ ସମାଲୋଚନା କରିଥିଲେ। ରାହୁଲ ଗାନ୍ଧି ବ୍ରିଟେନରେ ଥିବାବେଳେ ଭାରତରେ ଗଣତନ୍ତ୍ରର ସ୍ଥିତି ଉପରେ ପ୍ରଶ୍ନ କରିଥିଲେ। ରାହୁଲ ଗାନ୍ଧିଙ୍କୁ ସଜା ହେବା ପ୍ରସଙ୍ଗରେ ପ୍ରିୟଙ୍କା ଗାନ୍ଧି କହିଛନ୍ତି ଯେ, ବିଜେପି ମୁଖପାତ୍ର ହୁଅନ୍ତୁ, ମନ୍ତ୍ରୀ ହୁଅନ୍ତୁ, ସାଂସଦ ହୁଅନ୍ତୁ କିମ୍ବା ନିଜେ ପ୍ରଧାନମନ୍ତ୍ରୀ ହୁଅନ୍ତୁ,



ସେମାନେ ମୋ ପରିବାର, ରାହୁଲ ଜୀ, ଇନ୍ଦିରା ଜୀ, ମୋ ମା ଏବଂ ନେହେରୁଜୀଙ୍କୁ ସମାଲୋଚନା କରନ୍ତି । ଅପମାନଜନକ ଭାଷା ବ୍ୟବହାର କରନ୍ତି। ସେମାନଙ୍କ ବିଷୟରେ ଅନ୍ୟାନ୍ୟ ଖରାପ କଥା କୁହନ୍ତି । କିନ୍ତୁ କୌଣସି ବିଚାରପତି ସେମାନଙ୍କ ବିରୋଧରେ ଦୁଇ ବର୍ଷର ଜେଲ ଦଣ୍ଡ ଘୋଷଣା କରି ନାହାଁନ୍ତି କିମ୍ବା ସେମାନଙ୍କୁ ଅଯୋଗ୍ୟ ଘୋଷଣା କରିନାହାନ୍ତି।

ସେ କହିଛନ୍ତି, ମୋ ଭାଇ ଆଦାନୀଙ୍କ ପ୍ରସଙ୍ଗ ଉଠାଇଥିଲେ ଏବଂ ସେଥିପାଇଁ ଏସବୁ ଘଟୁଛି। ମୋ ଭାଇ ଆଦାନୀବିଷୟରେ ସଂସଦରେ ଭାଷଣ ଦେବା ପରେ ହଠାତ୍ ଏହି ମାମଲା ପୁନର୍ଜୀବିତ ହୋଇଛି। ଏହି ପରିବାର ଭାରତର ଲୋକଙ୍କ ସ୍ୱର ଉତ୍ତୋଳନ କରିଆସୁଛି। ପିଢ଼ି ପରେ ପିଢ଼ି ସତ୍ୟ ପାଇଁ ଏହି ପାରିବାର ଲଢ଼େଇ ମଧ କରିଆସୁଛି। ସେ କହିଛନ୍ତି ଯେ, ରାହୁଲ ଗାନ୍ଧି କେବେ ମୁଣ୍ଡ ନୂଆଁଇବେ ନାହିଁ। କାରଣ ସେ ଏପରି ଏକ ପରିବାରରର, ଯାହାର ସଦସ୍ୟମାନଙ୍କ ରକ୍ତରେ ଗଣତନ୍ତ୍ର ଧାରା ପ୍ରବାହିତ ହେଉଛି। ସୂଚନା ଅନୁଯାୟୀ, ସୁରତ କୋର୍ଟ ରାହୁଲ ଗାନ୍ଧିଙ୍କୁ ୨ ବର୍ଷ ଜେଲ୍ ଦଣ୍ଡାଦେଶ ଦେବା ପରେ ଲୋକସଭା ସାଂସଦ ପଦ ହରାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧି। ରାହୁଲ ଗାନ୍ଧିଙ୍କ ଲୋକସଭା ସାଂସଦ ପଦ ରଦ୍ଦ ନେଇ ଲୋକସଭା ସଚିବାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ସମ୍ବିଧାନର ଧାରା ୧୦୨ (୧)(ଇ) ଅନୁସାରେ ସଦସ୍ୟତା ରଦ୍ଦ, ଲୋକ ପ୍ରତିନିଧି ଆଇନ ୧୯୫୧, ସେକ୍ସନ ୮ ଅନୁଯାୟୀ ପଦ ରଦ୍ଦ ହୋଇଛି। କୋର୍ଟଙ୍କ ଦ୍ୱାରା ଦଣ୍ଡାଦେଶ ଘୋଷଣା ପରେ ରାହୁଲଙ୍କ ସଦସ୍ୟତା ରଦ୍ଦ କରାଯାଇଛି।

## ରାହୁଲଙ୍କ ସାଂସଦ ପଦ ରଦ୍ଦ ପରେ କଂଗ୍ରେସର ରଣହୁଙ୍କାର



**ନୂଆଦିଲ୍ଲୀ:** ଲୋକସଭାରୁ ରାହୁଲ ଗାନ୍ଧୀଙ୍କ ସଦସ୍ୟତା ରଦ୍ଦ ହେବା ପରେ ଏବେ କଂଗ୍ରେସ ଦଳ ଆର୍-ପାର୍ ମୁଡ୍‌ରେ ରହିଛି। କଂଗ୍ରେସ ଦଳ ଏବେ କୋର୍ଟ ସମେତ ଏବେ ରାସ୍ତା ଉପରକୁ ଓହ୍ଲାଇଛି। ସାଂସଦ ରାହୁଲ ଗାନ୍ଧୀଙ୍କୁ ଅଯୋଗ୍ୟ ଘୋଷଣା କରାଯିବା ବିରୋଧରେ ସମଗ୍ର ଦେଶରେ କଂଗ୍ରେସ ଦିନିକିଆ ସଂକଳ୍ପ ସତ୍ୟାଗ୍ରହ ଆରମ୍ଭ କରିଛି।

କଂଗ୍ରେସର ବରିଷ୍ଠ ନେତାମାନେ ରାଜଘାଟର ମହାତ୍ମା ଗାନ୍ଧୀଙ୍କ ସମାଧି ସ୍ଥଳରେ ସଙ୍କଳ୍ପ ସତ୍ୟାଗ୍ରହ କରିବାକୁ ଚାହୁଁଥିଲେ। କିନ୍ତୁ ଏହାକୁ ଅନୁମତି ମିଳିନାହିଁ। କଂଗ୍ରେସ କରିଥିବା ଅନୁରୋଧକୁ ଆଇନ-ଶୃଙ୍ଖଳା କାରଣ ଦର୍ଶାଇ ଅଗ୍ରାହ୍ୟ କରାଯାଇଥିଲେ ବି ରାଜଘାଟ ସମ୍ମୁଖରେ କଂଗ୍ରେସର ଅଧକ୍ଷ ମଲ୍ଲିକାର୍ଜୁନ ଖଡ଼ଗେ, ବରିଷ୍ଠ ନେତା କେ.ସି. ବେଣୁଗୋପାଳ ଓ ଦଳର ସାଧାରଣ ସମ୍ପାଦକ ପ୍ରିୟଙ୍କା ଗାନ୍ଧୀ ଭଦ୍ରା ସତ୍ୟାଗ୍ରହର ନେତୃତ୍ୱ ନେଇଛନ୍ତି। ଗାନ୍ଧୀ ଦର୍ଶନ ମଞ୍ଚରେ କଂଗ୍ରେସର ସମସ୍ତ ନେତା କର୍ମୀ ଏକାଠି ହୋଇଛନ୍ତି, ଏହା ରାଜଘାଟ ପାଶ୍ୱର୍ରେ ହିଁ ରହିଛି। କଂଗ୍ରେସ ନେତା ଓ ସମର୍ଥକମାନେ ରାଜଘାଟ ସମ୍ମୁଖରେ ଥିବା ଗାନ୍ଧୀ ଦର୍ଶନ ମେମୋରିଆଲ୍ ବାହାରେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି। ସଲ୍‌ମନ୍ ଖୁର୍ସିଦ୍ ଓ ସେବା ଦଳ କଂଗ୍ରେସ ମଧ ସେଠାରେ ପହଞ୍ଚିଛନ୍ତି। ସେପଟେ କଂଗ୍ରେସର ସତ୍ୟାଗ୍ରହ ଆରମ୍ଭ ପୂର୍ବରୁ ରାଜଘାଟରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଦିଲ୍ଲୀ ପୁଲିସ କହିଛି ଯେ, କଂଗ୍ରେସର ସତ୍ୟାଗ୍ରହ ପାଇଁ ଅନୁମତି ମଗା ଯାଇଥିଲା, କିନ୍ତୁ ଦିଆଯାଇନାହିଁ। ପୁଲିସ ଉପଯୁକ୍ତ ସୁରକ୍ଷା ବ୍ୟବସ୍ଥା କରିଛି। ୧୪୪ ଧାରା ଜାରି, ଆଇନ-ଶୃଙ୍ଖଳା ପରିସ୍ଥିତି ଏବଂ ଯାନବାହନ ଚଳାଚଳରେ ବ୍ୟାଘାତ କଥା ଦର୍ଶାଇ ରାଜଘାଟରେ ପ୍ରତିବାଦ ପ୍ରଦର୍ଶନ ପାଇଁ ଅନୁମତି ଦିଆଯାଇ ନାହିଁ ବୋଲି ପୁଲିସ କହିଛି। ଏଥିସହ ଦେଶରେ ଅନ୍ୟ ରାଜ୍ୟରେ ମଧ କଂଗ୍ରେସ ନେତା ଓ କର୍ମୀମାନେ ଗାନ୍ଧୀ ପ୍ରତିମା ସାମ୍ନାରେ ବସି ସଙ୍କଳ୍ପ ସତ୍ୟାଗ୍ରହ କରୁଛନ୍ତି।

### ରାହୁଲଙ୍କୁ ଲଳିତ ମୋଦିଙ୍କ ଧମକ

## ଇଂଲଣ୍ଡର କୋର୍ଟରେ କରିବେ କେସ୍

ନୂଆଦିଲ୍ଲୀ: କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀଙ୍କ ଉପରେ ବର୍ଷିଲେ ଆଇପିଏଲ୍‌ର ପୂର୍ବତନ ମୁଖ୍ୟ ଲଳିତ ମୋଦି। ସେ ରାହୁଲଙ୍କ ବିରୋଧରେ କୋର୍ଟକୁ ଯିବେ ବୋଲି କହିଲେ। ମୋଦି ସାଙ୍ଗିଆକୁ ନେଇ ରାହୁଲ ଗାନ୍ଧୀ ଦେଇଥିବା ଆପତ୍ତିଜନକ ଟିପ୍ପଣୀକୁ ବିରୋଧ କରି ଇଂଲଣ୍ଡର ଅଦାଲତାରେ ମକଦ୍ଦମା କରିବେ ବୋଲି ଟ୍ୱିଟ୍ କରି ଧମକ ଦେଇଛନ୍ତି ଆଇପିଏଲ୍‌ର ପୂର୍ବତନ ମୁଖ୍ୟ।



୨୦୧୯ରେ କର୍ଣ୍ଣାଟକର କୋଲାରରେ ଏକ ନିର୍ବାଚନ ରାଲିରେ ରାହୁଲ ଗାନ୍ଧୀ ଲଳିତ ମୋଦି ଏବଂ ପଳାତକ ହୀରା ବ୍ୟବସାୟୀ ନୀରବ ମୋଦିଙ୍କୁ ଟାର୍ଗେଟ୍ କରି, ସମସ୍ତ ଚୋରମାନଙ୍କ ନାଁ ମୋଦି କିଭଳି ହୋଇପାରେ...? ବୋଲି ମନ୍ତବ୍ୟ ଦେଇଥିଲେ।

ଏବେ ରାହୁଲଙ୍କ ଏହି ମନ୍ତବ୍ୟକୁ ସମାଲୋଚନା କରି ଲଳିତ ମୋଦି ଟ୍ୱିଟ୍ କରି କହିଛନ୍ତି, ମୁଁ ବିଚାର ବ୍ୟବସ୍ଥାର ପଳାତକ ବୋଲି ସାଧାରଣ ଜନତା ଓ ଗାନ୍ଧୀଙ୍କ ସହଯୋଗୀମାନେ ବାରମ୍ବାର କହୁଛନ୍ତି। କେଉଁ ଦୃଷ୍ଟିରୁ ମୁଁ ପଳାତକ ? ମୁଁ କୌଣସି ଅପରାଧରେ ଦୋଷୀ ସାବ୍ୟସ୍ତ ହୋଇନାହିଁ। ଲଳିତ ମୋଦ ଦାବି କରିଛନ୍ତି ଯେ, ସେ ବିଶ୍ୱରେ ଆୟୋଜନ କରିଥିବା ବୃହତ୍ତମ କ୍ରୀଡ଼ା କାର୍ଯ୍ୟକ୍ରମ ପ୍ରାୟ ୧୦ ବିଲିୟନ୍ ଡଲାର୍ ଆୟ କରିଛି। ଗାନ୍ଧୀ ପରିବାରଠାରୁ ତାଙ୍କ ପରିବାର ଭାରତ ପାଇଁ ବହୁତ କିଛି ଅଧିକ କରିଛି। ଅଭିଯୋଗକୁ ସତ୍ୟ ପ୍ରମାଣିତ କରିବା ଲାଗି ରାହୁଲ୍‌ଙ୍କୁ ଚାଲେଞ୍ଜ କରି ସେ କହିଛନ୍ତି, ଅଦାଲତରେ ରାହୁଲଙ୍କୁ ଅପଦସ୍ଥ କରିବାକୁ ସେ ଅପେକ୍ଷା କରିଛନ୍ତି। ଅନେକ କଂଗ୍ରେସ ନେତାଙ୍କ ବିଦେଶରେ ସମ୍ପତ୍ତି ଥିବା ଲଳିତ ମୋଦି ଅଭିଯୋଗ କରିଛନ୍ତି। ଏ ସବୁର ଠିକଣା ଓ ଫଟୋ ଯୋଗାଇ ଦେଇପାରିବେ ବୋଲି ଦାବି କରିଛନ୍ତି ପୂର୍ବତନ ଆଇପିଏଲ୍ ମୁଖ୍ୟ। ଏଥିସହ କଠୋର ମାନହାନୀ ଆଇନ ପ୍ରଣୟନ ହେବା ମାତ୍ରେ ସେ ଭାରତକୁ ଫେରିବେ ବୋଲି କହିଛନ୍ତି।

## ପାଠ ପଢ଼ି ବେକାର ଥିଲେ ମିଳିବ ଭତ୍ତା

**ନୂଆଦିଲ୍ଲୀ:** ପାଠ ପଢ଼ି ବେକାରୀ ଥିଲେ ମିଳିବ ଭତ୍ତା। ଉଚ୍ଚ ଶିକ୍ଷା ଲାଭ କରି ହାତରେ ଚାକିରି ନଥିଲେ ମଳିବ ଭତ୍ତା। ସର୍ବନିମ୍ନ ଯୁକ୍ତ ୨ ପାସ୍ କରିଥିଲେ ମିଳିବ ଭତ୍ତା। ମାସକୁ ୨୫୦୦ ଟଙ୍କା ମିଳିବ ଭତ୍ତା। କଥା ଦେଇ କଥା ରଖିଲେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ। ଆସନ୍ତା ଏପ୍ରିଲରୁ ଛତିଶଗଡ଼ରେ ବେକାରୀ ଶିକ୍ଷିତ ଯୁବକଙ୍କ ପାଇଁ ବେକାରୀ ଭତ୍ତା ଘୋଷଣା ହୋଇଛି। ମାସକୁ ଅଢ଼େଇ ହଜାର ଟଙ୍କା ପ୍ରଦାନ ଲାଗି ଛତିଶଗଡ଼ ସରକାର ଘୋଷଣା କରିଛନ୍ତି। ଛତିଶଗଡ଼ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ବିଜ୍ଞପ୍ତି ଅନୁସାରେ, ଯେଉଁମାନେ ଦ୍ୱାଦଶ ଶ୍ରେଣୀ ପାସ୍ କରି ଚାକିରି ନାହିଁ ସେମାନଙ୍କୁ ମାସକୁ ୨,୫୦୦ ଟଙ୍କା ପ୍ରଦାନ କରାଯିବ। ଯେଉଁମାନଙ୍କ ପାରିବାରିକ ଆୟ ବାର୍ଷିକ ଅଢ଼େଇ ଲକ୍ଷ ଟଙ୍କାରୁ କମ୍ ସେମାନେ ସରକାରଙ୍କ ଏହି ସ୍କିମ୍‌ରେ ଯୋଗ୍ୟ ବିବେଚିତ ହେବେ।



ଏଥିସହ ପରିବାରର ଜଣେ ସଦସ୍ୟ ହିଁ ଏହି ଭତ୍ତା ପାଇଁ ଆବେଦନ କରିପାରିବେ । ତେବେ ମନ୍ତ୍ରୀ, ପୂର୍ବତନମନ୍ତ୍ରୀ, ସଂସଦର ସଦସ୍ୟ, ବିଧାନସଭା ସଦସ୍ୟ, ଚେୟାରମ୍ୟାନ, ମହାନଗର ନିଗମର ଓ ମହାନଗର ପରିଷଦର ପୂର୍ବତନ ଅଧକ୍ଷଙ୍କ ପରିବବାର ସଦସ୍ୟ ଏହି ସ୍କିମରେ ଆବେଦନ କରିପାରିବେ ନାହିଁ।

ସେହିପରି ମାସିକ ଭତ୍ତା ପାଇବାର ବର୍ଷକ ମଧରେ ଯଦି କୌଣସି ଚାକିରି ନପାଆନ୍ତି, ତା'ହେଲେ ସରକାର ଏହି ଭତ୍ତାର ସମୟ ସୀମାକୁ ଆଉ ବର୍ଷକ ପାଇଁ ବଢ଼ାଇବେ ବୋଲି ଘୋଷଣା ହୋଛି। ପୂର୍ବରୁ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ରାଜ୍ୟର ବେକାର ଯୁବକଙ୍କ ପାଇଁ ଏହି ଉପହାର ଘୋଷଣା କରିଥିଲେ। ଚଳିତ ବର୍ଷ ଶେଷରେ ରାଜ୍ୟରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବାଘେଲ ଏହି ବେକାରୀ ଭତ୍ତା ଘୋଷଣା କରିଛନ୍ତି। ବର୍ଷର ଶେଷ ନଭେମ୍ବର ମାସରେ ନିର୍ବାଚନ ହେବ ବୋଲି ଆଶା କରାଯାଉଛି। ରାଜ୍ୟ ସରକାର ଦେଇଥିବା ଏହି ଘୋଷଣା ରାଜ୍ୟର ବେକାର ଯୁବକମାନଙ୍କୁ କିଛି ମାତ୍ରାରେ ଆରାମ ଦେବ, କିନ୍ତୁ ଏକ ପ୍ରଶ୍ନ ଉଠିବ ଯେ କେତେ ଦିନ ଯାଏ ଏପରି ବେକାରି ଭତ୍ତାରେ ଗୁଜୁରାଣ ମେଣ୍ଟିବ ?

## ବିଲକିସ ବାନୋ ମାମଲା: ୧୧ ଦୁଷ୍କର୍ମକାରୀଙ୍କୁ ମୁକ୍ତ ନେଇ ପ୍ରଶ୍ନ ଉଠାଇଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ: ଗଣ ଦୁଷ୍କର୍ମ ଓ ହତ୍ୟା ମାମଲାରେ ୧୧ ଦୋଷୀଙ୍କୁ ମୁକ୍ତ କରିବାକୁ ଚ୍ୟାଲେଞ୍ଜ କରି ୨୦୦୨ ଦଙ୍ଗା ପୀଡ଼ିତା ବିଲକିସ ବାନୋ ସୁପ୍ରିମକୋର୍ଟରେ ପୁଣି ଥରେ ଆବେଦନ କରିଥିଲେ। ଦୋଷୀମାନଙ୍କୁ ଆଗୁଆ ମୁକ୍ତ କରିବା ନିର୍ଣ୍ଣୟ ବିରୋଧରେ ପୁନର୍ବିଚାର ଲାଗି ସର୍ବୋଚ୍ଚ ନ୍ୟାୟାଳୟରେ ଏକାଧିକ ଆବେଦନ ହୋଇଛି । ଏହି ମାମଲାରେ ସୁପ୍ରିମକୋର୍ଟ ଶୁଣାଣି ଆରମ୍ଭ କରି ପ୍ରଶ୍ନ କରିଛନ୍ତି। କ୍ଷମା ପ୍ରାର୍ଥନା ମାନଦଣ୍ଡ ଅନୁଯାୟୀ ଦୋଷୀଙ୍କୁ ମୁକ୍ତ କରାଯାଇଛି କି ନାହିଁ ସେ ବାବଦରେ ସମସ୍ତ କାଗପତ୍ର ପରବର୍ତ୍ତୀ ଶୁଣାଣିରେ ଦାଖଲ କରିବାକୁ କେନ୍ଦ୍ରକୁ ସୁପ୍ରିମକୋର୍ଟ ନୋଟିସ୍ କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ, ଆମ ଆଗରେ ଅନେକ ହତ୍ୟା ମାମଲା ଅଛି, ଯେଉଁଠି ଦୋଷୀ ବର୍ଷ ବର୍ଷ ଧରି କ୍ଷମା ପାଇଁ ଆବେଦନ କରି ଜେଲ ଭୋଗୁଛନ୍ତି। ଏହି କେସ୍‌ରେ କ୍ଷମା ପ୍ରାର୍ଥନା ମାନଦଣ୍ଡକୁ ଠିକ୍ ଭାବରେ ଅନୁସରଣ କରାଯାଇଛି କି ନାହିଁ କୋର୍ଟ ପ୍ରଶ୍ନ କରିଛନ୍ତି। ଏହି ମାମଲାର ଶୁଣାଣି ପାଇଁ ସ୍ଥାପିତ ଦୁଇଜଣିଆ ଖଣ୍ଡପୀଠର ଅଂଶବିଶେଷ ଜଷ୍ଟିସ୍ କେ.ଏମ ଜୋସେଫ ଏହି ପ୍ରଶ୍ନ କରିଥିଲେ।

ବିଲକିସ୍ ବାନୋଙ୍କ ୧୧ ଜଣ ଦୁଷ୍କର୍ମକାରୀଙ୍କୁ ମୁକ୍ତି ବିରୋଧରେ ସିରିଜ୍ ଆବେଦନ କରାଯାଇଛି। ଆବେଦନକାରୀଙ୍କ ମଧରେ ଟିଏମସି ଏମପି ମହୁଆ ମୈତ୍ର, ସିପିଏମ ପଲିଟବ୍ୟୁରୋ ସଦସ୍ୟ ସୁଭାଶିନୀ ଅଲି ଏବଂ ଅନ୍ୟମାନେ ଅଛନ୍ତି। ସେହିପରି ବିଲକିସ୍ ବାନୋ ମଧ ଦୁଇଟି ପିଟିସନ ଦାଖଲ



କରିଛନ୍ତି। ସେଥିରୁ ଗୋଟିଏରେ ସର୍ବୋଚ୍ଚ ଅଦାଲତକୁ ମେ ୨୦୨୨ଆଦେଶର ସମୀକ୍ଷା କରି ଗୁଜୁରାଟ ସରକାରଙ୍କୁ ଦୋଷୀ ସାବ୍ୟସ୍ତ କରିବାକୁ ଆବେଦନ କରାଯାଇଥିଲା। ଯାହାକୁ କୋର୍ଟ ଖାରଜ କରିଦେଇଛନ୍ତି। ସୂଚନା ଯୋଗ୍ୟ ଯେ, ୨୦୦୨ ଗୋଧ୍ରା ଟ୍ରେନ ପୋଡ଼ି ପରେ ଗୁଜରାଟରେ ଦଙ୍ଗା ହୋଇଥିଲା। ଏହି ସମୟରେ ବିଲକିସ ବାନୋଙ୍କୁ ଗଣଦୁଷ୍କର୍ମ କରିବା ଏବଂ ତାଙ୍କର ୩ ବର୍ଷର ଝିଅ ଓ ୭ ଜଣ ସମ୍ପର୍କୀୟଙ୍କ ସହ ୧୩ ଜଣଙ୍କୁ ହତ୍ୟା କରିବା ଅଭିଯୋଗରେ ୧୧ ଜଣ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଥିଲେ। ୨୦୦୮ ଜାନୁଆରିରେ ସ୍ୱତନ୍ତ୍ର ସିବିଆଇ କୋର୍ଟ ଉକ୍ତ ଦୋଷୀମାନଙ୍କୁ ଆଜୀବନ କାରାଦଣ୍ଡାଦେଶ ଦେଇଥିଲେ। ପରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ମାମଲା ଅହମ୍ମଦାବାଦରୁ ବମ୍ବେ ହାଇକୋର୍ଟକୁ ସ୍ଥାନାନ୍ତର ହୋଇଥିଲା। ବମ୍ବେ ହାଇକୋର୍ଟ ଉକ୍ତ ଦଣ୍ଡାଦେଶକୁ କାଏମ୍ ରଖିଥିଲେ। ୧୫ ବର୍ଷରୁ ଉର୍ଦ୍ଧ୍ୱକାଳ ଜେଲଦଣ୍ଡ ଭୋଗିବା ପରେ ଜଣେ ଦୋଷୀ ସୁପ୍ରିମ୍‌କୋର୍ଟରେ ସେମାନଙ୍କୁ ଖଲାସ କରିଦେବା ପାଇଁ ଆବେଦନ କରିଥିଲେ। କୋର୍ଟ ଗୁଜରାଟ ସରକାରଙ୍କୁ ଏ ବିଷୟରେ ବିଚାର କରି ନିଷ୍ପତ୍ତି ନେବାକୁ ଆଦେଶ ଦେଇଥିଲେ।

## ବିଧାନସଭାରେ ପର୍ଣ୍ଣ ଭିଡିଓ ଦେଖିଲେ ବିଜେପି ବିଧାୟକ

ବିଧାନସଭା ଭଳି ପବିତ୍ର ଗୃହରେ ପୁଣି ଜଣେ ବିଜେପି ବିଧାୟକ ଅଶ୍ଳୀଳ ଭିଡିଓ ଦେଖିବା ଚର୍ଚ୍ଚାର ବିଷୟ ପାଲଟିଛି। ତ୍ରିପୁରା ବିଧାନସଭାରେ ଏକ ଗୁରୁତ୍ୱପୂର୍ଣ୍ଣ ଅଧିବେଶନ ଚାଲୁଥିବା ବେଳେ ଜଣେ ବିଜେପି ବିଧାୟକ ଅଶ୍ଳୀଳ ଭିଡିଓ ଦେଖିଥିଲେ ।

ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସେ ହେଉଛନ୍ତି ଉତ୍ତର-ପୂର୍ବ ରାଜ୍ୟର ବଗବସା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ଯାଦବ ଲାଲ ନାଥ। ବିଧାନସଭାରେ ରାଜ୍ୟ ବଜେଟ୍ ସହ ଜଡିତ ଆଲୋଚନା ବେଳେ ଏହି ଘଟଣା ଘଟିଥିବା ଜଣାଯାଇଛି। ଏହି ଘଟଣା ପରେ ବିଜେପି, ବିଧାୟକଙ୍କଠାରୁ ଏହି ଘଟଣାକୁ ନେଇ ସ୍ପଷ୍ଟୀକରଣ ମାଗି ତାଙ୍କୁ ସମନ ପଠାଇଛି। ଶ୍ରୀ ନାଥ ଏପର୍ଯ୍ୟନ୍ତ ଅଭିଯୋଗ କିମ୍ବା ଭିଡିଓ ଉପରେ କୌଣସି ପ୍ରତିକ୍ରିୟା ଦେଇନାହାଁନ୍ତି। ଅଧିବେଶନ ଶେଷ ହେବା ପରେ ସେ ବିଧାନସଭା ପରିସର ଛାଡିଥିବା ଜଣାପଡ଼ିଛି। ତେବେ ଏହା ପ୍ରଥମ ଘଟଣା ନୁହେଁ। ୨୦୧୨ରେ କର୍ଣ୍ଣାଟକର ତତ୍କାଳୀନ ବିଜେପି ସରକାରଙ୍କ ଦୁଇଜଣ ମନ୍ତ୍ରୀ ବିଧାନସଭା ଭିତରେ ନିଜ ଫୋନରେ ଅଶ୍ଳୀଳ ଭିଡିଓ ଦେଖୁଥିବାର ଭିଡିଓ ଭାଇରାଲ ହୋଇଥିଲା। ଏହା ପରେ ସେ ଇସ୍ତଫା ଦେବାକୁ ବାଧ ହୋଇଥିଲେ।

## ସଂ ପା ଦ କୀ ୟ

# ବିପଦରେ ଗଣତନ୍ତ୍ର !

ଭାରତଜୋଡୋ ଯାତ୍ରା ଆରମ୍ଭ ଠାରୁ ସଦସ୍ୟତା ହରେଇବା ପର୍ଯ୍ୟନ୍ତ ଏବଂ ତାପରେ ବି ରାହୁଲ ଗାନ୍ଧୀ ଭାରତ ରାଜନୀତିରେ ସବୁଠୁ ବେଶୀ ଚର୍ଚ୍ଚିତ ଚେହେରା। ୨୦୧୮ ମସିହା ଠାରୁ ମୋଦୀଜୀଙ୍କ ସରକାରଙ୍କୁ ଅନେକ ସମସ୍ୟା ନେଇ ରାହୁଲ ଗାନ୍ଧୀଙ୍କ ପ୍ରତିବାଦର ସ୍ୱର ଅତି ସ୍ପଷ୍ଟ ଏବଂ ଶାଣିତ। ୨୦୧୯ରେ ରାହୁଲ ଗାନ୍ଧୀ ନିର୍ବାଚନୀ ସଭାକୁ ସମ୍ବୋଧନ କଲାବେଳେ ମୋଦୀ ଟାଇଟଲକୁ ନେଇ ଯେଉଁ ବୟାନ ଦେଇଥିଲେ ତାହା ବିବାଦୀୟ ହୋଇ ରହିଛି । ଏହି ବର୍ଷ ଏହା ବିରୋଧରେ ମାର୍ଚ୍ଚ ୨୩ରେ ସୁରଟର ତଳ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ଜେଲ ଦଣ୍ଡାଦେଶ କରିଛନ୍ତି । କୋର୍ଟରୁ ଦୋଷୀ ସାବ୍ୟସ୍ତ ହେବା ପରେ ରାହୁଲଙ୍କ ଲୋକସଭା ସଦସ୍ୟତା ରଦ୍ଦ ହୋଇଛି । ଏପରିକି ତାଙ୍କୁ ସରକାରୀ ବାସଭବନ ଖାଲି କରିବାକୁ ନୋଟିସ୍ କରାଯାଇଛି। ଏହାକୁ ନେଇ ଭିକ୍ଟିମ କାର୍ଡ ଖେଳୁଛନ୍ତି କଂଗ୍ରେସର ପୂର୍ବତନ ସଭାପତି। ତାଙ୍କ ପ୍ରତି ଅବିଚାର କରାଯାଇଥିବା କହି ରାସ୍ତାକୁ ଓହ୍ଲାଉଛନ୍ତି କଂଗ୍ରେସ ନେତା ଓ କର୍ମୀ । ଏକାଧିକ ମୁଖ୍ୟମନ୍ତ୍ରୀ ଓ ନେତାଙ୍କୁ ସାଙ୍ଗରେ ନେଇ ପୁଣିଥରେ ରାଜନୈତିକ ପତିଆରା ପ୍ରଦର୍ଶନ କରିଛନ୍ତି ରାହୁଲ। ଏହାକୁ କଂଗ୍ରେସର ଡ୍ରାମା କହି ସମାଲୋଚନା କରିଛି ବିଜେପି । ନ୍ୟାୟପାଳିକା ଉପରେ ରାହୁଲ ଚାପ ପକାଉଥିବା ଦଳ ଅଭିଯୋଗ କରିଛି। "ରାହୁଲ ଗାନ୍ଧୀ ଦୋଷୀ ସାବ୍ୟସ୍ତ ହେବା ପରେ ଜନ ପ୍ରତିନିଧି ଆଇନ ବଳରେ ତାଙ୍କର ଲୋକସଭା ସଦସ୍ୟତା ରଦ୍ଦ ହୋଇଥିଲା। କିନ୍ତୁ ସାଂସଦ ପଦ ଫେରି ପାଇବା ପାଇଁ ରାହୁଲଙ୍କ ପାଖରେ ରହିଛି ବିକଳ୍ପ ।" ମୋଦୀ ଟାଇଟଲ ମାମଲାରେ ତଳ କୋର୍ଟଙ୍କ ସଜାକୁ ଚ୍ୟାଲେଞ୍ଜ କରି ସଜାର ୧୧ ଦିନରେ ୩ ମୁଖ୍ୟମନ୍ତ୍ରୀ ଯଥା ଭୁପେଶ ବାଘେଲ, ସୁଖବିନ୍ଦର ସିଂ ସୁଖୁ ଏବଂ ଅଶୋକ ଗେହଲଟଙ୍କୁ ଧରି ସୁଟର ଜିଲ୍ଲା ସେସନ୍ସ କୋର୍ଟରେ ପହଞ୍ଚିଥିଲେ ରାହୁଲ । ଖାଲି ସେତିକି ନୁହେଁ, ସାଙ୍ଗରେ ବି ଥିଲେ ବରିଷ୍ଠ କଂଗ୍ରେସ ନେତା କେସି ବେଣୁଗୋପାଳ, ଦିଗବିଜୟ ସିଂ ଓ ଆନନ୍ଦ ଶର୍ମା । ବିରାଟ ପଟୁଆରରେ ଆସି ଶକ୍ତି ପ୍ରଦର୍ଶନ କରିଛନ୍ତି କଂଗ୍ରେସ ନେତା । ରାହୁଲ ଟ୍ୱିଟ କରି ଲେଖିଛନ୍ତି "ଏହା 'ମିତ୍ରକାଳ' ବିରୋଧରେ ଗଣତନ୍ତ୍ରକୁ ବଞ୍ଚାଇବାର ଲଢେଇ । ଏହି ସଂଘର୍ଷରେ ସତ୍ୟ ହିଁ ମୋର ଅସ୍ତ୍ର ଓ ସତ୍ୟ ହିଁ ମୋର ସାହାରା।" ଏଥି ସହିତ ରାହୁଲଙ୍କ ଓକିଲ ଯୁକ୍ତି ବାଢ଼ିଥିଲେ ଯେ, କଂଗ୍ରେସ ନେତାଙ୍କ ବିରୋଧରେ କୌଣସି ଡକ୍ୟୁମେଣ୍ଟାରୀ ପ୍ରମାଣ ନାହିଁ ଏବଂ ୧୩ କୋଟି ଜନସଂଖ୍ୟା ବିଶିଷ୍ଟ ସମାଜ ବିଷୟରେ କୌଣସି ରାଜନେତା ମିଥ୍ୟା ବିବୃତ୍ତି କରିବେ ନାହିଁ। ରାହୁଲଙ୍କ ଓକିଲ ସ୍ପଷ୍ଟ କରିଛନ୍ତି ଯେ, ସେ ଲଳିତ ମୋଦୀ, ନିରାବ ମୋଦୀ ଏବଂ ନରେନ୍ଦ୍ର ମୋଦୀଙ୍କ ଉପରେ ଟିପ୍ପଣୀ କରିଥିଲେ, ହେଲେ 'ମୋଦୀ ସମାଜ'କୁ ନେଇ ନୁହେଁ। କେବଳ ଏତିକି ହିଁ ନୁହେଁ ରାହୁଲ ଗାନ୍ଧୀ ମାମଲାରେ ନଜର ରଖିଛି ଆମେରିକା । ଆମେରିକାର ସ୍ୱରାଷ୍ଟ୍ର ବିଭାଗ ଏହି ମାମଲାରେ ନିଜକୁ ଦୂରେଇ ରଖିବାରେ ବାଇଡେନ ପ୍ରଶାସନ କହିଛି ଯେ ରାହୁଲ ଗାନ୍ଧୀଙ୍କ ସମ୍ପର୍କରେ ଚାଲିଥିବା କୋର୍ଟ ମାମଲା ଉପରେ ନଜର ରଖିଛି । ହ୍ୱାଇଟ୍ ହାଉସରେ ଆମେରିକାର ବୈଦେଶିକ ବିଭାଗର ଉପ ମୁଖପାତ୍ର ବେଦାନ୍ତ ଟେଲ କହିଛନ୍ତି ଯେ ରାହୁଲ ଗାନ୍ଧୀ ମାମଲାରେ ଭାରତୀୟ କୋର୍ଟରେ ଚାଲିଥିବା ମାମଲା ଉପରେ ଆମେରିକା ନଜର ରଖିଛି। ରାହୁଲ ଗାନ୍ଧିଙ୍କ ସଂସଦ ସଦସ୍ୟତା ରଦ୍ଦ ହେବାରେ ଏବେ କେରଳରେ ଖାଲିପଡ଼ିଥିବା ୱାୟନାଡ ଲୋକସଭା ଆସନରେ ଉପନର୍ବାଚନକୁ ନେଇ ମାନସ ମନ୍ଥନ ଆରମ୍ଭ ହୋଇଯାଇଛି । ନିର୍ବାଚନ କମିଶନର ଜଣେ ସୂତ୍ରଙ୍କ ଅନୁଯାୟୀ ୱାୟନାଡ ଲୋକସଭା କ୍ଷେତ୍ରରେ ଉପନିର୍ବାଚନର କାର୍ଯ୍ୟକ୍ରମ ଏପ୍ରିଲରେ ଘୋଷଣା ହୋଇପାରେ । ନିର୍ବାଚନ କମିଶନ ୱାୟନାଡରେ ଉପନିର୍ବାଚନକୁ ନେଇ ମନ୍ଥନ ମଧ୍ୟ ଆରମ୍ଭ କରିଦେଇଛି । "ଏହାରି ଭିତରେ ମାନହାନୀ ମାମଲାରେ ଏପ୍ରିଲ ୧୩ ଯାଏଁ ରାହୁଲଙ୍କୁ ଜାମିନ୍ ଦେଇଛନ୍ତି ସୁରଟ ଜିଲ୍ଲା ସେସନ୍ସ କୋର୍ଟ। ସେହିଦିନ ପରବର୍ତ୍ତୀ ଶୁଣାଣି ହେବ ଓ ପ୍ରତିପକ୍ଷ ପୂର୍ଣ୍ଣେଶ ମୋଦୀ ଏପ୍ରିଲ ୧୦ ସୁଦ୍ଧା ଉତ୍ତର ରଖିବେ। ତେବେ ଦଣ୍ଡାଦେଶ ଉପରେ ରହିତାଦେଶ ନେଇ ମେ' ୩ ତାରିଖରେ ଶୁଣାଣି କରିବେ ସୁରଟ କୋର୍ଟ। ଏହା ପୂର୍ବରୁ କୌଣସି ନେତାଙ୍କର ମାନହାନୀ ମକଦ୍ଦମା ହେତୁ ସଦସ୍ୟତା ପଦ ରଦ୍ଦ କରାଯାଇନାହିଁ।" ତେବେ ଯାହା ହେଉନା କାହିଁକି ଏପରି ପ୍ରତିଶୋଧ ପରାୟଣ ମନୋଭାବ ପାଇଁ ବିଜେପିର ଲୋକପ୍ରିୟତା ହ୍ରାସ ହେବା ସହିତ ରାହୁଲ ଗାନ୍ଧୀଙ୍କର ଲୋକପ୍ରିୟତାରେ ବୃଦ୍ଧି ଘଟୁଥିବାର ପରିଲିକ୍ଷୀତ ହେଉଛି। ଆଗକୁ ଆସୁଥିବା ବିଧାନସଭା ନିର୍ବାଚନରେ ଏହାର ପ୍ରତିଫଳନ ଦେଖା ଦେବ ବୋଲି ଆଶା କରଯାଉଛି। ତେବେ ସମୟ ସବୁକିଛିର ସଠିକ୍ ଉତ୍ତର ଦେବ।

# ଡିଙ୍କିଆ ବ୍ୟାପାରରେ କ୍ଷମା ମାଗନ୍ତୁ ଓଡ଼ିଶା ସରକାର !

**ରବି ଦାସ, ବରିଷ୍ଠ ସାମ୍ବାଦିକ**

“

**ସଂପୂର୍ଣ୍ଣ ନିରସ୍ତ୍ର ଗ୍ରାମବାସୀଙ୍କ ଉପରେ ପୋଲିସ ଯେପରି ଭାବେ ଅତ୍ୟାଚାର କରିଛି, ସେଥିପାଇଁ ରାଜ୍ୟ ପକ୍ଷରୁ ସେମାନଙ୍କୁ ଏବେ କ୍ଷମା ମାଗିବା ଉଚିତ୍। ତା'ଛଡ଼ା ସେମାନଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହୃତ ହେବା ଆବଶ୍ୟକ। ବାସ୍ତବରେ ଡିଙ୍କିଆ ଅଞ୍ଚଳରେ ବିନା କାରଣରେ ପୋଲିସ ଯେପରି ଭାବରେ ଲୋକମାନଙ୍କ ଉପରେ ଅତ୍ୟାଚାର କରିଛି, ତାହା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ। ସରକାର ଏବେ ମଧ୍ୟ ନିଜର ଭୁଲ ସ୍ୱୀକାର କରି ଯଦି ସମସ୍ତ ମାମଲା ପ୍ରତ୍ୟାହାର କରନ୍ତି ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ ଅଧିକାର ଆଇନ୍-୨୦୦୬ କାର୍ଯ୍ୟକାରୀ କରନ୍ତି, ତେବେ ଡିଙ୍କିଆ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା ସମ୍ଭବ ହେବ।**



ଏରସମା ବ୍ଳକର ଡିଙ୍କିଆ ଅଞ୍ଚଳରେ ପସ୍କୋ ପାଇଁ ଦିଆଯାଇଥିବା ଜମିକୁ ରାଜ୍ୟ ସରକାର ଜେଏସଡବ୍ଲ୍ୟୁକୁ ପ୍ରଦାନ କରି ସେଠାରେ ଇସ୍ପାତ କାରଖାନା ପ୍ରତିଷ୍ଠା ନିମନ୍ତେ ଯେଉଁ ବ୍ୟବସ୍ଥା କଲେ ସେଥିରେ କ୍ଷତିଗ୍ରସ୍ତ ହେବାକୁ ଥିବା ଲୋକମାନେ ଆନ୍ଦୋଳନ କରିଥିଲେ। ପସ୍କୋ କମ୍ପାନୀ ବିରୋଧରେ ଯେଉଁ ଧରଣର ଆନ୍ଦୋଳନ ହୋଇଥିଲା, ଏଥର ସେହି ଧରଣର ଆନ୍ଦୋଳନ ହୋଇନଥିଲେ ମଧ୍ୟ ଡିଙ୍କିଆ ପଞ୍ଚାୟତର ଲୋକମାନେ ସେମାନଙ୍କର ଜୀବନ ଜୀବିକା ଓ ପରିବେଶ ସୁରକ୍ଷା ନିମନ୍ତେ ଏହିସବୁ ଜମିକୁ ଜିନ୍ଦଲ କମ୍ପାନୀକୁ ଦିଆଯିବାକୁ ବିରୋଧ କରିଥିଲେ। ବିଶେଷ ଭାବରେ ଏହି ଅଞ୍ଚଳରେ ଥିବା ବିସ୍ତୃତ ଜଙ୍ଗଲ ଜମିରେ ସ୍ଥାନୀୟ ଲୋକମାନେ ଶହ ଶହ ବର୍ଷ ଧରି ସେମାନଙ୍କର ଜୀବିକା ପାଇଁ ନିର୍ଭର କରିଆସୁଥିବାରୁ ସେହି ସବୁ ଜମିକୁ ଜିନ୍ଦଲ କମ୍ପାନୀକୁ ଦିଆଯିବା ସେମାନଙ୍କ ସ୍ୱାର୍ଥ ବିରୋଧରେ ବୋଲି ମତ ପ୍ରକାଶ ପାଇଲା। କିନ୍ତୁ ସରକାରଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ବିଭାଗ ଆନ୍ଦୋଳନକାରୀଙ୍କ ଉପରେ କ୍ରମାଗତ ଚଢ଼ଉ କରିଥିଲା। ସେମାନଙ୍କର ପାନ ବରଜ ନଷ୍ଟ କରିବା ସହିତ ଆନ୍ଦୋଳନ କରୁଥିବା ଚାଷୀ-ମୂଲିଆଙ୍କୁ ଜଣ ଜଣ କରି ବିଭିନ୍ନ ମିଥ୍ୟା ମାମଲାରେ ଗିରଫ କରି ଜେଲକୁ ପଠାଇଥିଲା। ଗତ ୧୫ ମାସ ଭିତରେ ବହୁ ଆନ୍ଦୋଳନକାରୀ ଜେଲରୁ ଜାମିନରେ ଖଲାସ ହୋଇଥିଲେ ମଧ୍ୟ ସେମାନଙ୍କ ମୁଖ୍ୟ ନେତା ଦେବେନ୍ଦ୍ର ସ୍ୱାଇଁ ଓ ପ୍ରଦୀପ୍ତ ଶତପଥୀଙ୍କ ସମେତ ଗୀତାଞ୍ଜଳି ଭୋଇ ଏବେ ମଧ୍ୟ ଜେଲରେ ଅଛନ୍ତି।

ବାସ୍ତବରେ କେବଳ ନିଜର ଜୀବନ ଜୀବିକା ଓ ଅଧିକାର ପାଇଁ ଲଢ଼େଇ କରୁଥିବା ଗାଁର ସାଧାରଣ ଲୋକମାନଙ୍କ ଉପରେ ଗତ ୧୫ ମାସ ଭିତରେ ପୋଲିସ ଯେଉଁ ଧରଣର ଅତ୍ୟାଚାର କରିଛି ତାହା ଅକଥନୀୟ। କେବଳ ଆନ୍ଦୋଳନକୁ ଦବାଇବା ପାଇଁ ରାତି ଅଧରେ ଓ ଦିନର ଯେ କୌଣସି ସମୟରେ ପୋଲିସ ପ୍ରବେଶ କରି ସେମାନେ ବିଚାର କରୁଥିବା ଆନ୍ଦୋଳନକାରୀମାନଙ୍କୁ ଗିରଫ କରିଛନ୍ତି ଓ ସେମାନେ ସହଜରେ ଜାମିନରେ ନଆସିବେ ସେଥିପାଇଁ କଠୋର ଦଫା ଦିଆଯାଇଛି। ଜଣଙ୍କର ଗୋଟିଏ ମାମଲାରେ ଜାମିନ ହୋଇଗଲା ପରେ ଦ୍ୱିତୀୟ ଓ ତୃତୀୟ ମିଥ୍ୟା ମାମଲା କରାଯାଇଛି। ଏପରିକି ଏହି ଆନ୍ଦୋଳନକାରୀମାନଙ୍କୁ ସମର୍ଥନ କରିବା ପାଇଁ ମେଧା ପାଟକରେଙ୍କ ସମେତ ଯେଉଁ ମାନବାଧିକାର ନେତାମାନେ ସେହି ଅଞ୍ଚଳକୁ ଯାଇଛନ୍ତି, ସେମାନଙ୍କୁ ପୋଲିସ ପ୍ରରୋଚନାରେ ସେହି ଅଞ୍ଚଳକୁ ଯିବାକୁ ଅନୁମତି ଦିଆଯାଇ ନାହିଁ। ମୋଟାମୋଟି ଭାବରେ ଡିଙ୍କିଆ ଗ୍ରାମ ଉପରେ କ୍ରମାଗତ ଚଢ଼ଉରେ ୮୫ ଜଣ ଲୋକଙ୍କୁ ବିଭିନ୍ନ ସମୟରେ ଗିରଫ କରାଯାଇଛି। ଏହି ସାଧାରଣ ଲୋକମାନେ ଜାଣିପାରୁ ନାହାନ୍ତି କାହିଁକି ସେମାନଙ୍କ ଉପରେ ଏତେ ଅତ୍ୟାଚାର କରାଯାଉଛି ?

ଏହି ପୃଷ୍ଠଭୂମିରେ ନିକଟରେ ଜିନ୍ଦଲ କମ୍ପାନୀର ପରିବେଶ ମୂଲ୍ୟାୟନ ରିପୋର୍ଟ ସଠିକ୍ ଭାବରେ କରାଯାଇନଥିବାରୁ ଏହାର ପରିବେଶ ମଞ୍ଜୁରୀକୁ ଗ୍ରୀନ୍ ଟ୍ରିବ୍ୟୁନାଲର ପୂର୍ବ ଜୋନ୍ ୩ ମାସ ସ୍ଥଗିତ କରିଦେଇଛନ୍ତି। ଏହି ସମୟ ଭିତରେ ଗ୍ରୀନ୍ ଟ୍ରିବ୍ୟୁନାଲ୍ ଉତ୍ଥାପନ କରିଥିବା ପ୍ରଶ୍ନଗୁଡିକ ବିଚାର କରି ସାନି ପରିବେଶ ମୂଲ୍ୟାୟନ ରିପୋର୍ଟ କରିବା ପାଇଁ କେନ୍ଦ୍ର ପରିବେଶ ଓ ଜଙ୍ଗଲ ମନ୍ତ୍ରାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ଚର୍ଯ୍ୟର କଥା, ପସ୍କୋ ପ୍ରକଳ୍ପ ସମୟରେ ତତ୍କାଳୀନ ମୀନା ଗୁପ୍ତା କମିଟି ଯେଉଁ ପ୍ରସଂଗ ସବୁ ଉଠାଇଥିଲେ ସେଗୁଡ଼ିକର ଏବେ ମଧ୍ୟ ବିଚାରକୁ ନିଆଯାଇ ନାହିଁ।

ସବୁଠାରୁ ବଡ଼ କଥା ହେଉଛି, ଓଡ଼ିଶା ହାଇକୋର୍ଟ ଡିଙ୍କିଆ ଅଞ୍ଚଳର ଯେଉଁ ଜଙ୍ଗଲ ଜମିକୁ ଜିନ୍ଦଲ କମ୍ପାନୀକୁ ଦେବା ପାଇଁ ସ୍ଥିର କରିଛନ୍ତି ସେହି ଜମିଗୁଡ଼ିକରେ ୨୦୦୬ ଜଙ୍ଗଲ ଅଧିକାର ଆଇନ୍ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇନଥିବା ଉପଲବ୍ଧି କରିଛନ୍ତି। ଜଙ୍ଗଲ ଅଧିକାର ଆଇନ୍-୨୦୦୬ ଅନୁସାରେ କୌଣସି ଜଙ୍ଗଲ ଜମି ଉପରେ ରହୁଥିବା ଆଦିବାସୀ ବା ପାରମ୍ପାରିକ ଜଙ୍ଗଲବାସୀଙ୍କୁ ଆଇନ୍ ଅନୁସାରେ ଜମି ଉପରେ ଅଧିକାର ସାବ୍ୟସ୍ତ କଲା ପରେ ସେଗୁଡ଼ିକର ଅଧିଗ୍ରହଣ ଗ୍ରାମସଭାର ନିଷ୍ପତ୍ତି ଅନୁସାରେ କରାଯାଇପାରିବ। ତହସିଲଦାର ନିଜ ଇଚ୍ଛା ଅନୁସାରେ ଏହିସବୁ ଜଙ୍ଗଲ ଜମିକୁ କମ୍ପାନୀକୁ ଜଙ୍ଗଲ ଅଧିକାର ଆଇନ୍-୨୦୦୬କୁ ଏଡ଼ାଇଯାଇ ହସ୍ତାନ୍ତର କରିପାରିବେ ନାହିଁ। ଓଡ଼ିଶା ହାଇକୋର୍ଟ ଜଙ୍ଗଲ ଅଧିକାର ଆଇନ୍-୨୦୦୬କୁ ଭଲ ଭାବେ ତର୍ଜମା କରି ସେହି ଜଙ୍ଗଲ ଜମି ଉପରେ ୩ ପୁରୁଷ ଧରି ରହିଆସୁଥିବା ଓ ନିଜର ଜୀବିକା ନିର୍ବାହ କରୁଥିବା ଲୋକମାନଙ୍କୁ ମନଇଚ୍ଛା ହଟାଯାଇପାରିବ ନାହିଁ ବୋଲି ମତ ଦେଇଛନ୍ତି। ଏହି ପାରମ୍ପାରିକ ଜଙ୍ଗଲବାସୀଙ୍କ ଜଙ୍ଗଲ ଉପରେ ଅଧିକାରକୁ ସାବ୍ୟସ୍ତ କରିବା ପାଇଁ ଯେଉଁ ବ୍ୟବସ୍ଥା ଅଛି, ତାହାକୁ ପାଳନ ନକରି ଏହି ଜମି ହସ୍ତାନ୍ତର ହୋଇଥିବାରୁ ହାଇକୋର୍ଟ ଏପରି ଜମି ହସ୍ତାନ୍ତର ହୋଇପାରିବ ନାହିଁ ବୋଲି ସ୍ପଷ୍ଟ ମତ ଦେଇଛନ୍ତି । ଅର୍ଥାତ୍ ଆଇନ୍ ଅନୁସାରେ ଏହି ପାରମ୍ପାରିକ ଜଙ୍ଗଲବାସୀଙ୍କୁ ଜଙ୍ଗଲ ଅଧିକାର ପ୍ରଦାନ କରିବା ପରେ ହିଁ ଜମି ଅଧିଗ୍ରହଣ ହୋଇପାରିବ। କହିବା ବାହୁଲ୍ୟ ଓଡ଼ିଶା ହାଇକୋର୍ଟ ସିଧାସଳଖ ଭାବରେ ଏହି ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ରହିତାଦେଶ ଜାରି କରିଛନ୍ତି।

ଏଣୁ ଜଙ୍ଗଲ ଅଧିକାର ଆଇନ୍-୨୦୦୬ କାର୍ଯ୍ୟକାରୀ ନହେଲା ପର୍ଯ୍ୟନ୍ତ ଏହି ଜଙ୍ଗଲ ଜମି ଜିନ୍ଦଲ କମ୍ପାନୀକୁ ହସ୍ତାନ୍ତର ହୋଇପାରିବ ନାହିଁ। ଗୋଟିଏ ପକ୍ଷରେ ନ୍ୟାସନାଲ୍ ଗ୍ରୀନ୍ ଟ୍ରିବ୍ୟୁନାଲର ପରିବେଶ ମଞ୍ଜୁରୀକୁ ୩ ମାସ ସ୍ଥଗିତ ରଖିବା ଓ ଅନ୍ୟପକ୍ଷରେ ଓଡ଼ିଶା ହାଇକୋର୍ଟ ସିଧାସଳଖ ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ ନହେବା ପର୍ଯ୍ୟନ୍ତ ଜଙ୍ଗଲ ଜମିକୁ ଜିନ୍ଦଲକୁ ହସ୍ତାନ୍ତର କରାଯାଇପାରିବ ନାହିଁ ବୋଲି ନିର୍ଦ୍ଦେଶ ଦେବା ପରେ ପ୍ରଶ୍ନ ଉଠୁଛି, କେଉଁ ଉଦ୍ଦେଶ୍ୟରେ ଓ କାହିଁକି ସେଠାକାର ଗରିବ ଲୋକମାନଙ୍କ ଉପରେ ଗତ ୧୫ ମାସ ହେଲା କ୍ରମାଗତ ପୋଲିସ ଅତ୍ୟାଚାର ଚଳାଇଥିଲା ? ଆଶ୍ଚର୍ଯ୍ୟର କଥା ଯେଉଁ ପୋଲିସ ଏସପି ଏହି ଅତ୍ୟାଚାରର ମୁଖ୍ୟ ନାୟକ ଥିଲେ, ସେ ଇତିମଧ୍ୟରେ ପ୍ରମୋସନ ପାଇଗଲେଣି। କିନ୍ତୁ ସେ ଗିରଫ କରିଥିବା ଲୋକମାନେ ବିନା କାରଣରେ ଜେଲରେ ଅଛନ୍ତି ଓ ବହୁ ପ୍ରକାର ମାମଲାରେ ଛନ୍ଦି ହୋଇପଡିଛନ୍ତି। ଏହା ମାନବ ଅଧିକାର ଉପରେ ଏକ ପ୍ରଚଣ୍ଡ ଆକ୍ରମଣ।

ସଂପୂର୍ଣ୍ଣ ନିରସ୍ତ୍ର ଗ୍ରାମବାସୀଙ୍କ ଉପରେ ପୋଲିସ ଯେପରି ଭାବେ ଅତ୍ୟାଚାର କରିଛି, ସେଥିପାଇଁ ରାଜ୍ୟ ପକ୍ଷରୁ ସେମାନଙ୍କୁ ଏବେ କ୍ଷମା ମାଗିବା ଉଚିତ୍। ତା'ଛଡ଼ା ସେମାନଙ୍କ ବିରୋଧରେ ହୋଇଥିବା ସମସ୍ତ ମାମଲା ପ୍ରତ୍ୟାହୃତ ହେବା ଆବଶ୍ୟକ। ବାସ୍ତବରେ ଡିଙ୍କିଆ ଅଞ୍ଚଳରେ ବିନା କାରଣରେ ପୋଲିସ ଯେପରି ଭାବରେ ଲୋକମାନଙ୍କ ଉପରେ ଅତ୍ୟାଚାର କରିଛି, ତାହା କୌଣସି ଗଣତାନ୍ତ୍ରିକ ରାଷ୍ଟ୍ରରେ ଗ୍ରହଣୀୟ ନୁହେଁ। ସରକାର ଏବେ ମଧ୍ୟ ନିଜର ଭୁଲ ସ୍ୱୀକାର କରି ଯଦି ସମସ୍ତ ମାମଲା ପ୍ରତ୍ୟାହାର କରନ୍ତି ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଜଙ୍ଗଲ ଅଧିକାର ଆଇନ୍-୨୦୦୬ କାର୍ଯ୍ୟକାରୀ କରନ୍ତି, ତେବେ ଡିଙ୍କିଆ ଅଞ୍ଚଳରେ ସ୍ଥାୟୀ ଶାନ୍ତି ଓ ସଦ୍ଭାବନା ପ୍ରତିଷ୍ଠା ସମ୍ଭବ ହେବ।

ମୋ-୮୦୧୮୦୯୪୫୫

# ଇଚ୍ଛାମୃତ୍ୟୁ, ଆତ୍ମହତ୍ୟା ଓ ଦୟାମୃତ୍ୟୁ

**ଜାନକୀଶ ବଡ଼ପଣ୍ଡା**

“

**ଯେତେବେଳେ ଜଣେ ଦୁରାରୋଗ୍ୟ ରୋଗୀ ମୃତ୍ୟୁଲାଭ କରି ଦୁଃସହ ଯନ୍ତ୍ରଣାରୁ ମୁକ୍ତିପାଇଁ ଅନୁରୋଧ କରନ୍ତି କିମ୍ବା ସହମତି ପ୍ରକାଶ କରନ୍ତି ତାହାକୁ ସ୍ୱେଚ୍ଛାକୃତ ବା ଇଚ୍ଛାକୃତ ଦୟାମୃତ୍ୟୁ କୁହାଯାଏ। ଯେତେବେଳେ ରୋଗୀର ବିନା ଅନୁମତିରେ ଡାକ୍ତର କିମ୍ବା ପରିବାର ସଦସ୍ୟମାନେ ଏଭଳି ଚରମ ନିଷ୍ପତ୍ତି ନିଅନ୍ତି ତାହାକୁ ଅନିଚ୍ଛାକୃତ ଦୟାମୃତ୍ୟୁ କୁହାଯାଏ।**

ଇଚ୍ଛାମୃତ୍ୟୁ, ଆତ୍ମହତ୍ୟା ଓ ଦୟାମୃତ୍ୟୁ ପରସ୍ପରଠାରୁ ଅଲଗା। ଉଭୟ 'ଇଚ୍ଛାମୃତ୍ୟୁ' ଓ 'ଦୟାମୃତ୍ୟୁ' ଦ୍ୱୟ ଜଟିଳ ଏବଂ ବିବାଦୀୟ ବିଷୟ ଯାହାକୁ ନେଇ ବିଗତ ଅନେକ ଦଶନ୍ଧି ଧରି ବିତର୍କ ଚାଲି ଆସିଛି। ଜୀବନର ଶେଷ ସମୟରେ ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତା କିମ୍ବା ଅପୂରଣୀୟ ଆଘାତ ଭୋଗ କରୁଥିବା ବ୍ୟକ୍ତିଙ୍କୁ ଶାରୀରିକ ଦୁଃଖରୁ ମୁକ୍ତି ଦେବା ଉଦ୍ଦେଶ୍ୟରେ ଦୟାମୃତ୍ୟୁ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କ ଜୀବନକୁ ସମାପ୍ତ କରାଯାଉଥିଲାବେଳେ ଇଚ୍ଛାମୃତ୍ୟୁ ଚାହୁଁଥିବା ବ୍ୟକ୍ତି ନିଜେ ନିଜର ଜୀବନକୁ ସମାପ୍ତ କରିବାକୁ ନିବେଦନ କରନ୍ତି। ବେଲଜିୟମ, କାନାଡ଼ା, କଲମ୍ବିଆ, ଲକ୍ସମବର୍ଗ, ନେଦରଲ୍ୟାଣ୍ଡ, ନ୍ୟୁଜିଲାଣ୍ଡ ଓ ସ୍ପେନ୍ ଭଳି କେତେକ ଦେଶରେ ଦୟାମୃତ୍ୟୁ ଆଇନଗତ ସ୍ୱୀକୃତି ଲାଭ କରିଥିବାବେଳେ ଏହା ସ୍ୱିଜରଲ୍ୟାଣ୍ଡ ପରି ଅନ୍ୟାନ୍ୟ ଦେଶରେ ବେଆଇନ। ନୈତିକତା ଓ ଧାର୍ମିକ ଆଧାରରେ ଦୟାମୃତ୍ୟୁକୁ ତଉଲାଯାଇ ଆଇନ ତିଆରି କରାଯାଇଛି ବିଭିନ୍ନ ଦେଶରେ। ଯେଉଁଠି ଆଇନ ପ୍ରଣୟନ କରାଯାଇନାହିଁ ସେସବୁ ଦେଶରେ ଆଜି ବି ବିତର୍କ ଚାଲିଛି - ନୀତି, ନୈତିକତା, ଧର୍ମ ଓ ବିବେକର ଡାକରା, ମାନବିକ ଅଧିକାର ସହ ମାନବିକତାକୁ ପାଥେୟ କରି !




ଦୟାମୃତ୍ୟୁର ଅନେକ ରୂପ। ନିଷ୍କ୍ରିୟ ବା ପରୋକ୍ଷ, ସକ୍ରିୟ ବା ପ୍ରତ୍ୟକ୍ଷ, ସ୍ୱେଚ୍ଛାକୃତ ଏବଂ ଅନିଚ୍ଛାକୃତ ଭାବେ ଦୟାମୃତ୍ୟୁ ପ୍ରଦାନ କରାଯାଇପାରେ। ନିଷ୍କ୍ରିୟ ବା ପରୋକ୍ଷ ଦୟାମୃତ୍ୟୁରେ ଜୀବନ ରକ୍ଷାକାରୀ ଡାକ୍ତରୀ ଚିକିତ୍ସା - ଯଥା କୃତ୍ରିମ ନିଃଶ୍ୱାସ ପ୍ରଶ୍ୱାସ ଯନ୍ତ୍ରକୁ ପ୍ରତ୍ୟାହାର କରିବା ଭଳି ପଦକ୍ଷେପ ନିଆଯାଉଥିବାବେଳେ ସକ୍ରିୟ ବା ପ୍ରତ୍ୟକ୍ଷ ଦୟାହତ୍ୟାରେ ରୋଗୀର ଜୀବନ ଶେଷ କରିବା ପାଇଁ ମାରାତ୍ମକ ଔଷଧ କିମ୍ବା ବିଷ ଇଞ୍ଜେକ୍ସନ ପ୍ରୟୋଗ କରାଯାଇପାରେ। କିନ୍ତୁ ଯେତେବେଳେ ଜଣେ ଦୁରାରୋଗ୍ୟ ରୋଗୀ ମୃତ୍ୟୁଲାଭ କରି ଦୁଃସହ ଯନ୍ତ୍ରଣାରୁ ମୁକ୍ତିପାଇଁ ଅନୁରୋଧ କରନ୍ତି କିମ୍ବା ସହମତି ପ୍ରକାଶ କରନ୍ତି ତାହାକୁ ସ୍ୱେଚ୍ଛାକୃତ ବା ଇଚ୍ଛାକୃତ ଦୟାମୃତ୍ୟୁ କୁହାଯାଏ। ଯେତେବେଳେ ରୋଗୀର ବିନା ଅନୁମତିରେ ଡାକ୍ତର କିମ୍ବା ପରିବାର ସଦସ୍ୟମାନେ ଏଭଳି ଚରମ ନିଷ୍ପତ୍ତି ନିଅନ୍ତି ତାହାକୁ ଅନିଚ୍ଛାକୃତ ଦୟାମୃତ୍ୟୁ କୁହାଯାଏ। ନିକଟରେ ଭୁବନେଶ୍ୱରର ୬୮ ବର୍ଷ ବୟସ୍କ ଭାସ୍କର ବାରିକ ଆର୍ଥ୍ରାଇଟିସ୍, ମଧୁମେହ, ପାଟି ଏବଂ ମଳଦ୍ୱାର ଅଲସର ରୋଗରେ ଅସହ୍ୟ ଯନ୍ତ୍ରଣା ଭୋଗୁଥିବାରୁ ଏବଂ ଡାକ୍ତରମାନେ ସମସ୍ତ ଆଶା ହରାଇଥିବାରୁ ତାଙ୍କୁ ଇଚ୍ଛାକୃତ ଦୟାମୃତ୍ୟୁ ପ୍ରଦାନ କରାଯିବାକୁ ବିକଳ ଅନୁରୋଧ କରିଥିଲେ। ତାଙ୍କର ପ୍ରଶ୍ନ, 'ଆମ ଆଇନ ଜଣେ ଅପରାଧୀକୁ ମୃତ୍ୟୁଦଣ୍ଡ ଦେବାକୁ ବାଧ କରିଥାଏ, ଯଦିଓ ସେ ବଞ୍ଚିବାକୁ ଚାହେଁ। କିନ୍ତୁ ତୀବ୍ର ଯନ୍ତ୍ରଣା ଭୋଗୁଥିବା ରୋଗୀ ଶାନ୍ତିପୂର୍ଣ୍ଣ ତଥା ସମ୍ମାନଜନକ ମୃତ୍ୟୁ ପାଇଁ ଇଚ୍ଛାମୃତ୍ୟୁ ଚାହିଁଲେ ଆମଦେଶର ଆଇନ ନୀରବ କାହିଁକି ?

ଦୟାମୃତ୍ୟୁର ଗୋଟିଏ ବହୁଚର୍ଚ୍ଚିତ ଉଦାହରଣ ହେଉଛନ୍ତି ସୁଶ୍ରୀ ଅରୁଣା ଶାନବାଗ। ସେ ମୁମ୍ବାଇର ପାରେଲ କିଙ୍ଗ ଏଡୱାର୍ଡ ମେମୋରିଆଲ ହସ୍ପିଟାଲରେ ଜଣେ ନର୍ସ ଭାବେ କାର୍ଯ୍ୟ କରୁଥିଲେ। ୧୯୭୩ ମସିହା, ନଭେମ୍ବର ୨୭ ତାରିଖରେ ସୋହନଲାଲ ବାଲ୍ମିକୀ ନାମକ ଜଣେ ବ୍ୟକ୍ତି ତାଙ୍କୁ ଗଳା କାଟି ହତ୍ୟା ଉଦ୍ୟମ କରିଥିଲେ। ସେ ଅମ୍ଳଜାନ ନପାଇ ମୁମୂର୍ଷୁ ଅବସ୍ଥାରେ ମୃତପ୍ରାୟ ଡାକ୍ତରଖାନାର ଖଟିଆରେ ଶୋଇ ରହିଥିଲେ। ଅରୁଣାଙ୍କ ତରଫରୁ ତାଙ୍କର ବାନ୍ଧବୀ ପିଙ୍କି ବିରାନୀ ନାମକ ଜଣେ ସମାଜସେବୀ ସର୍ବୋଚ୍ଚ ନ୍ୟାୟାଳୟରେ ଏକ ଯାଚିକା ଦାଖଲ କରି ଯୁକ୍ତି ବାଢ଼ିଥିଲେ ଯେ ଅରୁଣାଙ୍କୁ ସମ୍ମାନର ସହ ବଞ୍ଚିବାର ଅଧିକାରକୁ ଏହା ଉଲ୍ଲଂଘନ କରୁଛି। ଅଥଚ, ଯାଚିକାଟିକୁ ସର୍ବୋଚ୍ଚ ନ୍ୟାୟାଳୟ ୭ ମାର୍ଚ୍ଚ ୨୦୧୧ରେ ଖାରଜ କରିଦେଲେ। ଅରୁଣା ଯେଉଁ ଡାକ୍ତରଖାନାରେ କାମ କରୁଥିଲେ ସେଠାକାର ସହକର୍ମୀମାନେ ତାଙ୍କର ଚିକିତ୍ସା ଏବଂ ଯତ୍ନ ନେଉଥିବାରୁ ଅରୁଣାଙ୍କ ଜୀବନରକ୍ଷାକାରୀ ସହାୟତା ବନ୍ଦ ନକରିବାକୁ ସର୍ବୋଚ୍ଚ ନ୍ୟାୟାଳୟ ନିଷ୍ପତ୍ତି ଶୁଣାଇଥିଲେ। ପରେ ଅରୁଣା ସେହିଭଳି ରୋଗ ଶଯ୍ୟାରେ ପଡ଼ି ପଡ଼ି ୧୮ ମଇ ୨୦୧୫ରେ ନିମୋନିଆରେ ମୃତ୍ୟୁବରଣ କରିଥିଲେ।

ଦୟାମୃତ୍ୟୁ ସମର୍ଥକମାନେ ଯୁକ୍ତି କରନ୍ତି ଯେ ବିଳମ୍ବିତ ତଥା ଯନ୍ତ୍ରଣାଦାୟକ ମୃତ୍ୟୁର ସମ୍ମୁଖୀନ ହେଉଥିବା ଅସୁସ୍ଥ ବୟସ୍କ ବ୍ୟକ୍ତି କିମ୍ବା ଦୁରାରୋଗ୍ୟ ରୋଗୀଙ୍କ ଦୁଃଖଯନ୍ତ୍ରଣା ଦୂର କରିବା ପାଇଁ ଦୟାମୃତ୍ୟୁ ଏକ ମାନବୀୟ କର୍ତ୍ତବ୍ୟ। ସେମାନେ ଯୁକ୍ତି କରନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଙ୍କର ନିଜ ଶରୀର ଏବଂ ଜୀବନ ବିଷୟରେ ନିଜସ୍ୱ ନିଷ୍ପତ୍ତି ନେବାର ଅଧିକାର ରହିବା ଉଚିତ ଏବଂ ସେମାନଙ୍କୁ ଅନାବଶ୍ୟକ ଯନ୍ତ୍ରଣା ସହିବାକୁ ବାଧ କରିବା ନିଷ୍ଠୁରତା ଏବଂ ଅନ୍ୟାୟ। ଦୟାମୃତ୍ୟୁକୁ ନିୟନ୍ତ୍ରିତ ଏବଂ ତଦାରଖ କରାଯାଇପାରିବ। ଏହା କେବଳ ରୋଗୀର ସମ୍ମତି ନିଆଯାଇ ସବୁ ପ୍ରକାର ଚିକିତ୍ସା ବ୍ୟବସ୍ଥା ନିଆଗଲା ପରେ ଆଇନଗତ ଭାବେ କରାଯିବା ଉଚିତ ବୋଲି ସମର୍ଥକମାନେ ମତ ପ୍ରକାଶ କରନ୍ତି। କିନ୍ତୁ ବିରୋଧୀମାନଙ୍କ ଯୁକ୍ତି ଯେ ଏହା ଜୀବନର ପବିତ୍ରତା ଏବଂ ଶପଥର ଉଲ୍ଲଂଘନ। ଦୟାମୃତ୍ୟୁକୁ ଆଇନଗତ ସ୍ୱୀକୃତି ମିଳିଗଲେ ମାନବ ଜୀବନର ଅବନତି ଏବଂ ଡାକ୍ତରମାନଙ୍କ ନୈତିକତା ଅବକ୍ଷୟ, ଦୁର୍ବଳ ବ୍ୟକ୍ତିଙ୍କ ଉପରେ ସବଳଙ୍କ ଅତ୍ୟାଚାର ବୃଦ୍ଧି ସମ୍ଭାବନା ସୃଷ୍ଟି ହେବ।

(କ୍ରମଶଃ...)

### ଶଙ୍ଖାମେଦୀ ଗାଁ କାହାର ?

# ସମାଧାନ ହେଉନି ସରକାରୀ ସୀମା ବିବାଦ, ଦୁର୍ଦ୍ଦଶା ଭୋଗୁଛନ୍ତି ଓଡ଼ିଆ

ପଂଚାୟତ ଠାରୁ ଲୋକସଭା ନିର୍ବାଚନ ପର୍ଯ୍ୟନ୍ତ ସେମାନେ ଓଡିଶାର ଭୋଟର। ଓଡିଶା ସରକାରଙ୍କ ବିଭିନ୍ନ ଉନ୍ନୟନ ମୂଳକ ଯୋଜନାରେ ସେମାନେ ହିତାଧିକାରୀ। ମାତ୍ର ରାଜସ୍ୱ ବିଭାଗ ରେକର୍ଡରେ ସେମାନେ ଓଡିଶାର ନୁହଁନ୍ତି। ସେମାନେ ପଶ୍ଚିମବଙ୍ଗର ବାସିନ୍ଦା। ପଶ୍ଚିମବଙ୍ଗ ସରକାର ୧୯୯୦ ମସିହାରୁ ନକ୍ସା ଜାରି କରି ଏହି ଗ୍ରାମକୁ ନିଜ କବ୍‌ଜାକୁ ନେଇ ଯାଇଛି। ଯାହା ପରେ ଏହି ଗାଁ ଭିତରେ ରହି ଅଣନିଶ୍ୱାସୀ ହୋଇପଡିଲାଣି ଓଡିଆ ଲୋକେ। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନଳିଆ ପଂଚାୟତ ଅନ୍ତର୍ଗତ ଏହି ଗାଁ ହେଉଛି ଶଙ୍ଖାମେଦୀ।

ଏହି ଗାଁରେ ୧୫୦ ପରିବାର ରୁହନ୍ତି। ବାସିନ୍ଦା ସଂଖ୍ୟା ୫୪୦। ମୂଳ ବାସିନ୍ଦା ଭାବରେ ୪୦୫ ଜଣ ତହସିଲ ଭୁକ୍ତ ଜାତିର ହୋଇଥିବା ବେଳେ ବହିରାଗତ ୧୩୧ ଜଣ ମୁସଲିମ ସଂପ୍ରଦାୟର। ଗାଁଟିକୁ ତିନି ଦିଗରୁ ଘେରି ରହିଛି ପଶ୍ଚିମବଙ୍ଗର ସନ୍ତେଶ୍ୱରପୁର, ପୁରୁଷୋତମପୁର ଓ ପଶ୍ଚିମ ସନ୍ତେଶ୍ୱରପୁର।

ଗାଁର ପ୍ରବେଶ ପଥରେ ରହିଛି ୧୯୫୪ ମସିହାରେ ଓଡିଶା ସରକାରଙ୍କ ଦ୍ୱାରା ସ୍ଥାପିତ ଓଡିଆ ପ୍ରାଥମିକ ବିଦ୍ୟାଳୟ। ଏଠାରେ ପ୍ରଥମରୁ ପଂଚମ ଶ୍ରେଣୀ ଯାଏ ପିଲା ପାଠ ପଢ଼ନ୍ତି। ପାଠପଢ଼ାଇବା ପାଇଁ ଦୁଇଜଣ ଶିକ୍ଷକ ରହିଛନ୍ତି। ଓଡିଶା ସରକାର ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ ଓ ଦୁଇ ଶିକ୍ଷକଙ୍କୁ ଦରମା ଦେଉଛନ୍ତି। ୨୦୦୮ ମସିହାରେ ଓଡ଼ିଆ ପ୍ରାଥମିକ ବିଦ୍ୟାଳୟକୁ ଦ୍ୱିତଳ ବିଶିଷ୍ଟ କରାଯାଇଥିବା ବେଳେ ସମସ୍ତ ପିଲାଙ୍କୁ ପୋଷାକ ଓ ବହିପତ୍ର ଯୋଗାଇ ଦିଆଯାଉଛି।

ସେପଟେ ଗାଁ ମଝିରେ ଥିବା କାଳିମନ୍ଦିରକୁ ଲାଗି ଓଡିଶା ସରକାରଙ୍କ ଅନୁଦାନରେ ତିଆରି ହୋଇଥିବା ଯୁବକ ସଂଘ ଘରେ ଚାଲିଛି ବଙ୍ଗଳା ବିଦ୍ୟାଳୟ। ଯେଉଁଠାରେ ୪୦ରୁ ଅଧିକ ପିଲା ପଢୁଛନ୍ତି ବଙ୍ଗଳା ପାଠ।

ହେଲେ ଓଡିଶା ସରକାର ଏଠାରୁ ଭୂ-ରାଜସ୍ୱ ଆଦାୟ କରୁନାହାନ୍ତି। ଫଳରେ ଓଡ଼ିଆ ଭୋଟରମାନଙ୍କୁ ନା ଓଡ଼ିଶା ସରକାରଙ୍କ ପକ୍ଷରୁ ପକ୍କାଘର ସୁବିଧା ମିଳୁଛି ନା ଜାତି ପ୍ରମାଣ ପତ୍ର କିମ୍ବା ବାସିନ୍ଦା ପ୍ରମାଣ ପତ୍ର। ସମବାୟ ସମିତିରୁ ଋଣ ନେଣଦେଣର ସୁବିଧା ୧୯୮୩ ମସିହା ଠାରୁ ପାଇବାରୁ ଗ୍ରାମବାସୀମାନେ ବଂଚିତ ଅଛନ୍ତି।

ଗ୍ରାମବାସୀ କହିଛନ୍ତି, ୧୯୨୨-୨୩ ଭୂ-ବନ୍ଦୋବସ୍ତ ପରେ ୧୯୮୩ ମସିହାଠାରୁ ଓଡିଶା ସରକାର ଏହି ଗାଁରୁ ରାଜସ୍ୱ ଆଦାୟ ବନ୍ଦ କରିଛନ୍ତି। ୧୯୮୨ ମସିହା ମେଜର ସେଟେଲମେଣ୍ଟର ପ୍ରଥମ ପର୍ଯ୍ୟାୟରେ ଏହି ଗାଁକୁ ଓଡିଶାର ନକ୍ସା ଭୁକ୍ତ କରାଯାଇଥିଲେ ମଧ ୧୯୮୪ ମସିହାରେ



ପଶ୍ଚିମବଙ୍ଗ ସରକାର ପୁଲିସ ସହାୟତାରେ ଏହି ଗାଁକୁ କବ୍‌ଜା କରିଥିଲା। ଫଳତଃ ଶଙ୍ଖାମେଦୀ ଗାଁର ନକ୍ସା ଆଉ ଓଡିଶା ମାନଚିତ୍ରରେ ସାମିଲ ହୋଇପାରିନଥିଲା। ୧୯୮୯ରେ ରାଜ୍ୟରେ ମେଜର ସେଟେଲମେଣ୍ଟର କାର୍ଯ୍ୟ ଶେଷ ହୋଇଥିଲା। ୧୯୯୦ ମସିହାରେ ପଶ୍ଚିମବଙ୍ଗ ସରକାର ଶଙ୍ଖାମେଦୀ ଗାଁର ଅବିକଳ ନକ୍ସାକୁ ପଶ୍ଚିମବଙ୍ଗ ସହିତ ଯୋଡିଦେଇଥିଲେ। ଏହା ସହିତ ୬୦ ପ୍ରତିଶତ ଓଡିଶା ଭୋଟରଙ୍କୁ ପଶ୍ଚିମ ବଙ୍ଗର ଭୋଟର ହିସାବରେ ମାନ୍ୟତା ଦେଇ ଉକ୍ତ ଗାଁକୁ ପଶ୍ଚିମବଙ୍ଗର ବାଧିଆ ପଂଚାୟତ ବାଗବ୍ରଜକିଶୋରପୁର ୱାର୍ଡ ସହିତ ମିଶାଇ ଦେଇଛନ୍ତି। ତେଣୁ ଏଠାକାର ଅଧିବାସୀମାନେ ବାଧ ହୋଇ ପଶ୍ଚିମବଙ୍ଗ ସରକାରଙ୍କ ଶରଣରେ ପଶୁଛନ୍ତି। ଏଠାକାର ଲୋକଙ୍କୁ ରାସନ କାର୍ଡରେ ଚାଉଳ ମିଳୁଛି, ହେଲେ ଆବାସ ଯୋଜନାରେ ଘର ମିଳୁନି। ସେହିପରି ଅନେକ ସରକାରୀ ଯୋଜନାରେ ସହାୟତା ଲୋକଙ୍କୁ ମିଳୁ ନ ଥିବାରୁ ସେମାନେ ହଇରାଣ ହେଉଛନ୍ତି। ସେମାନେ କେଉଁ ରାଜ୍ୟର ସ୍ପଷ୍ଟ କରାଯାଉନାହିଁ। ସରକାର ତୁରନ୍ତ ଏହି ଗାଁ କେଉଁ ରାଜ୍ୟର ସ୍ପଷ୍ଟ କରିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମସ୍ତ ସହାୟତା ଯୋଗାଇ ଦିଅନ୍ତୁ। ଫଳରେ ଏଠାରେ ବସବାସ କରୁଥିବା ଗରିବ ଲୋକଙ୍କ ଦୁଃଖ ଦୂର ହୋଇପାରିବ।

ଏନେଇ ସ୍ଥାନୀୟ ଜିଲ୍ଲା ପରିଷଦ ସଭ୍ୟ କହିଛନ୍ତି, କେବଳ ଶଙ୍ଖାମେଦୀ ନୁହେଁ ଓଡ଼ିଶାରେ ଏ ସମସ୍ୟା ଅନକ ସ୍ଥାନରେ ରହିଛି। ଯାହାକୁ ମୁଖ୍ୟମନ୍ତ୍ରୀ ସମାଧାନ କରିବାକୁ ପଦକ୍ଷେପ ନେଉନାହାନ୍ତି। ତେଣୁ ଦୁଇ ରାଜ୍ୟ ସୀମାରେ ବସବାସ କରୁଥିବା ଲୋକେ କେଉଁ ଅଞ୍ଚଳର ତାହା ଜାଣିପାରୁନାହାନ୍ତି। ଶଙ୍ଖାମେଦୀର ଅନେକ ଲୋକ ଓଡ଼ିଶା ସରକାରଙ୍କ ଯୋଜନାର ଲାଭ ପାଉଛନ୍ତି। ମାତ୍ର ଓଡ଼ିଶାର ଲୋକ ବୋଲି ରେସିଡେନ୍ସ ସାର୍ଟିଫିକେଟ ଓ ପକ୍କାଘର ଯୋଜନା ସୁବିଧା ପାଉନାହାନ୍ତି। ଏଠାର ଓଡ଼ିଆ ପିଲାମାନେ ଓଡ଼ିଶାରେ ଚାକିରି କରିବାରୁ ବଞ୍ଚିତ ହେଉଛନ୍ତି। ତେଣୁ ଶଙ୍ଖାମେଦୀକୁ ସମ୍ପୂର୍ଣ୍ଣ ପଶ୍ଚିମବଙ୍ଗର ନଚେତ୍ ଓଡ଼ିଶାର କରାଯାଉ। ଏଠାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ରଖା ନ ଯାଉ।

ସେହିପରି କଂଗ୍ରେସ ନେତା ସତ୍ୟଶିବ ଦାସ କହିଛନ୍ତି, ଶଙ୍ଖାମେଦି ସମ୍ପୂର୍ଣ୍ଣ ଭାବେ ଓଡ଼ିଶାର। ୧୯୩୬ ମସିହା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପରଠାରୁ ଏହି ଗାଁ ଓଡ଼ିଶାର ଅଂଶ ହୋଇ ରହିଥିଲା। ୧୯୯୦ ମସିହା ପର୍ଯ୍ୟନ୍ତ ରାଜସ୍ୱ ଆଦାୟ କରୁଥିବା ଓଡ଼ିଶା ସରକାର ହଠାତ୍ ଏଠାରୁ ରାଜସ୍ୱ ବନ୍ଦ କରିଦେଲେ। ଏହାପରେ ପଶ୍ଚିମବଙ୍ଗ ଏହାକୁ ସରକାରୀ ରେକର୍ଡରେ ତାଙ୍କର ବୋଲି କବ୍‌ଜା କରିନେଲା। ଏଥିସହ ଆଙ୍ଗୁଳାଏ ଜାଗା ଛାଡ଼ିବେନି ବୋଲି ଡିଣ୍ଡିମ ପିଟୁଥିବା ଓଡ଼ିଶା ସରକାର ଏଠାର ଓଡ଼ିଆ ଲୋକଙ୍କ ଭାଗ୍ୟ ଭବିଷ୍ୟକୁ ଅନିଶ୍ଚିତତା ଭିତରକୁ ଠେଲି ଦେଲେ। ତୁରନ୍ତ ଏଠାର ଓଡ଼ିଆଙ୍କ ସୁରକ୍ଷା ନିମନ୍ତେ ପଦକ୍ଷେପ ନିଆଯାଉ। ଏଠାର ଲୋକେ କେଉଁ ସରକାରଙ୍କ ସବୁ ସୁବିଧା ପାଇବେ ଓଡ଼ିଶା ଓ ପଶ୍ଚିମବଙ୍ଗ ସରକାର ମିଶି ତାହା ସୁନିଶ୍ଚିତ କରାନ୍ତୁ।

କେବଳ ଭୋଗରାଇ ବ୍ଲକରେ ଶଙ୍ଖାମେଦୀ ଗାଁ ନୁହେଁ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକର ଉଦୟପୁର, ସାହାବାଜିପୁର ସହିତ ଜଳେଶ୍ୱର ବ୍ଲକର ସର୍ଦ୍ଦାର ବନ୍ଧ, ଦକ୍ଷିଣ ପ୍ରହରାଜପୁର, ମାଙ୍କିଡିଆ ଆଦି ୮୧ଟି ଗାଁର ଲୋକେ ଏବେ ସୀମା ସମସ୍ୟାରେ ହନ୍ତସନ୍ତ ହେଉଛନ୍ତି।

ଭୋଗରାଇ ବ୍ଲକର ତଥ୍ୟ ଅନୁଯାଇ ଶଙ୍ଖାମେଦୀ ଗାଁକୁ ୯୦ଟି ସ୍ୱଚ୍ଛ ଭାରତ ଯୋଜନାରେ ପାଇଖାନା, ୨୮ ଜଣକୁ ବାର୍ଦ୍ଧକ ଭତ୍ତା, ୧୨୦ ପରିବାରକୁ ରେସନକାର୍ଡ ସହିତ ପ୍ରତି ଘରକୁ ରାଜୀବ ଜ୍ୟୋତି ଯୋଜନାରେ ବିଜୁଳି ସଂଯୋଗ ଦିଆଯାଇଛି। ମାତ୍ର ସେମାନେ ବିପଦସଙ୍କୁଳ ଘରେ ରହୁଥିଲେ ହେଁ ପକ୍କାଘର ଯୋଜନାର ସୁବିଧା ପାଉନାହାନ୍ତି।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୮୩ ବର୍ଷ ପରେ ବି ଆନ୍ତଃରାଜ୍ୟ ସୀମା ସମସ୍ୟା ସୁଧୁରିଲା ନାହିଁ। ଆଉ ଦୁଇଦିନ ପରେ ରାଜ୍ୟ ସରକାର ଉତ୍କଳ ଦିବସ ପାଳନ କରିବାକୁ ଯାଉଥିବାରୁ ଏହାର ସମୁଚିତ ସମାଧାନ କରିବାକୁ ଦାବି ହୋଇଛି।

### ଖତ ଖାଇଲା ୨୦ ସିଟିବସ୍

## ଏବେ କବାଡ଼ିଆକୁ ବିକ୍ରି ହେବ



**କୋରାପୁଟ :** କୋଟି କୋଟି ଟଙ୍କା ସରକାରୀ ତହବିଲରୁ ଖର୍ଚ୍ଚ ହେଲା। ଆଦିବାସୀ ଇଲାକାରେ ଯାତ୍ରୀଙ୍କ ସୁରକ୍ଷିତ ଯାତାୟତ ନିମନ୍ତେ ୨୦ ଖଣ୍ଡ ସିଟିବସ୍ କିଣା ହେଲା। ହେଲେ ଲୋକଙ୍କ ସେବାରେ ଲାଗିଲାନି। ଅନାବନା ଜଙ୍ଗଲ ଭିତରେ ପଡ଼ିପଡ଼ି ନଷ୍ଟ ହୋଉଗଲାଣି ଏହି ବସ୍‌ଗୁଡ଼ିକ। ପରିସ୍ଥିତି ଏପରି ହୋଇଛି ଯେ ଏହି ବସ୍‌ଗୁଡ଼ିକୁ ଏବେ କବାଡ଼ିଆକୁ ବିକ୍ରି ନିମନ୍ତେ ପ୍ରଶାସନିକ ପଦକ୍ଷେପ ଆରମ୍ଭ ହୋଇଛି। କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ସିଟିବସ ଟର୍ମିନାଲରେ ପଡ଼ି ରହିଛି ଏସି ବସ୍‌ଗୁଡ଼ିକ।

୩୦ ଜୁନ ୨୦୧୬ରେ ଜୟପୁରରୁ ୨୦ଟି ବସ୍ ଚଳାଚଳ ନିମନ୍ତେ ଉଦ୍‌ଘାଟନ ହୋଇଥିଲା। ସ୍ୱଳ୍ପ ଦର ଓ ସୁଗମ ଗମନାଗମନ ପାଇଁ କୋରାପୁଟର ସହରାଞ୍ଚଳରେ ସିଟିବସ ସେବା ସରକାର ଆରମ୍ଭ କରିଥିଲେ। ଏହି ବସ୍‌ଗୁଡ଼ିକ ଜିଲ୍ଲାର ଜୟପୁର, କୋରାପୁଟ, ସେମିଳିଗୁଡାକୁ ଯାତାୟତ କରୁଥିଲା। ପରବର୍ତ୍ତୀ ସମୟରେ ଜିଲ୍ଲାର ବୋରିଗୁମ୍ମା ଓ କୋଟାପଡକୁ ସିଟିବସ ଯାତାୟତ କରିଥିଲା। ଯାହା ପରେ ଜିଲ୍ଲା ପ୍ରଶାସନ ଆଉ ୨୦ଟି ସିଟିବସ ଆଣିବା ପାଇଁ ଯୋଜନା କରିଥିଲା। ବସ୍‌ରେ ଗର୍ଭବତୀ ଓ ଦିବ୍ୟାଙ୍ଗ ବ୍ୟକ୍ତି ମାଗଣାରେ ଯାତାୟତ କରୁଥିଲେ। ହେଲେ ଏବେ ସିଟିବସ ସେବା ଦୀର୍ଘ ଦିନ ଧରି ବନ୍ଦ ହେବା ଯୋଗୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଆସୁଥିଲା। ଲୋକଙ୍କ ଅଭିଯୋଗ ପ୍ରତି ପ୍ରଶାସନ ଦୃଷ୍ଟି ଦେଲାନି। ବସ୍ ସେବାର ପ୍ରଯତ୍ନ କରା ନ ଯିବାରୁ ଏହା ମାତ୍ର କେଇଟା ମାସ ପରେ ଠପ୍ ହୋଇଗଲା। ଫଳରେ ବସ୍‌ଗୁଡ଼ିକ ଜୟପୁର ସ୍ଥିତ ସିଟିବସ ଟର୍ମିନାଲରେ ପଡ଼ି ନଷ୍ଟ ହେଉଛି।

ଏପରିସ୍ଥିତି ଦେଖି ନଗର ଉନ୍ନୟନ ବିଭାଗ ଅଣ୍ଡର ସେକ୍ରେଟାରୀ ଖତ ଖାଉଥିବା ସିଟି ବସଗୁଡ଼ିକୁ ସ୍କ୍ରାପରେ ବିକ୍ରି କରିବା ସହ ସିଟିବସ୍ ଚଳାଉଥିବା ସଂସ୍ଥା ଠାରୁ ବସ୍ ?ଗୁଡ଼ିକ ନଷ୍ଟ ହୋଇପାଇଁ ଟଙ୍କା ଆଦାୟ କରିବାକୁ କୋରାପୁଟ ଜିଲ୍ଲା ପ୍ରଶାସନକୁ ଚିଠି କରିଛନ୍ତି। ଜିଲ୍ଲା ଆଞ୍ଚଳିକ ପରିବହନ ଅଧିକାରୀ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସିଟିବସ ସେବା ଯୋଗାଉଥିବା ସଂସ୍ଥାକୁ ନୋଟିସ କରି କାର୍ଯ୍ୟ ସାରି ଦେଇଛନ୍ତି।

### ଏମିତି ଚାଲିଛି ଶିକ୍ଷା ବ୍ୟବସ୍ଥା

## ଗଛ ତଳେ ଗଢ଼ାଯାଉଛି ପିଲାଙ୍କ ଭବିଷ୍ୟତ

**ନବରଙ୍ଗପୁର:** ଗଛ ତଳେ ତିଆରି ହୋଇଛି ପିଣ୍ଡି। ସେହି ପିଣ୍ଡିରେ ବସି ପାଠ ପଢୁଛନ୍ତି ଛାତ୍ରଛାତ୍ରୀ। ଗୋଟିଏ ପିଣ୍ଡିରେ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ରଛାତ୍ରୀ ବସୁଥିବା ବେଳେ ଅନ୍ୟ ଏକ ପିଣ୍ଡିରେ ଚତୁର୍ଥ ଓ ପଞ୍ଚମ ଶ୍ରେଣୀର ଛାତ୍ରଛାତ୍ରୀ ବସି ପାଠ ପଢୁଛନ୍ତି। ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ବ୍ଲକ ଅନ୍ତର୍ଗତ ହିର୍ଲିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ୨୩୭ ଜଣ ଛାତ୍ରଛାତ୍ରୀ ପାଠପଢ଼ନ୍ତି। ପ୍ରତିଦିନ ପ୍ରାୟ ୨୨୦ ଛାତ୍ରଛାତ୍ରୀ ଉପସ୍ଥିତ ରହନ୍ତି। କିନ୍ତୁ ସେମାନଙ୍କ ପାଇଁ ଆବଶ୍ୟକ ସଂଖ୍ୟକ ଶ୍ରେଣୀ ଗୃହ ନାହିଁ। ଏଠାରେ ୮ଟି ଶ୍ରେଣୀ ଗୃହର ଆବଶ୍ୟକତା ରହିଥିବା ବେଳେ ମାତ୍ର ୪ଟି ଅଛି। ସେଥିମଧ୍ୟରୁ ଗୋଟିଏ ଶ୍ରେଣୀ ଗୃହର ଅବସ୍ଥା ଭଲ ନାହିଁ। ଏହା ଅସୁରକ୍ଷିତ ଭାବେ ରହିଛି। ବର୍ଷା ହେଲେ ପାଣି ଗଳୁଛି। ତେବେ ଶ୍ରେଣୀ ଗୃହର ଅଭାବ ଯୋଗୁ ଛାତ୍ରଛାତ୍ରୀ ଜୀବନକୁ ବାଜି ଲଗାଇ ସେହି ଶ୍ରେଣୀ ଗୃହରେ ବସି ପାଠପଢୁଛନ୍ତି। ଅନ୍ୟ ୩ଟି ଶ୍ରେଣୀ ଗୃହ ୫ ବର୍ଷ ତଳେ ତିଆରି ହୋଇଥିଲେ। ସେଥିରେ ୩ଟି ଶ୍ରେଣୀର ପିଲା ପାଠ ପଢୁଛନ୍ତି। ଏହି ଚାରୋଟି ଶ୍ରେଣୀ ଗୃହରେ ପଞ୍ଚମ, ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀର ପିଲାଏ ପାଠ ପଢୁଛନ୍ତି। ଅନ୍ୟ ଚରୋଟି ଶ୍ରେଣୀ ଅର୍ଥାତ୍ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଶ୍ରେଣୀର ପିଲାମାନେ ସ୍କୁଲ ପରିସରରେ ଗଛ ତଳେ ତିଆରି ହୋଇଥିବା ୨ଟି ପିଣ୍ଡିରେ ପାଠ ପଢ଼ନ୍ତି। ପିଣ୍ଡି ପାଖରେ ପାଚେରୀର କିଛି ଅଂଶକୁ ଉଚ୍ଚ କରାଯାଇ ସେଥିରେ କଳାପଟା ତିଆରି କରାଯାଇଛି। ଏହି




ଦୁଇଟି ପିଣ୍ଡିକୁ ସରକାର ତିଆରି କରି ନାହାନ୍ତି। ଶ୍ରେଣୀ ଗୃହ ନଥିବାରୁ ତଥା ଅନ୍ୟ କୌଣସି ବିକଳ୍ପ ବ୍ୟବସ୍ଥା ନପାଇବାରୁ ସ୍କୁଲର ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷକମାନେ ନିଜ ଅର୍ଥରୁ ଏହି ପିଣ୍ଡି ତିଆରି କରିଛନ୍ତି। ଖରା ଓ ଶୀତ ଦିନେ ପିଲାମାନେ ପିଣ୍ଡିରେ ବସି ପାଠ ପଢୁଥିବା ବେଳେ ବର୍ଷା ଦିନେ ସେମାନଙ୍କର ପାଠପଢ଼ା ଏକ ପ୍ରକାର ଠପ୍ ହୋଇଯାଏ। ବର୍ଷା ଦିନେ ଏହି ୪ଟି ଶ୍ରେଣୀରେ ପିଲାମାଙ୍କୁ ଗୋଟିଏ ଶ୍ରେଣୀ ଗୃହରେ ବସାଯାଏ। ଏଥିରୁ ଆପଣମାନେ ଅନୁମାନ କରିପାରୁଥିବେ କେମିତି ପାଠ ପଢ଼ା ହେଉଥିବ। ଖରା ଦିନରେ ପିଲାମାନେ ହଇରାଣ ହୋଇଥାନ୍ତି। ଅତ୍ୟଧିକ ଖରା ସହ ଗୁଳିଗୁଳି ହେଲେ ପିଲାମାନଙ୍କ ପାଇଁ ପିଣ୍ଡିରେ ବସି ପାଠ ପଢ଼ିବା କଷ୍ଟକର ହୋଇଯାଏ।

ଜଣେ ଛାତ୍ର ଅଭିଯୋଗ କରିଛନ୍ତି ସ୍କୁଲରେ ଶ୍ରେଣୀ ଗୃହ ନଥିବାରୁ ଆମେ ପିଣ୍ଡିରେ ବସି ପାଠ ପଢୁଛୁ। ପାଠ ପଢ଼ିବା ବେଳେ ଅସୁବିଧା ହେଉଛି। ଖରାଦିନେ ବିଶେଷ କରି ହଇରାଣ ହେଉଛି। ଅତ୍ୟଧିକ ଗରମ ହେଉଥିବାରୁ ବାହାରେ ବସି ପଢ଼ିବା କଷ୍ଟ ହେଉଛି। ସରକାର ଆମ ପାଇଁ ଶ୍ରେଣୀ ଗୃହ ନିର୍ମାଣ କରି ଦିଅନ୍ତୁ। ଆମେ ସେଠାରେ ବସି ପାଠ ପଢ଼ିବୁ।

ସ୍କୁଲର ପ୍ରଧାନଶିକ୍ଷକ ଏନେଇ ଜିଲ୍ଲାପାଳଙ୍କୁ ସ୍କୁଲ ସମସ୍ୟା ବିଷୟରେ ଲିଖିତ ଆକାରରେ ଜଣାଇଥିଲେ। ସେ ୨ଟି ଶ୍ରେଣୀ କରି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି। ସ୍କୁଲରେ ଶୌଚାଳୟ ନାହିଁ। ବିଡିଓ ଶୌଚାଳୟ କରି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନଙ୍କୁ ମାନଙ୍କୁ ପାଠ ପଢ଼ାଇବା ପାଇଁ ୭ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଅଛନ୍ତି। ତେବେ ଏହି ସ୍କୁଲରେ ନୂତନ ଶ୍ରେଣୀ ଗୃହ କେବେ ନିର୍ମାଣ କରାଯିବ, ସରକାର କେବେ କୁନି କୁନି ମାନଙ୍କ ଦୁଃଖ ଶୁଣିବେ, ତା' ଉପରେ ସମସ୍ତଙ୍କ ନଜର ରହିଛି।

### ଦାୟିତ୍ୱ ନେଲେନି ବଡ଼ଭାଇ !

# ପଢ଼ା ଛାଡ଼ି ବୁଲି ବୁଲି ପରିବା ବିକୁଛନ୍ତି ଅଞ୍ଜନା

**ମୋହନା:** ବଡ଼ଭାଇର କର୍ତ୍ତବ୍ୟ କଲେ ନାହିଁ ଭାଇ ! ଦୁଃଖ ଓ ଯନ୍ତ୍ରଣାରେ ବଡ଼ କରିଥିବା ବାପା-ମାଆଙ୍କଠାରୁ ଦୂରେଇ ଗଲେ। ବାହା ହୋଇ ଘରଠାରୁ ବହୁ ଦୂରରେ ନୂଆ ସଂସାର ଗଢ଼ିଲେ। ଅସହାୟ ଅବସ୍ଥାରେ ପରିବାରକୁ ଛାଡ଼ି ଦେଲେ। ଏପରି ସମୟରେ ଅଷ୍ଟମ ଶ୍ରେଣୀରେ ପଢୁଥିବା ଅଞ୍ଜନା ପାଠପଢ଼ାରେ ଡୋରି ବାନ୍ଧି ମୁଣ୍ଡାଇଥିଲେ ପରିବାରର ବୋଝ। ଏବେ ସେ ଗାଁ ଗାଁ ବୁଲି ବିକୁଛନ୍ତି ପରିବା।

ମୋହନା ବ୍ଲକ୍ ଗୋବିନ୍ଦପୁର ଗାଁର ଅଞ୍ଜନା ଦୋରା। ବୟସ ପ୍ରାୟ ୨୨ ବର୍ଷ ହେବ। ପରିବାର କହିଲେ ବାପା, ମାଆ, ବଡ଼ଭାଇ ଓ ଦୁଇ ସାନ ଭଉଣୀ। ବାପା ହାଡ଼ି ଦୋରା ଶ୍ରବଣ ବାଧିତ। ସେ ଶୁଣିପାରୁ ନାହାନ୍ତି। କାମଦାମ କରି ସେ ପରିବାର ଭରଣ ପୋଷଣ କରୁଥିଲେ। ଅଞ୍ଜନାଙ୍କ ସମେତ ତାଙ୍କ ବଡ଼ ଭାଇ ଓ ଭଉଣୀମାନଙ୍କୁ ପାଠ ପଢ଼ାଉ ଥିଲେ। ହେଲେ ବଡ଼ ହେଲା ପରେ ଠକି ଦେଲେ ବଡ଼ଭାଇ। ବାହା ହୋଇ ବାପା, ମାଆ ଓ ଭଉଣୀମାନଙ୍କୁ ପର କରି ଦେଲେ। ପରିବାରଠାରୁ ଅଲଗା ହୋଇ ଦୂରରେ ରହିଲେ।

ପୁଅ ଦୂରେଇ ଯିବାରୁ ଦୁଃଖରେ ଭାଙ୍ଗି ପଡ଼ିଥିଲେ ହାଡ଼ି ଦୋରା ଓ ତାଙ୍କ ପତ୍ନୀ। ବାପା-ମାଆଙ୍କ ଏହି ଦୁଃଖର ସମୟରେ କାନ୍ଧକୁ କାନ୍ଧ ମିଳାଇଥିଲେ ଅଞ୍ଜନା। ପାଠପଢ଼ା ବନ୍ଦ କରି କାମ କରିବାକୁ ଘରୁ ଗୋଡ଼ କାଢ଼ିଥିଲେ। ସାହି ପଡ଼ିଶା ଓ ଚିହ୍ନା



ପରିଚିତ ଲୋକଙ୍କ ସହିତ ମିଶି ବାଲି ସିମେଣ୍ଟ ଗୋଳାଇବା କାମ କଲେ। ସେଥିରୁ ଯାହା ରୋଜଗାର କରୁଥିଲେ, ସେଥିରେ ଦୁଃଖେ କଷ୍ଟେ ଚଳୁଥିଲେ। ହେଲେ ପ୍ରତିଦିନ କାମ ମିଳୁନଥିଲା। ତେଣୁ ଜୀବନ ଜିଇଁବା କଷ୍ଟକର ହେଉଥିଲା। ତେଣୁ ଅଞ୍ଜନା ପରିବା ବେପାର କରିବାକୁ ଚାହିଁଥିଲେ। ପାଖରେ ଟଙ୍କାଟିଏ ନଥିବାରୁ ତାହା ବି କରିପାରିବେ କି ନାହିଁ ବୋଲି ଭାବିଥିଲେ।

ଅଞ୍ଜନା ସବୁ ଚ୍ୟାଲେଞ୍ଜକୁ ଗ୍ରହଣ କଲେ। ଋଣ କରି ଗୋଟିଏ ମୋପେଟ୍ କିଣିଲେ। ସେଥିରେ ଆରମ୍ଭ କଲେ ପରିବାର ବେପାର। ପ୍ରତିଦିନ ଭୋରରୁ ଉଠନ୍ତି ଅଞ୍ଜନା। ନିଜ ମୋପେଟ୍‌ରେ ୨୦ କିମି ଦୂର ଗଞ୍ଜାମର ବଡ଼ଗଡ଼କୁ ଯାଆନ୍ତି। ଚାଷୀଙ୍କଠାରୁ ପନିପରିବା କିଣନ୍ତି। ପରେ ପରିବା ବିକିବା ପାଇଁ ବାହାରି ଯାଆନ୍ତି। ଏ ଗାଁରୁ ସେ ଗାଁ ଯାଇ ପରିବା ବିକନ୍ତି। ସକାଳେ ସେ ୩୦ରୁ ୪୦ କିମି ରାସ୍ତା ଅତିକ୍ରମ କରି ପରିବା ବିକନ୍ତି।

ମଧ୍ୟାହ୍ନରେ କ୍ଳାନ୍ତ ଶରୀର ଧରି ଘରକୁ ଫେରନ୍ତି ଅଞ୍ଜନା। ତା'ପରେ ଘର କାମରେ ଲାଗି ଯାଆନ୍ତି। ସନ୍ଧ୍ୟା ହେଲେ ବଳକା ପରିବାକୁ ଘର ପାଖରେ ବିକନ୍ତି। ଏହି ରୋଜଗାରରେ ଚଳେ ତାଙ୍କ ପରିବାର। ରୋଗିଣା ବାପାଙ୍କୁ ଔଷଧ ଦିଅନ୍ତି। ଦୁଇ ଭଉଣୀଙ୍କ ପଢ଼ା ଖର୍ଚ୍ଚ ମଧ୍ୟ ଉଠାଉଛନ୍ତି। ତା'ସହିତ ମୋପେଟ୍ ପାଇଁ କରିଥିବା ଋଣ ମଧ୍ୟ ସୁଝୁଛନ୍ତି।

ଅଞ୍ଜନାଙ୍କ ଏ ଯାତ୍ରା ସଂଘର୍ଷପୂର୍ଣ୍ଣ ଥିଲା। ପାଦେପାଦେ ପାଇଥିଲେ ଯନ୍ତ୍ରଣା। ହେଲେ ସେ ହାର ମାନିନଥିଲେ। ଅଞ୍ଜନା ପରିବା କିଣିବା ପାଇଁ ୨୦ କିମି ଯାଉଛନ୍ତି। ୧୨ରୁ ୧୩ ଖଣ୍ଡ ଗାଁ ବୁଲି ପରିବା ବିକ୍ରି କରୁଛନ୍ତି। ଯାହା ରୋଜଗାର ହେଉଛି, ସେଥିରେ ପରିବାର ଚଳି ଯାଉଛି। ହେଲେ କିଛି ସଞ୍ଚୟ କରିପାରୁନାହିଁ। ସରକାର ତାଙ୍କ ପରିବାର ପ୍ରତି ଟିକେ ଦୃଷ୍ଟି ଦେବାକୁ ଅଞ୍ଜନା ଗୁହାରି କରିଛନ୍ତି।

ଅଞ୍ଜନା ବାପା ହାଡିଙ୍କ ବୟସ ୬୦ରୁ ଅଧିକ। ସେ ଜଣେ ଦିବ୍ୟାଙ୍ଗ। କିନ୍ତୁ ତାଙ୍କୁ ଦିବ୍ୟାଙ୍ଗ କି ବାର୍ଦ୍ଧକ୍ୟ ଭତ୍ତା ମିଳୁ ନାହିଁ। ସେହିଭଳି ପରିବାର ସହ ସେ ଭଙ୍ଗା ଦଦରା ଘରେ ଜୀବନ କାଟୁଛନ୍ତି। ହେଲେ ଆଜି ପର୍ଯ୍ୟନ୍ତ ତାଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିନାହିଁ। କେବଳ ରାସନ୍‌କାର୍ଡ଼କୁ ଛାଡ଼ିଦେଲେ ଅନ୍ୟ କୌଣସି ଯୋଜନାରେ ସାମିଲ ହୋଇନାହାନ୍ତି ଅଞ୍ଜନାଙ୍କ ପରିବାର।

# କଷ୍ଟ ଦେଉଛି ପାଣି, ଅନ୍ତ ହେଉନି ପ୍ରତୀକ୍ଷା

**ରେଢାଖୋଲ:** ରାଜ୍ୟରେ କୌଣସି ଲୋକେ ପାନୀୟଜଳ ନିମନ୍ତେ କଷ୍ଟ ଭୋଗିବେନି। ସରକାରଙ୍କ ଏହି ଘୋଷଣା ସାଧାରଣ ଲୋକଙ୍କ ନିମନ୍ତେ ମୂଲ୍ୟହୀନ ହୋଇଛି। ପାନୀଳଜଳ ସମସ୍ତଙ୍କ ନିକଟରେ ଉପଲବ୍ଧ କରାଇବା ମୌଳିକ ଅଧିକାର। ହେଲେ ଲୋକେ ଏହି ଅଧିକାର ପାଇବାରୁ ବଞ୍ଚିତ। କେଉଁଠି ପ୍ରକଳ୍ପ ଥିଲେ ହେଁ ଗାଁକୁ ପାଣି ଆସୁନି ତ, କେଉଁଠି ପ୍ରକଳ୍ପ କରାଯାଉ ନ ଥିବାରୁ ଲୋକେ ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ପାନୀୟଜଳ କଷ୍ଟ ଭୋଗୁଛନ୍ତି। ଚୁଆ କିମ୍ବା ନାଳ ପାଣି ପିଇ ଲୋକେ ରୋଗରେ ପଡୁଛନ୍ତି। ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକର ଲୁହାପଙ୍କ ପଞ୍ଚାୟତ ଓ ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡଖମଣ ପଞ୍ଚାୟତରୁ ଏଭଳି ଦୁଇଟି ଜନଅସନ୍ତୋଷର ଚିତ୍ର ସାମ୍ନାକୁ ଆସିଛି।

ପ୍ରଥମ ଅଭିଯୋଗ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକର ଲୁହାପଙ୍କରୁ ଆସିଛି।

ଏଠାରେ ସରକାରୀ ତହବିଲରୁ କୋଟିଏ ଟଙ୍କା ଖର୍ଚ୍ଚ କରି ପାଇପ ଜଳ ଯୋଗାଣ ପ୍ରକଳ୍ପ ହେଲା। ଲୋକଙ୍କୁ ବର୍ଷକ ୩୬୫ ଦିନ ପାନୀୟଜଳ ମିଳିବ ବୋଲି କୁହାଯାଇଥିଲା। ହେଲେ ବର୍ଷ ବର୍ଷ ଧରି ଟୋପାଏ ପାଣି ମିଳୁନି। ଏଭଳି ଅଭିଯୋଗ କରିଛନ୍ତି ପାନୀୟଜଳ ସମସ୍ୟାର ସମ୍ମୁଖୀନ ହୋଇଥିବା ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକର ଲୁହାପଙ୍କ ଓ ବେତଗଡ ଉଭୟ ଗାଁ ଲୋକେ। ପାନୀୟଜଳ ନିମନ୍ତେ ଏଠାକର ଅନେକ ଲୋକେ ଏବେ ଚୁଆ, ନାଳ ଉପରେ ନିର୍ଭରଶୀଳ ବୋଲି ଅଭିଯୋଗ କରିଛନ୍ତି।

ଗ୍ରାମାଂଚଳରେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ରହିଛି। ହେଲେ ୬ବର୍ଷ ତଳେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ବୈଷୟିକ ତ୍ରୁଟି ଯୋଗୁ ଅଚଳ ହୋଇପଡ଼ିଛି। ଫଳରେ ଗାଁରେ ଥିବା ଗୋଟିଏ ନଳକୂଅ ଉପରେ ଲୋକେ ନିର୍ଭଳଶୀଳ। ନଳକୂଅ ଆଗରେ ଲାଇନ୍ ଲାଗୁଛି। ଗରାଏ ପାଣି ପାଇଁ ଲୋକଙ୍କୁ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି। ଖରା ଆସିଥିବାରୁ ସମସ୍ୟା ଆହୁରି ବଢ଼ିଯାଇଛି। ଅନେକ ସମୟରେ ନଳକୂଳରୁ ପାଣି ବାହାରୁନି। ଦୁଇଚାରି ବାଲଟି ପାଣି ବାହାରିଲେ ଆଉ ବାହୁରୁନି। ତେଣୁ ଲୋକେ ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି।

ଲୁହାପଙ୍କ ପଞ୍ଚାୟତରେ ରହିଛି ୬ଟି ନଳକୂଅ। ସେଥିରୁ ୨ଟି ଅକାମି। ୩ଟି ବ୍ୟବହାର ଉପଯୋଗୀ ନୁହେଁ। ଗୋଟିଏ ନଳକୂଅ ଉପରେ ପୂରା ପଞ୍ଚାୟତ ଲୋକେ ନିର୍ଭରଶୀଳ। ତେଣେ ଅନେକ ସମୟରେ ଭୂଗର୍ଭ ଜଳସ୍ତର ଶୁଖି ଯାଉଥିବାରୁ ଏହି ନଳକୂଳରୁ ପାଣି ବାହାରୁନି। ପ୍ରତିଦିନ ଲୋକେ ଜଳକଷ୍ଟରେ ରହୁଛନ୍ତି।



ଲୁହାପଙ୍କ ଗ୍ରାମବାସୀ ଅଭିଯୋଗ ମୁତାବକ ଆଜିକୁ ୫ବର୍ଷ ହେଲାଣି ପ୍ରକଳ୍ପରୁ ପାଣି ଟୋପାଏ ମିଳୁନି। ଏନେଇ ସରପଞ୍ଚ ଓ ବିଡିଓଙ୍କୁ ଅଭିଯୋଗ ହୋଇଛି। ହେଲେ କେହି ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ଲୁହାପଙ୍କ ଗାଁରେ ଦେଢଶହ ପରିବାର ଥିବା ବେଳେ ଲୋକ ସଂଖ୍ୟା ପ୍ରାୟ ୮୦୦ ହେବ। ପାନୀୟଜଳ ମିଳୁ ନ ଥିବାରୁ ଲୋକେ ଚୁଆ ଓ ନାଳ ପାଣି ପିଇ ରୋଗରେ ପଡୁଛନ୍ତି। ତୁରନ୍ତ ପାଣି ନ ଦେଲେ ଆନ୍ଦୋଳନ କରାଯିବ।

ସେହିପରି ବେତଗଡ଼ ଗ୍ରାମକୁ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ ଦ୍ୱାରା ୨୦୧୫-୧୬ରେ ରେଢାଖୋଲ ବ୍ଲକର ଲୁହାପଙ୍କ ଓ ବେତଗଡ ଉଭୟ ଗାଁକୁ ପାନୀୟଜଳ ଯୋଗାଣ ନିମନ୍ତେ ୮୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଏକ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାଇପ ଜଳ ଯୋଗାଣ ପ୍ରକଳ୍ପ ସ୍ଥାନୀୟ ଜାମବଣିଆ ଠାରେ ନିର୍ମାଣ କରାଯାଇଥିଲା। ତେବେ ପାଇପ ବିଛାଇବା କାମରେ ନିମ୍ନାମାନର ହୋଇଥିବାରୁ ଲୋକଙ୍କ ପାଖରେ ପାଣି ପହଞ୍ଚି ପାରୁନି। ସେପଟେ ଜାମବଣିଆ ନାଳରୁ ପାଣି ଟାଙ୍କିକୁ ବି ଉଠିପାରୁନି।

ରେଢାଖୋଲ ଆରଡବ୍ଲୁଏସଏସ ସହକାରୀ ଯନ୍ତ୍ରୀ କହିବା ମୁତାବକ ଏହି ପାନୀୟଜଳ ପ୍ରକଳ୍ପ ନିମନ୍ତେ ଦୁଇଟି ରାଜସ୍ୱ ଗ୍ରାମ ବେତଗଡ଼ ଓ ଲୁହାପଙ୍କକୁ ପାନୀଳଜଳ ଯୋଗାଇ ନିମନ୍ତେ ବ୍ୟବସ୍ଥା ଅଛି। ତେବେ ପ୍ରକଳ୍ପ ଚାଲିବା ନିମନ୍ତେ ବିଦ୍ୟୁତ୍ ଯୋଗାଣ ଓ ଷ୍ଟାଟର ସମସ୍ୟା ଥିଲା। ଯାହା ସମାଧାନ ହୋଇସାରିଛି। ଏବେ ଟାଙ୍କିକୁ ପାଣି ଉଠୁଛି ଓ ବେତଗଡ଼ ଗାଁକୁ ପାନୀୟଜଳ ଯାଉଛି। ପାଇପ୍ ଫାଟି ଯାଇଥିବାରୁ ଲୁହାପଙ୍କର କିଛି ଗାଁରେ ଏବେ ପାଇପ୍ ମରାମତି କାମ ଚାଲିଛି। ଯାହା ଶୀଘ୍ର ସରିବ। ଲୋକେ ପାଇପ୍ ପାଣି ସକେଟରୁ ଘରକୁ ପାଣି ନେବା ନିମନ୍ତେ ଉଦ୍ୟମ କରିବା ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଯାହାର ସମାଧାନ କରାଯିବ।

ସେହିପରି ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ବଡଖମଣ ପଞ୍ଚାୟତର ବନ୍ଧସାହି ଗାଁର ୧୦ ନମ୍ବର ୱାର୍ଡରେ ସମାନ ସମସ୍ୟା। ଏହି ୱାର୍ଡରେ ୩୦ରୁ ଅଧିକ ପରିବାର ରହୁଥିବାବେଳେ ସେମାନଙ୍କୁ ପାନୀୟ ଉପଯୋଗୀ ପାଣି ମିଳିପାରୁନି। ଏହି ଗ୍ରାମରେ ଗୋଟିଏ ଦୁଇଟି ନଳକୂପ ଥିବାବେଳେ ଗୋଟିଏ ଅଚଳ ଓ ଅନ୍ୟ ଗୋଟିଏର ପାଣି ପିଇବା ଅନୁପଯୋଗୀ। ତେଣୁ ଲୋକେ ନଦୀରେ ଚୁଆ ଖୋଳି ପାଣି ସଂଗ୍ରହ କରି ପିଉଛନ୍ତି। ଏଥିପାଇଁ ଲୋକଙ୍କୁ ଲାଇନ୍ ଦେବାକୁ ପଡୁଛି ଓ ବହୁ ସମୟ ଅପେକ୍ଷା କରିବା ପରେ କିଛି ପାଣି ମିଳୁଛି। ବର୍ଷ ତମାମ ଏଭଳି ଅବସ୍ଥା। ବର୍ଷା ଦିନେ ଲୋକଙ୍କୁ ଗୋଳିଆ ପାଣି ପିଇବାକୁ ପଡୁଛି। ଯାହା ରୋଗ ବ୍ୟାପୀବାର କାରଣ ହୋଇଛି। ଖରାଦିନେ ଚୁଆ ଶୁଖି ଯିବା ପରେ ଲୋକଙ୍କୁ ହିନସ୍ତା ହେବାକୁ ପଡୁଛି।

ଗ୍ରାମବାସୀମାନ କହିଛନ୍ତି, ନିର୍ବାଚନ ଆସିଲେ ପାନୀୟଜଳ ଯୋଗାଇ ଦେବା ପାଇଁ ମିଳେ ଅନେକ ପ୍ରତିଶ୍ରୁତି। ନିର୍ବାଚନ ପରେ ଆଉ ସମସ୍ୟାକୁ ପଚାରେ କିଏ। ପ୍ରଶାସକମାନେ ଏସି ଚାମ୍ବରରେ ଫାଇଲ୍ ଚାଷରେ ବ୍ୟସ୍ତ ରହୁଥିବା ବେଳେ ନେତା ସମସ୍ୟା ସମାଧାନ ନିମନ୍ତେ ପ୍ରୟାଶ କରୁନାହାନ୍ତି।

ବ୍ଲକ ଉପାଧ୍ୟକ୍ଷ ରଜନୀକାନ୍ତ ଦାସ କହିଛନ୍ତି, ସମସ୍ୟାର ସମାଧାନ ଖୁବ୍ କମ୍ ଦିନ ଭିତରେ କରାଯିବ ବୋଲି ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## ଦୁର୍ଗମ ଅଞ୍ଚଳ ନୁହେଁ, ସହର ଭିତରେ ବାଉଁଶ ପୋଲ

ସହର ଭିତରେ ବାଉଁଶ ପୋଲ। ଏ ଚିତ୍ର କୌଣସି ଉପାନ୍ତ କି ଦୁର୍ଗମ ଅଞ୍ଚଳର ନୁହେଁ। ଏହା ଅଛି ବାଲେଶ୍ୱର ଜିଲ୍ଲା ସଦର ମହକୁମାରରେ। ସାହି ଭିତରକୁ ଯିବା ପାଇଁ ରାସ୍ତା ନଥିବାରୁ ଲୋକମାନେ ଟଙ୍କା ଆଦାୟ କରି ତିଆରି କରିଛନ୍ତି ବାଉଁଶ ପୋଲ।



ବାଲେଶ୍ୱର ପୌରାଞ୍ଚଳର ଦୁଇ ନମ୍ବର ୱାର୍ଡରେ ୨୦୦ରୁ ୨୫୦ ପରିବାର ବସବାସ କରୁଛନ୍ତି। ହେଲେ ଦୁଃଖର ବିଷୟ ଏହି ସାହିକୁ ଯିବେ ପାଇଁ ରାସ୍ତା ଖଣ୍ଡିଏ ନାହିଁ। ସାହି ଲୋକେ ନାଳର ଆଣ୍ଠୁଏ ପାଣିରେ ଯିବାଆସିବା କରୁଥିଲେ। ଏଥିରେ ବେଶୀ ଅସୁବିଧାରେ ପଡୁଥିଲେ ଛୋଟ ଛୋଟି ପିଲା, ବୃଦ୍ଧ ଓ ବୃଦ୍ଧା। ସାହି ଲୋକେ ଏନେଇ ସ୍ଥାନୀୟ ଜନ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ ପାଖରେ ବହୁବାର ଗୁହାରୀ କରିଥିଲେ। ମାତ୍ର କିଛି ସୁଫଳ ମିଳିନଥିଲା।

ଅଢ଼େଇ ବର୍ଷ ତଳେ ବାଲେଶ୍ୱର ନିର୍ବାଚନମଣ୍ଡଳୀରେ ହୋଇଥିଲା ଉପନିର୍ବାଚନ। ସେତେବେଳେ ଦୁଇ ନମ୍ବର ୱାର୍ଡକୁ ବଡ଼ ବଡ଼ ନେତାମାନେ ଆସିଥିଲେ। ନାଳ ଉପରେ ବ୍ରିଜ୍ ହେବ ବୋଲି ପ୍ରତିଶ୍ରୁତି ଦେଇ ଯାଇଥିଲେ। ଇତି ମଧ୍ୟରେ ନିର୍ବାଚନ ଯାଇ ୨୦୨୪ ସାଧାରଣ ନିର୍ବାଚନ ଆସିଲାଣି। ହେଲେ ସାହି ଲୋକଙ୍କ ଦୀର୍ଘ ଦିନର ଦାବି ପୂରଣ ହୋଇନାହିଁ। ନେତା ଓ ପ୍ରଶାସନଠାରୁ ନିରାଶ ହୋଇ ସାହି ଲୋକ ଟଙ୍କା ଆଦାୟ କରି ନାଳ ଉପରେ ବାଉଁଶ ପୋଲ ନିର୍ମାଣ କରିଛନ୍ତି। ମନରେ ଭୟ ଥିଲେ ମଧ୍ୟ ସାହି ଲୋକ ବର୍ତ୍ତମାନ ସେହି ବାଉଁଶ ପୋଲ ଉପରେ ଯିବା ଆସିବା କରୁଛନ୍ତି।

ବାଉଁଶ ପୋଲ ନିର୍ମାଣ ହେବା ପରେ ପିଲାମାନେ ସ୍କୁଲ ଯାଉଛନ୍ତି, ବୟସ୍କ ମହିଳା ଓ ପୁରୁଷମାନେ ଅନାୟସରେ ମେଡ଼ିକାଲ୍ ଯାଇପାରୁଛନ୍ତି। ତେବେ ସାହି ଲୋକେ ଏହି ଗୋଟିଏ ସମସ୍ୟା ଭିତରେ ଘାଣ୍ଟି ହେଉନାହାନ୍ତି। ପାନୀୟ ଜଳ ଓ ଡ୍ରେନେଜ୍ ପରି ବହୁ ସମସ୍ୟା ରହିଛି ସେମାନଙ୍କର। ଏନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା ଗାଁ ଲୋକେ କହିଛନ୍ତି।

ଗ୍ରାମବାସୀଙ୍କ ଅଭିଯୋକ ମୁତାବକ ସାହିକୁ ଯିବା ପାଇଁ ରାସ୍ତା ଖଣ୍ଡିଏ ନାହିଁ। ନାଳରେ ଆଣ୍ଠୁଏ ପାଣି ଭିତରେ ଆମେ ଯିବା ଆସିବା କରୁଥିଲୁ। ନାଳ ଉପରେ ବ୍ରିଜ୍‌ଟିଏ କରିବା ପାଇଁ ବହୁବାର ପ୍ରଶାସନ ପାଖରେ ଗୁହାରୀ କରିଛୁ। ହେଲେ ଆମ କଥା କେହି ଶୁଣିଲେ ନାହିଁ। ଶେଷରେ କିଛି ପଇସା ଆଦାୟ କରି ବାଉଁଶ ପୋଲଟିଏ କରିଛୁ।

ସ୍ଥାନୀୟ ଯୁବ ନେତାଙ୍କ ଅଭିଯୋଗ ଅଢ଼େଇ ବର୍ଷ ତଳେ ବାଲେଶ୍ୱରରେ ଉପନିର୍ବାଚନ ହୋଇଥିଲା। ଭୁବନେଶ୍ୱରରୁ ସବୁ ବଡ଼ବଡ଼ ନେତା, ମନ୍ତ୍ରୀ ଓ ଅଫିସରମାନେ ବାଲେଶ୍ୱର ଆସିଥିଲେ। ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରୁଥିଲେ। ନିର୍ବାଚନ ପ୍ରଚାର ବେଳେ ବଡ଼ ବଡ଼ ନେତାମାନେ ଏହି ରାସ୍ତା ଦେଇଯାଇଥିଲେ। ଆଉ ଗଲା ବେଳେ କହିଯାଇଥିଲେ, ଏହି ଅଞ୍ଚଳ ସୁନା ହୋଇଯିବ। ଦୁର୍ଭାଗ୍ୟର ବିଷୟ, ନିର୍ବାଚନ ପରେ ବଡ଼ ବଡ଼ ନେତାମାନେ ପଳାଇଗଲେ। ହେଲେ ଯିଏ ବିଜୟୀ ହେଲେ ସେ ମଧ୍ୟ ଏହି ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରିଛନ୍ତି। ଯାହା ଫଳରେ ଏହି ସାହିର ଲୋକେ ବହୁ ସମସ୍ୟା ମଧ୍ୟରେ ରହିଛନ୍ତି।

## ଘରେ ଅଛି ବିଜୁ ସ୍ୱାସ୍ଥ୍ୟ କାର୍ଡ, ତଥାପି ରୋଗୀ ଅସହାୟ



**ଗଜପତି:** ଘରେ ଅଛି ବିଜୁ ସ୍ୱାସ୍ଥ୍ୟ କାର୍ଡ। ତଥାପି ବେଡ୍‌ରେ ପଡ଼ିଛନ୍ତି କୃଷ୍ଣ। ଅଧିକ ଚିକିତ୍ସା ହୋଇପାରୁ ନାହାନ୍ତି। ଟଙ୍କା କେଇଟା ପାଇଁ ତାଙ୍କ ପତ୍ନୀ ଦୁଃଖୀ ଆ' ପାଖରେ ତା' ପାଖରେ କାକୁତି ମିନତି ହେଉଛନ୍ତି। ହେଲେ କେହି ସହାୟତା ଦେଉନାହାନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି- ଯଦି ଘରେ ବିଜୁ ସ୍ୱାସ୍ଥ୍ୟ କେର୍ଡ ଅଛି, ତାହାହେଲେ କ'ଣ ପାଇଁ ଚିକିତ୍ସା ହୋଇପାରୁନାହାନ୍ତି କୃଷ୍ଣ ଚନ୍ଦ୍ର ମଲ୍ଲିକ।

ଗଜପତି ଜିଲ୍ଲା ମୋହନା ବ୍ଲକ୍ ଟେଡ଼ାମା ଗାଁର କୃଷ୍ଣ ଚନ୍ଦ୍ର ମଲ୍ଲିକ। ପରିବାର କହିଲେ ପତ୍ନୀ ଦୁଃଖୀ, ବଡ଼ପୁଅ ସଞ୍ଜୟ ଓ ଦୁଇ ଝିଅ। ପୂରା ପରିବାରର ବୋଝ ମୁଣ୍ଡାଇଥିଲେ କୃଷ୍ଣ। କାମଦାମ କରି ଯାହା ରୋଜଗାର କରୁଥିଲେ, ସେଥିରେ ଚଳୁଥିଲା ପରିବାର। ହେଲେ ୨୦୧୮ ମସିହାରେ ହଠାତ୍ କୃଷ୍ଣ ଅସୁସ୍ଥ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ମୋହନା ମେଡ଼ିକାଲ୍‌କୁ ନେଇଥିଲେ। ସେଠାରେ ତାଙ୍କର କଫ ଟେଷ୍ଟ କରିବା ପରେ ଟିବି ହୋଇଥିବା ଜଣାପଡ଼ିଥିଲା। ଏହା ପରେ ତାଙ୍କର ଚିକିତ୍ସା ଆରମ୍ଭ ହୋଇଥିଲା।

ଟିବିରେ ଆକ୍ରାନ୍ତ ହେବା ପରେ ପୂର୍ବ ପରି ଆଉ କାମଦାମ କରିଲେ ନାହିଁ କୃଷ୍ଣ। ତେଣୁ ରୋଗୀଣା ସ୍ୱାମୀ ଓ ୩ ପୁଅ ଝିଅଙ୍କ ବୋଝ ପଡ଼ିଲା ଦୁଃଖୀଙ୍କ ଉପରେ। ଘରେ ରୋଗୀଣା ସ୍ୱାମୀଙ୍କୁ ଛାଡ଼ି ଚାରି କାନ୍ଥ ଭିତରୁ ଗୋଡ କାଢ଼ିଲେ ଦୁଃଖୀ। ଦିନ ମଜୁରୀ ଲାଗିବାକୁ ଗଲେ। ଯାହା ରୋଜଗାର କରୁଥିଲେ, ସେଥିରେ ସ୍ୱାମୀଙ୍କ ଚିକିତ୍ସା କରୁଥିଲେ ଓ ପିଲାଙ୍କୁ ପାଠ ପଢ଼ାଉଥିଲେ। ଦୁଃଖୀ ପରିଶ୍ରମ ସାର୍ଥକ ହେଲା। ଟିବିରୁ ଆରୋଗ୍ୟ ହେଲେ କୃଷ୍ଣ। ହେଲେ ସେ ଚାଲିବୁଲି ପାରିଲେ ନାହିଁ। ହାତ ଗୋଡ଼ କାମ ଦେଲା ନାହିଁ। ପୂରା ଶର୍ଯ୍ୟାସାୟୀ ହୋଇଗଲେ। ତେଣୁ ତାଙ୍କୁ ଚିକିତ୍ସା ପାଇଁ ମୋହନା ମେଡ଼ିକାଲ୍‌କୁ ନେଇଥିଲେ।

କୃଷ୍ଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ପରେ ଏମ୍‌କେସିଜି ବା କଟକ ବଡ଼ ମେଡ଼ିକାଲ୍ ନେବା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। ହେଲେ ପାଖରେ ଏତେ ସମ୍ବଳ ନଥିବାରୁ ସ୍ୱାମୀଙ୍କୁ ଚିକିତ୍ସା ପାଇଁ ନେଇ ପାରିଲେ ନାହିଁ ଦୁଃଖୀ। ସେପଟେ ଦିନକୁ ଦିନ ପରିବାରର ଆର୍ଥିକ ବୋଝ ବଢୁଥିବା ଦେଖି ୧୦ମ ଶ୍ରେଣୀରେ ପଢୁଥିବା ବଡ଼ପୁଅ ସଞ୍ଜୟ ଘରୁ ଗୋଡ଼ କାଢ଼ିଥିଲେ। ଦାଦନ ଖଟିବା ପାଇଁ ଗୋଆ ଚାଲିଗଲେ। ମଝିଆଁ ଝିଅ ସରକାରଙ୍କ ତରଫରୁ ଦିଆଯାଉଥିବା ମାଗଣା ଶିଲାଇ ତାଲିମ ପାଇଁ ବାଙ୍ଗାଲୁରୁ ଗଲେ। ଏବେ ଘରେ ୭ମ ଶ୍ରେଣୀରେ ପଢୁଥିବା ଝିଅ ଅଛି। ସେ ଘରେ ରୋଗୀଣା ବାପାଙ୍କ ସ୍ୱାସ୍ଥ୍ୟ କଥା ବୁଝୁଛନ୍ତି। ମାଆ କାମ କରିବା ପାଇଁ ଯାଉଛନ୍ତି।

ସବୁଠାରୁ ଦୁଃଖର ବିଷୟ, କୃଷ୍ଣ ଓ ଦୁଃଖୀଙ୍କୁ ମିଳିଛି ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କାର୍ଡ। ହେଲେ ତାହାର ବ୍ୟବହାର ସେମାନେ ଜାଣିନାହାନ୍ତି। ଏପରିକି ମେଡ଼ିକାଲ୍‌ରେ ତାଙ୍କୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ସମ୍ପର୍କରେ କେହି ପଚାରି ନାହାନ୍ତି। କହିବାକୁ ଗଲେ- ଅର୍ଥ ଅଭାବରୁ ଚିକିତ୍ସା ହୋଇନପାରି ବିଛଣାରେ ପଡ଼ିଛନ୍ତି ରୋଗୀ ଓ ଟ୍ରଙ୍କରେ ରହିଛି ବିଜୁ ସ୍ୱାସ୍ଥ୍ୟ କାର୍ଡ। ତେଣୁ ସେ ସ୍ୱାମୀଙ୍କ ଚିକିତ୍ସା ପାଇଁ ଏମ୍‌କେସିଜି ବା କଟକ ବଡ଼ ମେଡ଼ିକାଲ୍ ନେଇପାରୁ ନାହାନ୍ତି।

## ଥୁଣ୍ଟା ହୋଇଯାଉଛି ନିମ ଗଛ, ପତ୍ର ଖାଇଦେଉଛି ପୋକ

ଭୁବନେଶ୍ୱର: ରାଜଧାନୀର କଂକ୍ରିଟ୍ ସହରରେ ଛିଡ଼ା ହୋଇଛି ମାଳମାଳ ନିମ ଗଛ। ହେଲେ ସେହି ଗଛରେ ନାହିଁ ଲାବଣ୍ୟ ଓ ସୌନ୍ଦର୍ଯ୍ୟ। ଟାଇଁ ଟାଇଁ ଖରାରେ ପତ୍ର ଶୂନ୍ୟ ହୋଇ ଛିଡ଼ା ହୋଇଛନ୍ତି ଗଛଗୁଡ଼ିକ। ପ୍ରକୃତି ରାଣୀ କୋଳରେ ଛିଡ଼ା ହୋଇଥିବା ଭୂଖଣ୍ଡର ସବୁଠାରୁ ଦୁର୍ଲଭ ଔଷଧୀୟ ବୃକ୍ଷର ଏ ରୂପ କ'ଣ ପାଇଁ? ଶୁଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ରାଜଧାନୀ ଭୁବନେଶ୍ୱରରେ ଛିଡ଼ା ହୋଇଥିବା ମାଳ ମାଳ ନିମ ଗଛରେ ଲାଗିଛି ଟି.ମସ୍‌କ୍ୟୁଟ୍‌ବଗ୍ ପୋକ।

ରାଜଧାନୀ ଭୁବନେଶ୍ୱରର ପ୍ରଶାନ୍ତି ବିହାର, ଜୟଦେବ ବିହାର, ଆଚାର୍ଯ୍ୟ ବିହାର, ବିଜେଡି ପାର୍ଟି ଅଫିସ୍ ପାର୍ଶ୍ୱ ରାସ୍ତା ଆଦି ପ୍ରମୁଖ ସ୍ଥାନରେ ଥିବା ନିମ ଗଛ ଗୁଡ଼ିକରେ ପତ୍ର ନାହିଁ। ପତ୍ର ଗୁଡ଼ିକ ଶୁଖି ଡାଳରେ ଲାଗିଛି। ପବନ ଦେଲେ ଝଡ଼ି ପଡୁଛି। ଗ୍ରୀଷ୍ମ ଋତୁ ଆରମ୍ଭରେ ସାଧବ ବୋହୂ ପରି ଦେଖାଯିବାକୁ ଥିବା ନିମ ଗଛ ଗୁଡ଼ିକ ମରୁଭୂମିର ଥୁଣ୍ଟା ଗଛ ପରି ଦେଖାଯାଉଛି। ହଠାତ୍ ନିମ ଗଛର ଏ ବିବର୍ଣ୍ଣ ରୂପ ଦେଖି ଚିନ୍ତିତ ହୋଇ ପଡ଼ିଛନ୍ତି ପରିବେଶବିତ।

କୀଟତତ୍ତ୍ୱ ବିଭାଗର ପ୍ରଫେସର ଚିତ୍ତରଞ୍ଜନ ଶତପଥୀଙ୍କ କହିବା ଅନୁସାରେ ନିମ ଗଛକୁ ଭଲ ପାଉଥିବା ଗୋଟିଏ ପୋକ ରହିଛି। ଯାହା ନାଁ ହେଉଛି ଟି.ମସ୍‌କ୍ୟୁଟ୍‌ବଗ୍। ଏହି ପୋକ ନିମ ସହିତ କାଜୁ, ସଜନା ଓ ପିଜୁଳି ଗଛର ପତ୍ରକୁ ଖାଇଥାଏ। ଦକ୍ଷିଣ ଭାରତରେ ଏହି ପୋକ ବେଶୀ ଦେଖାଦେଇଥାଏ। ନିମ ଗଛରେ ପତ୍ର କଅଁଳିବା ବେଳେ ଏହି ପୋକ ଲାଗିଥାଆନ୍ତି। ଏହି ପୋକଟି ଗଛର ଡାଳରେ ଅଣ୍ଡା ଦେଇଥାଏ। ସେହି ଅଣ୍ଡାରୁ ବାହାରୁଥିବା ପୋକମାନେ ନିମ ଗଛରେ କଅଁଳୁଥିବା ପତ୍ରକୁ କଣା କରି ଖାଇ ଯାଆନ୍ତି। ପତ୍ର ଶୋଷଣ କଲା ବେଳେ ପୋକଟି ଏକ ବିଷ ଛାଡ଼ିଦିଏ। ଯାହାଫଳରେ ଗଛର ଡାଳଟି ମରିଯାଏ। ଆଉ ପତ୍ର ଗୁଡ଼ିକ ଡାଳରୁ ନଝଡ଼ି ଡାଳରେ ଲାଗି ରହିଯାଆନ୍ତି। ଏହି ପୋକକୁ ସହଜରେ ଦେଖିହୁଏ ନାହିଁ। ଏହାର ମାଆ ପୋକକୁ ଦେଖିହେବ। ପୋକଟି ଦେଖିବାକୁ କଳା। ପିଠି ଉପରେ ନାରଙ୍ଗୀ ରଙ୍ଗର ଗୋଟିଏ ଟି ଆକୃତିର ଚିହ୍ନ ରହିଥାଏ। ପୂର୍ବରୁ ଓଡ଼ିଶାରେ ଏହି ପୋକ ଦେଖାଯାଉନଥିଲେ। କିନ୍ତୁ ଗତ ୭ରୁ ୮ ବର୍ଷ ହେଲା ଦେଖାଦେଉଛନ୍ତି ବୋଲି ପ୍ରଫେସର ଶତପଥୀ କହିଛନ୍ତି।

# ଆଦିବାସୀ ପିଲାଙ୍କ ତ୍ରାଣକର୍ତ୍ତା ସାଜିଛନ୍ତି ବାବାଜୀ ସାର୍

ଆଦିବାସୀ ପଲ୍ଲୀରେ କେବେ ଜଳୁନଥିଲା ଶିକ୍ଷାର ଦୀପ! ଏବେ କିନ୍ତୁ ଦାଉ ଦାଉ ହୋଇ ଜଳୁଛି। ଆଉ ସେହି ଦୀପ ଜାଳୁଛନ୍ତି ବାବାଜୀ ସାର୍। ଗରିବ ଆଦିବାସୀ ପିଲାଙ୍କ ଜୀବନ ଗଢ଼ିବା ପାଇଁ ନିଜ ଯୌବନକୁ ଜଳାଞ୍ଜଳି ଦେଇଛନ୍ତି। ଆଉ ଗଢ଼ିବାରେ ଲାଗିପଡ଼ିଛନ୍ତି ପିଲାଙ୍କ ଭବିଷ୍ୟ। ସେମାନଙ୍କୁ କେବଳ ପାଠ ପଢ଼ାଉନାହାନ୍ତି, ପାଠ୍ୟ ଉପକରଣ ମଧ୍ୟ ଯୋଗାଇ ଦେଉଛନ୍ତି। ସେଥିପାଇଁ ବାବାଜୀ ସାରଙ୍କୁ ନେଇ ସବୁଠି ଚର୍ଚ୍ଚା। ଏପରି ଭଲ ଖବର ଆସିଛି ଭଦ୍ରକରୁ। ବାବାଜୀ ସାର୍। ତାଙ୍କ ପ୍ରକୃତ ନାଁ ହେଉଛି ମହେଶ୍ୱର ନାୟକ। ଗେଲଟୁଆ ପଞ୍ଚାୟତ ବଗମରା ଗାଁରେ ତାଙ୍କର ଜନ୍ମ। ସେ ଜୟଶ୍ରୀ ନାୟକଙ୍କୁ ପ୍ରେମ ବିବାହ କରିଥିଲେ। ବୈବାହିକ ଜୀବନକୁ ପ୍ରାୟ ୨୫ ବର୍ଷ ବିତିଗଲାଣି। ହେଲେ ଆଜି ବାପା-ମାଆ ହୋଇପାରି ନାହାନ୍ତି ମହେଶ୍ୱର ଓ ଜୟଶ୍ରୀ। ସେଥିପାଇଁ ଜମାରୁ ମନ ଦୁଃଖ କରିନାହାନ୍ତି। ବରଂ ଶକ୍ତିଶାଳି ହୋଇଛନ୍ତି। ମନବଳକୁ ସୁଦୃଢ଼ କରିଛନ୍ତି। ଆଉ ଏକ ଦୁନିଆ ଗଢ଼ିତୋଳିବା ପାଇଁ ଶପଥ ନେଇଛନ୍ତି। ଆଉ ଶିକ୍ଷାର ଦୀପ ଜାଳିବା ପାଇଁ ପ୍ରତିଜ୍ଞା ନେଇଛନ୍ତି ମହେଶ୍ୱର ଓ ଜୟଶ୍ରୀ।

ଗରିବ ଆଦିବାସୀ ପିଲାଙ୍କୁ ପାଠ ପଢ଼ାଇବା ଲକ୍ଷ୍ୟରେ ମହେଶ୍ୱର ଓ ଜୟଶ୍ରୀ ୨୦୨୧ ମସିହାରେ ପାଠ ପଢ଼ାଇବା ଆରମ୍ଭ କଲେ। ୬ ଜଣଙ୍କ ପିଲାଙ୍କୁ ପ୍ରଥମେ ପଢ଼ାଇଥିଲେ। ଧୀରେ ଧୀରେ ପିଲାଙ୍କ ସଂଖ୍ୟା ବଢ଼ିଥିଲା। ଚଳିତ ବର୍ଷ ୭୦ରୁ ଅଧିକ ପିଲା ତାଙ୍କୁ ପାଖରେ ପଢୁଛନ୍ତି। ମାଆ ମଙ୍ଗଳା ମନ୍ଦିରରେ ସେମାନେ ଏକ ଚାଟଶାଳୀ ଖୋଲି ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କୁ ପଢ଼ାଉଛନ୍ତି। ସକାଳେ ଓ ସନ୍ଧ୍ୟା ବେଳେ ଦୁଇ ବେଳା ପିଲାଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ପିଲାମାନେ ସ୍କୁଲରୁ ଆସିବା ପରେ ଘରେ ଖାଇପିଇ ପୁଣି ଚାଟଶାଳୀକୁ ଚାଲି ଆସୁଛନ୍ତି। ଏଠାରେ ପାଠ ପଢ଼ି ରାତିରେ ଘରକୁ ଫେରିଛନ୍ତି। ମହେଶ୍ୱରଙ୍କୁ ସହଯୋଗ କରୁଛନ୍ତି ତାଙ୍କ ପତ୍ନୀ ଜୟଶ୍ରୀ ଓ ସ୍ଥାନୀୟ ଅଞ୍ଚଳର କେତେକ ଶିକ୍ଷିତ ଯୁବତୀ।



ସେଠାରେ ପାଠ ପଢୁଥିବା ଛାତ୍ରଛାତ୍ରୀଙ୍କୁ ଅନେକ ସହୃଦୟ ବ୍ୟକ୍ତି ସହାୟତା ଯୋଗାଇ ଦେଇଛନ୍ତି। ଖାଦ୍ୟ ସହ ଡ୍ରେସ, ଖାତା, ବହି ଓ ଅନ୍ୟାନ୍ୟ ପାଠ୍ୟ ଉପକରଣ ଯୋଗାଇ ଦେଉଛନ୍ତି। ସାରଙ୍କ ଏପରି ଉଦ୍ୟମକୁ ବହୁ ଅଭିଭାବକ ପ୍ରଶଂସା କରିଛନ୍ତି। କେତେକ ଅଭିଭାବକ କହିଛନ୍ତି, ଦାରିଦ୍ର୍ୟତା ଭିତରେ ଜୀବନ ବିତୁଥିବା ବେଳେ ମହଙ୍ଗା ଦୁନିଆରେ ପିଲାଙ୍କୁ ଟ୍ୟୁସନ୍ କରାଇବା କାଠିକର ପାଠ। ତେଣୁ ସାରଙ୍କର ଏହି ପ୍ରୟାସ ଆମକୁ ବେଶ୍ ସହାୟକ ହେଉଛି ଅଭିଭାବକମାନେ କହିଛନ୍ତି।

ମହେଶ୍ୱର ନାୟକ କହିଛନ୍ତି, ଗରିବ ଆଦିବାସୀ ପିଲାମାନଙ୍କୁ ପାଠ ପଢ଼ାଉଥିବାରୁ ନିଜକୁ ଗର୍ବ ମନେ କରୁଛି। ପିଲାମାନେ ପାଠ ପଢ଼ି ନିଜ ଗୋଡ଼ରେ ଛିଡ଼ା ହୁଅନ୍ତି, ଭଗବାନଙ୍କ ନିକଟରେ ମୁଁ ଏହି ପ୍ରାର୍ଥନା କରୁଛି ବୋଲି ଶ୍ରୀ ନାୟକ କହିଛନ୍ତି।

ସେଠାରେ ପାଠ ପଢ଼ାଉଥିବା ଛାତ୍ରୀ ଗୀତା ମୁର୍ମୁ ମଧ୍ୟ କଲେଜ୍‌ରୁ ଆସିବା ପରେ ପ୍ରଥମରୁ ୫ମ ଶ୍ରେଣୀର ପିଲାମାନଙ୍କୁ ପଢ଼ାଉଛି। ଆଉ ସାର୍ ଆସିଲେ ବଡ଼ ପିଲାମାନଙ୍କୁ ପାଠ ପଢ଼ାନ୍ତି। ଏଠାରେ ପଢ଼ାଉଥିବାରୁ ମୁଁ ନିଜକୁ ଗର୍ବ ମନେ କରୁଛି ବୋଲି ଗୀତା କହିଛନ୍ତି।

# ୧୮ ଫାର୍ମା କମ୍ପାନୀର ଲାଇସେନ୍ସ ବାତିଲ, ଆଉ ୨୬କୁ ନୋଟିସ୍

**ନୂଆଦିଲ୍ଲୀ:** ନକଲି ଓ ଖରାପ ମାନର ଔଷଧ ତିଆରି କରୁଥିବା ୧୮ଟି ଫାର୍ମା କମ୍ପାନୀର ଲାଇସେନ୍ସକୁ ବାତିଲ କରାଯାଇଛି। ସେମାନଙ୍କୁ ଔଷଧ ତିଆରି କରିବାକୁ ବାରଣ କରାଯାଇଛି। ସେହିପରି ଆଉ ୨୬ଟି ଫର୍ମା କମ୍ପାନୀକୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି। ଯଦି ସେମାନେ ଉପଯୁକ୍ତ ଜବାବ ଦେଇ ନ ପାରିବେ, ତା'ହେଲେ ସେମାନଙ୍କ ବିରୋଧରେ ମଧ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି।

ଭାରତରୁ ବିଭିନ୍ନ ପ୍ରକାରର ଔଷଧ ବାହାରକୁ ଯାଇଥାଏ। କିନ୍ତୁ ବିଦେଶରେ ଖରାପ ମାନ ଓ ନକଲି ଔଷଧ ବିକ୍ରି କରାଯାଉଥିବା ଅଭିଯୋଗ ହେବା ପରେ ସରକାର ଫାର୍ମା କମ୍ପାନୀ ଗୁଡ଼ିକର ଯାଞ୍ଚ ଆରମ୍ଭ କରିଥିଲେ। ଯାଞ୍ଚ ପରେ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

ନକଲି ଓ ଖରାପ ମାନର ଔଷଧ ସମ୍ପର୍କରେ ଅଭିଯୋଗ ଆସିବା ପରେ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ ଇଣ୍ଡିଆ(ଡିସିଜିଆଇ) ପକ୍ଷରୁ ୭୬ଟି ଫାର୍ମାସ୍ୟୁଟିକାଲ କମ୍ପାନୀରେ ଯାଞ୍ଚ କରାଯାଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଟିମ ପକ୍ଷରୁ ଅତର୍କିତ ଚଢ଼ଉ କରି ଔଷଧର ମାନ ପରୀକ୍ଷା କରାଯାଇଥିଲା। ଶେଷରେ ୨୦ଟି ରାଜ୍ୟରେ ଥିବା ବିଭିନ୍ନ କମ୍ପାନୀ



ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଦୀର୍ଘ ୧୫ ଦିନ ଧରି ସମଗ୍ର ଦେଶରେ ଡିସିଜିଆଇ ପକ୍ଷରୁ ଚଢ଼ଉ ଅଭିଯାନ ଜାରି ରହିଥିଲା।

ବିଭିନ୍ନ ଦେଶରେ ଭାରତ ନିର୍ମିତ ବିଭିନ୍ନ ସିରପ ଓ ଔଷପ ଖାଇ ଛୋଟ ପିଲାଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ପରେ ସାରା ଦେଶରେ ହଇଚଇ ସୃଷ୍ଟି ହୋଇଥିଲା। ଏହାକୁ ଦୃଷ୍ଟିରେ ରଖି ଗତମାସରେ ଗୁଜରାଟ ଭିତ୍ତିକ ଫାର୍ମା କମ୍ପାନୀ ଜୟଡସ ଲାଇସାଇନ୍ସ ପକ୍ଷରୁ ୫୫ ହଜାର ବୋତଲ ଜେନେରିକ ମେଡିସିନ ଆମେରିକା ମାର୍କେଟରୁ ପ୍ରତ୍ୟାହାର କରିଥିଲେ। ଏହି ଔଷଧଗୁଡ଼ିକର ମାନ ଖରାପ ଥିବା ଅଭିଯୋଗ ହୋଇଥିଲା।

ସେହିପରି ଗତବର୍ଷ ଉଜବେକିସ୍ତାନରେ ୧୮ ଜଣ ଶିଶୁ ଭାରତରୁ ଯାଇଥିବା କଫ ସିରପ ଖାଇ ପ୍ରାଣ ହରାଇଥିବା ଜଣାପଡ଼ିଥିଲା। ଏଥିପାଇଁ ନୋଏଡାରେ ଥିବା ଫାର୍ମାସିଟ୍ୟୁକାଲ କମ୍ପାନୀର ୩ ଜଣ କର୍ମଚାରୀଙ୍କୁ ଗିରଫ କରାଯାଇଥିଲା। ଅଭିଯୁକ୍ତମାନେ ନକଲି ଓ ଖରାପ ମାନର ଔଷଧ ଉତ୍ପାଦନ ଏବଂ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗ ପରେ ମାରିଅନ ବାୟୋଟେକ ପ୍ରଡକ୍ଟସର ବିଭିନ୍ନ ଔଷଧର ନମୁନା ପରୀକ୍ଷା କରିଥିଲା। ଏହି ସମୟରେ ୨୨ଟି ଔଷଧ ଖରାପ ମାନର ଥିବା ସ୍ପଷ୍ଟ ହୋଇଥିଲା।

# ମହଙ୍ଗା ହେବ ଜାତୀୟ ରାଜପଥ ଯାତ୍ରା




ନୂଆଦିଲ୍ଲୀ: ଏକ୍ସପ୍ରେସ୍ ୱେ ଏବଂ ଜାତୀୟ ରାଜମାର୍ଗ (ଏନଏଚ)ରେ ଶୁକ୍ରବାର ମଧରାତ୍ର ପରେ ଯାତାୟାତ ମହଙ୍ଗା ହେବ। (ଏନଏଚଏଆଇ) ୧ ଏପ୍ରିଲରୁ ଟୋଲ୍ ଟିକସ ବୃଦ୍ଧି କରିଛନ୍ତି। ଏବେ ବିଭିନ୍ନ ଶ୍ରେଣୀର ବାହନଙ୍କୁ ପୂର୍ବାପେକ୍ଷା ୫ରୁ ୧୫ ପ୍ରତିଶତ ଅଧିକ ଶୁଳ୍କ ଦେବାକୁ ପଡିବ। ସେହିପରି କମ ଦୂରତା ଲାଗି ୧୦ ପ୍ରତିଶତ ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଦେବାକୁ ପଡିବ। ଏନ୍ଏଚ୍ ଓ ଏକ୍ସପ୍ରେସ୍ ୱେରେ ଟୋଲ୍ ଶୁଳ୍କ ବୃଦ୍ଧି ନେଇ ପୂର୍ବରୁ ଅଧିସୂଚନା ଜାରି ହୋଇଥିଲା। ଏହି ଅଧିସୂଚନା ଅନୁସାରେ ଇଷ୍ଟର୍ଣ୍ଣ ପେରିଫେରାଲ ଏକ୍ସପ୍ରେସ ୱେରେ ଚାରିଚକିଆ ଯାନ ଲାଗି ଟୋଲ ଟିକସରେ ୫ରୁ ୭ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ସେହିପରି ମୁମ୍ବଇ ଏକ୍ସପ୍ରେସ୍ ୱେ ରେ ଶୁଳ୍କ ୫ ପ୍ରତିଶତ ପର୍ଯ୍ୟନ୍ତ ବଢିଛି। ମୁମ୍ବଇ-ପୁଣେ ଏକ୍ସପ୍ରେସ୍ ୱେରେ ମଧ ଟୋଲ ଟ୍ୟାକ୍ସ ବଢିଯିବ। କାର, ଜିପ୍ ଭଳି ଚାରିଚକିଆ ଯାନ ପାଇଁ ଏବେ ଅସୁଲ ହେଉଥିବା ୨୭୦ ଟଙ୍କାର ଟୋଲ୍ ? ଟିକସ ୩୨୦ ଟଙ୍କା ହୋଇଯିବ। ସେହିପରି ମିନିବସ୍ ଓ ଟେମ୍ପୋ ଭଳି ବାହନ ଏ ପର୍ଯ୍ୟନ୍ତ ଦେଉଥିବା ୪୨୦ ଟଙ୍କା ଶୁଳ୍କ ୪୯୫ଟଙ୍କା ହୋଇଯିବ। ଏହି ନୂଆ ଟୋଲ ଟ୍ୟାକ୍ସ ପୂର୍ବାଞ୍ଚଳ ଏକ୍ସପ୍ରେସ୍ ୱେ ସମେତ ଆଗ୍ରା-ଲକ୍ଷ୍ନୌ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ମିରଟ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ହାପୁଡ ଏକ୍ସପ୍ରେସ୍ ୱେ, ଦିଲ୍ଲୀ-ମୁମ୍ବଇ ଏକ୍ସପ୍ରେସ୍ ୱେ, ବାରାଣସୀ-ଗୋରଖପୁର ହାଇୱେ, ଉନ୍ନାଓ-ଲକ୍ଷ୍ନୌ ଜାତୀୟ ରାଜପଥ ସମେତ ଦେଶର ସମସ୍ତ ଜାତୀୟ ରାଜମାର୍ଗରେ ଟୋଲ୍ ଟିକସ ମହଙ୍ଗା ହେବ। ଦେଶର ବିଭିନ୍ନ ଜାତୀୟ ରାଜମାର୍ଗରେ ବାହନ ଚାଳକଙ୍କୁ ପୃଥକ ପୃଥକ ଟୋଲ୍ ଶୁଳ୍କ ଦେବାକୁ ପଡିବ।

# ଏପ୍ରିଲ୍‌ରେ ୧୫ ଦିନ ବନ୍ଦ ରହିବ ବ୍ୟାଙ୍କ

**ନୂଆଦିଲ୍ଲୀ:** ୨୦୨୨-୨୩ର ଆର୍ଥିକ ବର୍ଷ ସମାପ୍ତ ହେବ। ଏପ୍ରିଲ ୧ରୁ ନୂଆ ଆର୍ଥିକ ବର୍ଷ ଆରମ୍ଭ ହେବ। ତେବେ ଆସନ୍ତା ଏପ୍ରିଲରେ ଅନେକ କିଛି ପରିବର୍ତ୍ତନ ହେବାର ରହିଛି। ମୁଖ୍ୟ କଥା ହେଉଛି ଏପ୍ରିଲରା ୧୫ ଦିନ ବ୍ୟାଙ୍କ ବନ୍ଦ ରହିବ। କିନ୍ତୁ ଲଗାତାର ବନ୍ଦ ରହିବନି। ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆରବିଆଇ) ଦ୍ୱାରା ପ୍ରକାଶିତ ଛୁଟି ତାଲିକା ଅନୁଯାୟୀ ଏପ୍ରିଲ ମାସରେ ବ୍ୟାଙ୍କଗୁଡିକ ୧୫ ଦିନ ପାଇଁ ବନ୍ଦ ରହିବ। ଛୁଟିଦିନ ତାଲିକାରେ ରବିବାର, ଦ୍ୱିତୀୟ ଶନିବାର, ସାଧାରଣ ଛୁଟି ଏବଂ ଆଞ୍ଚଳିକ ଛୁଟି ଅନ୍ତର୍ଭୁକ୍ତ। ତାଲିକାରେ ଥିବା କିଛି ଛୁଟି କେବଳ ନିର୍ଦ୍ଦିଷ୍ଟ ରାଜ୍ୟ ପାଇଁ ଅଟେ। ଆରବିଆଇ ଗାଇଡଲାଇନ ଅନୁଯାୟୀ, ପ୍ରତ୍ୟେକ ମାସର ପ୍ରଥମ ଏବଂ ତୃତୀୟ ଶନିବାର ଦିନ ବ୍ୟାଙ୍କଗୁଡ଼ିକ ଖୋଲା ଅଛି, କିନ୍ତୁ ଦ୍ୱିତୀୟ ଏବଂ ଚତୁର୍ଥ ଶନିବାର ଦିନ ବନ୍ଦ ରହିଛି।

ତେବେ ଚାଲନ୍ତୁ ଜାଣିବା କେଉଁ କେଉଁ ଦିନ ଏହି ଛୁଟି ସବୁ ପଡୁଛି। ଏପ୍ରିଲ ପହିଲାରେ ବ୍ୟାଙ୍କର ବାର୍ଷିକ କ୍ଲୋଜିଂ ପାଇଁ ସେଦିନ ବ୍ୟାଙ୍କ ଖୋଲା ରହିଲେ ବି ନେଣଦେଣ ହୋଇପାରିବ ନାହିଁ। ଏପ୍ରିଲ




୨ ରବିବାର କାରଣରୁ ଦେଶର ସମସ୍ତ ବ୍ୟାଙ୍କ ବନ୍ଦ ରହିବ। ଏପ୍ରିଲ ୪ ତାରିଖରେ ମହାବୀର ଜୟନ୍ତୀ ପାଇଁ ସାରା ଦେଶରେ ବ୍ୟାଙ୍କ ବନ୍ଦ। ଏପ୍ରିଲ ୫ ତାରିଖରେ ବାବୁ ଜଗଜୀବନ ରାମଙ୍କ ଜନ୍ମଦିନ ପାଇଁ ବ୍ୟାଙ୍କ ବନ୍ଦ। ସେହିଭଳି ଏପ୍ରିଲ ୭ ତାରିଖ ଗୁଡ ଫ୍ରାଇଡେ ପାଇଁ ବ୍ୟାଙ୍କ ବନ୍ଦ। ଏପ୍ରିଲ ୮ ତାରିଖ ମାସର ଦ୍ୱିତୀୟ ଶନିବାର ପାଇଁ ବ୍ୟାଙ୍କ ବନ୍ଦ। ଅନ୍ୟପଟେ ଏପ୍ରିଲ ୧୪ ତାରିଖରେ ଡ.ବାବା ସାହେବ ଆମ୍ବେଦକରଙ୍କ ଜୟନ୍ତୀ ପାଇଁ ବ୍ୟାଙ୍କ ବନ୍ଦ। ଏପ୍ରିଲ ୧୫ ତାରିଖରେ ବିଶୁ/ବଙ୍ଗାଳୀ ନବବର୍ଷ/ ବୋହାଗ ବିହୁ ଓ ହିମାଚଳ ଦିବସ ପାଇଁ କିଛି ରାଜ୍ୟରେ ବ୍ୟାଙ୍କ ବନ୍ଦ ରହିବ। ଏପ୍ରିଲ ୧୬ ରବିବାର ପାଇଁ ବ୍ୟାଙ୍କ ବନ୍ଦ। ଏପ୍ରିଲ ୧୮ ଶବ-ଏ-କଦ୍ର ପାଇଁ ବ୍ୟାଙ୍କ ବନ୍ଦ। ଏପ୍ରିଲ ୧୮ ତାରିଖରେ ଇଦ-ଓଲ-ଫିତର ପାଇଁ ସାରା ଦେଶରେ ବ୍ୟାଙ୍କ ବନ୍ଦ। ଏପ୍ରିଲ ୨୨ ରେ ରମଜାନ ଇଦ୍ ପାଇଁ ବ୍ୟାଙ୍କ ବନ୍ଦ। ଏପ୍ରିଲ ୨୩ ଓ ୩୦ ତାରିଖରେ ରବିବାର ପଡୁଥିବାରୁ ସାରା ଦେଶରେ ବ୍ୟାଙ୍କ ବନ୍ଦ।

# ଜରୁରୀ ମେଡିସିନଗୁଡ଼ିକର ଦାମ ୧୨% ଯାଏ ବଢ଼ିବ

ବିଭିନ୍ନ ସାମଗ୍ରୀର ଦାମ ବଢୁଥିବା ବେଳେ ସାଧାରଣ ଲୋକଙ୍କ ପାଇଁ ଆଉ ଗୋଟିଏ ଖରାପ ଖବର ଆସିଛି। ଜରୁରୀ ମେଡିସିନ ଗୁଡ଼ିକର ଦାମ ୧୨% ଯାଏ ବଢ଼ିବ। ଏପ୍ରିଲ ୧ ତାରିଖରୁ ବିଭିନ୍ନ ପ୍ରକାରର ପେନକିଲର୍ସ, ଆଣ୍ଟିବାୟୋଟିକ, ସଂକ୍ରମର ନିରୋଧ ଔଷଧ ଓ ହୃଦଘାତ ଜନିତ ମେଡିସିନର ଦାମ ବୃଦ୍ଧି ପାଇବ।

ଗତବର୍ଷ ନ୍ୟାଶନାଲ ଫାର୍ମାସିଟ୍ୟୁକାଲ ପ୍ରାଇସିଂ ଅଥୋରିଟି(ଏନପିପିଏ) ମେଡିସିନର ହୋଲସେଲ ପ୍ରାଇସ ଇଣ୍ଡେକ୍ସ(WPI) ୧୦.୭% ବଢ଼ିବ ବୋଲି କହିଥିଲା। ପ୍ରତିବର୍ଷ ଏନପିପିଏ WPIରେ ପରିବର୍ତ୍ତନ କରିଥାଏ। ଡ୍ରଗ୍ସ(ପ୍ରାଇସ କଣ୍ଟ୍ରୋଲ) ନିର୍ଦ୍ଦେଶ ୨୦୧୩ ବା ଡିପିସିଓ ୨୦୧୩ ଅନୁଯାୟୀ ଏପରି ପରିବର୍ତ୍ତନ ହୋଇଥାଏ।

ଏନପିପିଏ ଦ୍ୱାରା ନିୟନ୍ତ୍ରିତ ଔଷଧ



ଦରରେ ଏପରି ପରିବର୍ତ୍ତନ ହେବ। ବାକି ଔଷଧର ଦାମ ପ୍ରତିବର୍ଷ ୧୦% ଯାଏ ବୃଦ୍ଧି କରାଯାଇଥାଏ। କ୍ରମାଗତ ଦ୍ୱିତୀୟ ବର୍ଷ ପାଇଁ ସେଡ୍ୟୁଲଡ ଔଷଧର ଦାମ ନନ୍ ସେଡ୍ୟୁଲଡ ଔଷଧ ତୁଳନାରେ ଅଧିକ ହେବାକୁ ଯାଉଛି। ସେଡ୍ୟୁଲଡ ଔଷଧଗୁଡ଼ିକ ଜାତୀୟ ସ୍ତରରର ଜରୁରୀ ମେଡିସିନ ତାଲିକାରେ ରହିଥାଏ। ଏବେ ସେହି ସବୁ ଜରୁରୀ ମେଡିସିନର ଦାମ ୧୨% ଯାଏ ବୃଦ୍ଧି ପାଇବାକୁ ଯାଉଛି।

ପ୍ରତାପ ଶର୍ମା ନାମକ ଜଣେ ବ୍ୟକ୍ତି କହିଛନ୍ତି, "ଦର ବୃଦ୍ଧିର ପ୍ରଭାବ ସମସ୍ତଙ୍କ ଉପରେ ପଡ଼ିବ। ଯେଉଁମାନେ ଅଧିକ ମାତ୍ରାରେ ମେଡିସିନ ଉପରେ ନିର୍ଭର କରୁଛନ୍ତି, ସେମାନଙ୍କ ପକେଟ ଅଧିକ ପ୍ରଭାବିତ ହେବ। ମେଡିସିନ ଜରୁରୀ ଥିବାରୁ ଯେତେ ଦାମ ପଡ଼ିଲେ ମଧ ଏହାକୁ କିଣିବାକୁ ଲୋକମାନେ ବାଧ ହେବେ। ସେମାନଙ୍କ ଔଷଧ କିଣାର ଅଭ୍ୟାସରେ କୌଣସି ପରିବର୍ତ୍ତନ ହେବାର ନାହିଁ।"

ଗତବର୍ଷ ଏନପିପିଏ ପକ୍ଷରୁ ମେଡିସିନର ଦାମ ୧୦.୭୬% ବୃଦ୍ଧି କରାଯାଇଥିଲା। ଏହାଦ୍ୱାରା ପ୍ରାୟ ୮୦୦ ସେଡ୍ୟୁଲଡ ମେଡିସନର ଦାମ ବୃଦ୍ଧି ପାଇଥିଲା। ଜ୍ୱର, ବିଭିନ୍ନ ପ୍ରକାରର ସଂକ୍ରମଣ, ହୃଦଜନିତ ରୋଗ, ଉଚ୍ଚ ରକ୍ତଚାପ, ଚର୍ମ ରୋଗ ଭଳି ମେଡିସିନର ଦାମ ବୃଦ୍ଧି ପାଇଥିଲା। ୨୦୨୧ରେ ଡଚଓ ୦.୫୩%, ୨୦୨୦ରେ ୧.୮୮%, ୨୦୧୯ରେ ୪.୨୬% ଓ ୨-୦୧୮ରେ ୩.୪୩% ବୃଦ୍ଧି ପାଇଥିଲା।

# ନୂଆ ବୈଦେଶିକ ବାଣିଜ୍ୟ ନୀତି

**ନୂଆଦିଲ୍ଲୀ:** ବାଣିଜ୍ୟ ମନ୍ତ୍ରୀ ପିୟୂଷ ଗୋଏଲ ନୂଆ ବୈଦେଶିକ ବାଣିଜ୍ୟ ନୀତି-୨୦୨୩ (ଏଫଟିପି) ଘୋଷଣା କରିଛନ୍ତି। ଏହି ନୀତି ଫଳରେ ବୈଶ୍ୱିକ ମାନ୍ଦାବସ୍ଥା ସତ୍ତ୍ୱେ




ଦେଶର ରପ୍ତାନି ବୃଦ୍ଧି ପାଇବ। ଏଫ୍‌ଟିପି ଅନୁଯାୟୀ ୨୦୩୦ ମଧରେ ସରକାରଙ୍କ ଦ୍ରବ୍ୟ ଓ ସେବା ରପ୍ତାନି ୨ ଟ୍ରିଲିଅନ ଡଲାର ପର୍ଯ୍ୟନ୍ତ ପହଞ୍ଚି ଯିବ ବୋଲି ଅନୁମାନ କରାଯାଇଛି। 'ନୂଆ ବୈଦେଶିକ ବାଣିଜ୍ୟ ନୀତି-୨୦୨୩' ଆସନ୍ତାକାଲି ଠାରୁ ଲାଗୁ ହେବ। ଏହି ନୀତି ଅନୁଯାୟୀ ଟଙ୍କାରେ ବିଦେଶରେ ବ୍ୟବସାୟ କରିବା ସହଜ ହେବ ବୋଲି ଗୋଏଲ କହିଛନ୍ତି। ଆର୍ଥିକ ବର୍ଷ ୨୦୨୩ରେ ଭାରତର ସମୁଦାୟ ରପ୍ତାନି ୨୦୨୧-୨୨ରେ ୬୭୬ ବିଲିଅନ ଡଲାରକୁ ଅତିକ୍ରମ କରି ୭୬୦ ବିଲିଅନ ଡଲାରରେ ପହଞ୍ଚି ଯିବ ବୋଲି ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶକ ସନ୍ତୋଷ ଷଡ଼ଙ୍ଗୀ କହିଛନ୍ତି। ନୂଆ ନୀତି ଅନୁଯାୟୀ ରପ୍ତାନି କ୍ଷେତ୍ରକୁ ଅଧିକ ପ୍ରାଧାନ୍ୟ ଯୋଗାଇ ଦିଆଯିବ। ଏହି ନୀତି 'ଇଜି ଅଫ ଡୁଇଙ୍ଗ୍ ବିଜ୍‌ନେଶ' ଉପରେ ଗୁରୁତ୍ୱ ଦେବ। ଆବଶ୍ୟକ ହେଲେ ଏଫଟିପିକୁ ଅପଡେଟ କରାଯିବ। ଏହି ନୀତି ଗତିଶୀଳ ହେବ। ଏହି ନୀତି ଉପରେ ଫିଡ୍‌ବ୍ୟାକ୍ ଦେବା ପାଇଁ ଶେଷ ତାରିଖ ଘୋଷଣା କରାଯାଇ ନାହିଁ। ଏହି ନୂଆ ନୀତି ୨୦୨୮ ପର୍ଯ୍ୟନ୍ତ ଲାଗୁ ରହିବ ବୋଲି ମହାନିର୍ଦ୍ଦେଶକ କହିଛନ୍ତି। ରପ୍ତାନୀକୁ ଅଗ୍ରାଧିକାର ଦେବା ପାଇଁ ସରକାର ଏହି ନୀତିକୁ ଆହୁରି ସରଳ କରିବେ ବୋଲି ଗୋଏଲ କହିଛନ୍ତି।

# ୪% ବଢ଼ିଲା କର୍ମଚାରୀଙ୍କ ମହଙ୍ଗା ଭତ୍ତା

**ନୂଆଦିଲ୍ଲୀ:** କେନ୍ଦ୍ରୀୟ କର୍ମଚାରୀଙ୍କ ପାଇଁ ଖୁସି ଖବର। କେନ୍ଦ୍ର ସରକାରଙ୍କ କର୍ମଚାରୀଙ୍କ ମହଙ୍ଗା ଭତ୍ତାକୁ ୪% ବୃଦ୍ଧି କରିଛନ୍ତି। ଏହି ପ୍ରସ୍ତାବ ଉପରେ କେନ୍ଦ୍ର କ୍ୟାବିନେଟ ଆଜି ମୋହର ମଧ ମାରିଛି। ଏହା ଦ୍ୱାରା କେନ୍ଦ୍ର ସରକାରଙ୍କ ୧ କୋଟିରୁ ଅଧିକ କର୍ମଚାରୀ ଓ ପେନସନ ଭୋଗୀ ଲାଭ ବାନ ହେବ। ବର୍ତ୍ତମାନ କେନ୍ଦ୍ରୀୟ କର୍ମଚାରୀମାନେ ୩୮% ମହଙ୍ଗା ଭତ୍ତା ପାଉଥିଲେ। ବର୍ଦ୍ଧିତ ନିଷ୍ପତ୍ତି ପରେ ଏହା ୪୨% ଛୁଇଁବ।



କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ କେନ୍ଦ୍ରମନ୍ତ୍ରୀ ଅନୁରାଗ ଷଡ଼ଙ୍ଗୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମହଙ୍ଗା ଭତ୍ତାର ପରିମାଣକୁ ୪% ବୃଦ୍ଧି କରାଯାଇଛି। ଏହାଦ୍ୱାରା ସରକାରଙ୍କ ଉପରେ ୧୨,୮୧୫ କୋଟି ଟଙ୍କାର ଅତିରିକ୍ତ ବୋଝ ପଡ଼ିବ। ସେହିପରି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୩ ଜାନୁଆରୀ ୧ରୁ ଲାଗୁ ହେବ। ନୂଆ ନିଷ୍ପତ୍ତି ଦ୍ୱାରା କେନ୍ଦ୍ରର କାର୍ଯ୍ୟରତ ୪୭.୫୮ ଲକ୍ଷ କର୍ମଚାରୀ ଓ ୬୯.୭୬ ଲକ୍ଷ ପେନସନ ଭୋଗୀ ଲାଭବାନ ହେବେ। ୭ମ ବେତନ କମିଶନ ଆଧାରରେ ଏପରି ବୃଦ୍ଧି କରାଯାଇଥିବା ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବରୁ ୨୦୨୨ ସେପ୍ଟେମ୍ବର ୨୮ରେ କେନ୍ଦ୍ରୀୟ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି ପାଇଥିଲା। ଏହାକୁ ୨୦୨୨ ଜୁଲାଇ ୧ରୁ ପିଛିଲା ଭାବେ ଲାଗୁ କରାଯାଇଥିଲେ। ସେଥର ମଧ ୪% ବଢ଼ିଥିଲା। ଏଥର ରିପୋର୍ଟ ପ୍ରକାଶ ପାଇଥିଲା ଯେ ହୋଲି ପୂର୍ବରୁ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବଢ଼ିବ। ହେଲେ ଏନେଇ କୌଣସି ନିଷ୍ପତ୍ତି କେନ୍ଦ୍ର ସରକାର ନେଇ ନଥିଲେ। ଏବେ କିନ୍ତୁ କ୍ୟାବିନେଟ ମହଙ୍ଗା ଭତ୍ତା ବୃଦ୍ଧି ପ୍ରସ୍ତାବରେ ମୋହର ମାରିଛି। ସରକାର ବର୍ଷକ ମଧରେ ଦୁଇ ଥର କେନ୍ଦ୍ରୀୟ କର୍ମଚାରୀ ଓ ପେନସନଭୋଗୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି କରି ଥାଆନ୍ତି।

### ଇତିହାସ ରଚିଲା ଇସ୍ରୋ

# ମହାକାଶକୁ ପଠାଇଲା ୩୬ ସାଟେଲାଇଟ୍

ପୁଣି ଆଉ ଏକ ଇତିହାସ ରଚିଲା ଇସ୍ରୋ। ଏକା ସଙ୍ଗେ ମହାକାଶକୁ ପଠାଇଲା ୩୬ଟି ସାଟେଲାଇଟ୍। ଇସ୍ରୋର ୱାନ୍ ୱେବ୍-୨ ମିଶନ୍ ଜରିଆରେ ମହାକାଶକୁ ୩୬ ସାଟେଲାଇଟ୍ ପଠାଇଛି। ଘଟଣା ସକାଳ ୯ଟାରେ ଶ୍ରୀହରିକୋଟା ସ୍ଥିତ ସତୀଶ ଧୱନ ମହାକାଶ କେନ୍ଦ୍ରରୁ ସବୁଠୁ ଓଜନିଆ ଖଠଗ୩ ରକେଟର ଉତକ୍ଷେପଣ ହୋଇଛି।

ପୃଥିବୀର ନିମ୍ନ କକ୍ଷପଥରେ ୭୨ଟି ଉପଗ୍ରହ ଉତକ୍ଷେପଣ ପାଇଁ ବ୍ରିଟେନର ନେଟୱାର୍କ ଆକ୍ସେସ୍ ଆସୋସିଏଟ୍ସ ଲିମିଟେଡ୍ ଇସ୍ରୋର ବାଣିଜ୍ୟିକ ୟୁନିଟ୍ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍ ସହ ଚୁକ୍ତି ସ୍ୱାକ୍ଷର କରିଛି। ଏହି ଚୁକ୍ତି ଅନୁଯାୟୀ ୩୬ଟି ଉପଗ୍ରହ ମହାକାଶକୁ ଉତକ୍ଷେପଣ କରାଯାଇଛି।

ଖଠଗ୩ ରକେଟର ଓଜନ ୪୩.୫ ମିଟର ଉଚ୍ଚ ଏବଂ ୬୪୩ଟନ୍ ରହିଛି। ଏହା



୫୮୦୫ କିଲୋଗ୍ରାମ ଓଜନର ୩୬ଟି ଜେନ୍-୧ ସାଟେଲାଇଟକୁ ନେଇ ପୃଥିବୀର ନିମ୍ନ କକ୍ଷପଥରେ ସ୍ଥାପନ କରିବ। ଗତବର୍ଷ ଅକ୍ଟୋବର ୨୩ରେ ମଧ ଏହି ମିଶନର ପ୍ରଥମ ପର୍ଯ୍ୟାୟରେ ୩୬ ସାଟେଲାଇଟ୍ ସଫଳ ଭାବେ ଉତକ୍ଷେପଣ କରାଯାଇଥିଲା।

ୱାନ୍‌ୱେବ୍‌ର ମହାକାଶ କକ୍ଷପଥରେ ୫୮୨ ଉପଗ୍ରହ ଥିବାବେଳେ ଏବେ ଏହି ସଂଖ୍ୟା ୬୧୮ରେ ପହଞ୍ଚିଛି। କମ୍ପାନୀ କହିଛି ଯେ ୱାନୱେବ ଭାରତ ସମେତ ବିଶ୍ୱସ୍ତରୀୟ କଭରେଜ ଯୋଗାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଉଛି।

ୱାନୱେବ ହେଉଛି ବ୍ରିଟେନର ଏକ ଯୋଗାଯୋଗ କମ୍ପାନୀ ଯାହାକି ବ୍ରିଟିଶ ସରକାର, ଭାରତର ଭାରତୀ ଏଣ୍ଟରପ୍ରାଇଜେସ୍, ଫ୍ରାନ୍ସର ଇଟେଲସାଟ, ଜାପାନର ସଫ୍ଟବ୍ୟାଙ୍କ, ଆମେରିକାର ହ୍ୟୁଜ୍ ନେଟୱାର୍କ ଏବଂ ଦକ୍ଷିଣ କୋରିଆ ପ୍ରତିରକ୍ଷା କମ୍ପାନୀ ହାନୱାଙ୍କର ମାଲିକାନା ଅଟେ।

## ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍

# ଭାରତ ପାଇଁ ସ୍ୱର୍ଣ୍ଣିମ ଅଧ୍ୟାୟ

## ୪୮ କେଜି ବର୍ଗର ନିତୁ ସ୍ୱର୍ଣ୍ଣ



**ନୂଆଦିଲ୍ଲୀ:** ଭାରତ ପାଇଁ ଇତିହାସ ରଚିଛନ୍ତି ୨୨ ବର୍ଷୀୟ ନିତୁ ଘନଘାସ। ସେ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟଶିପରେ ଦେଶ ପାଇଁ ସ୍ୱର୍ଣ୍ଣ ପଦ ଜିତିଛନ୍ତି। ୪୮ କେଜି ବର୍ଗର ଲଢ଼େଇରେ ନିତୁ ମଙ୍ଗୋଲିଆର ବକ୍ସର ଲୁଟସୈଖାନଙ୍କୁ ୫-୦ରେ ପରାସ୍ତ କରି ବିଜୟ ବାନା ଉଡ଼ାଇଛନ୍ତି।

ନୂଆଦିଲ୍ଲୀର ଆଇଜି ଷ୍ଟାଡିୟମର ବକ୍ସିଂ ରିଗିଂରେ ନିତୁ ଲଢ଼େଇ କରୁଥିବା ବେଳେ ପୂରା ଦର୍ଶକ ତାଙ୍କ ସମର୍ଥନ କରିଥିଲେ। ସେ ମଧ କାହାକୁ ନିରାଶ ନକରି ତାଙ୍କ କ୍ୟାରିୟରେ ପ୍ରଥମଥର ପାଇଁ ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଚାମ୍ପିୟନ ହୋଇଛନ୍ତି। ମ୍ୟାଚ୍ ଆରମ୍ଭରୁ ଦୁଇ ଫାଇଟର ଆଟାକିଂ ଖେଳ ଦେଖାଇଥିଲେ। କିନ୍ତୁ ଭାରତର ନିତୁ ସୁଯୋଗ ଦେଖି କାଉଣ୍ଟର ପଞ୍ଚ ମାରିଥିଲେ। ଫଳରେ ସେ ପ୍ରଥମ ରାଉଣ୍ଡକୁ ୫-୦ରେ କବଜା କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ମଙ୍ଗୋଲିଆ ବକ୍ସର କିନ୍ତୁ ନିତୁକୁ କଡ଼ା ଚ୍ୟାଲେଞ୍ଜ ଦେଇଥିଲେ। ତଥାପି ନିତକୁ ୩-୨ର ଆଡଭାନଟେଜ ହାସଲ କରିଥିଲେ। ନିର୍ଣ୍ଣାୟକ ରାଉଣ୍ଡରେ ନିତୁ ତାଙ୍କ ଜଲୱା ଦେଖାଇ ମ୍ୟାଚ୍ ସହ ସ୍ୱର୍ଣ୍ଣ ପଦକ ନିଜ ନାଁରେ କରିଛନ୍ତି। ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ମଧ ସ୍ୱର୍ଣ୍ଣ ଜିତିଥିବା ନିତୁ ଏବେ ଇତିହାସ ପୃଷ୍ଠାରେ ନିଜ ନାଁ ଲେଖିଛନ୍ତି। ସେ ୬ଷ୍ଠ ଭାରତୀୟ (ଉଭୟ ପୁରୁଷ ଓ ମହିଳା ବର୍ଗ) ଭାବେ ବିଶ୍ୱ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି। ଏହାକୁ ମିଶାଇ ଭାରତ ୧୧ ଥର ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ ସ୍ୱର୍ଣ୍ଣ ପଦକ ଜିତି ନେଇଛି। ଏହି ୧୧ଟି ସ୍ୱର୍ଣ୍ଣ ପଦରୁ କିମ୍ବଦନ୍ତୀ ବକ୍ସର ମ୍ୟାରିକମ୍ ୬ଟି ଜିତିଛନ୍ତି।

ସେ ୨୦୦୨, ୨୦୦୫, ୨୦୦୬, ୨୦୦୮,୨୦୧୦ ଓ ୨୦୧୮ ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସରିତା ଦେବୀ(୨୦୦୬), ଜେନୀ ଆରଏଲ( ୨୦୦୬), ଲେଖା କେସି(୨୦୦୬) ଓ ନିଖତ ଜରୀନ(୨୦୨୨) ବିଶ୍ୱ ବକ୍ସିଂ ଚାମ୍ପିୟନଶିପର ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି। ଏବେ ଏହି ତାଲିକାରେ ନିତୁ ଯୋଡ଼ି ହୋଇଯାଇଛନ୍ତି।

ସ୍ୱର୍ଣ୍ଣ ଜିତିବା ପରେ ନିତୁଙ୍କ ପାଖକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ସେହିପରି ନିତୁ ମଧ କିମ୍ବଦନ୍ତୀ ବକ୍ସର ବିଜେନ୍ଦ୍ର ସିଂହଙ୍କ ସହ ରିଗିଂରୁ ଓହ୍ଲାଇ ଫଟୋ ଉଠାଇଛନ୍ତି।

## ନିଖତ, ଲଭଲିନା ମାରିଲେ ଗୋଲଡେନ୍ ପଞ୍ଚ

ବିଶ୍ୱ ମହିଳା ବକ୍ସିଂ ଚାମ୍ପିୟନସିପରେ ଭାରତକୁ ୪ଟି ସ୍ୱର୍ଣ୍ଣ। ପ୍ରଥମେ ନୀତୁ ଘଂଘାସ ଓ ସ୍ୱିଟି ବୋରା ନୂଆ ବିଶ୍ୱ ବିଜୟିନୀ ହୋଇ ଇତିହାସ ରଚିଥିବା ବେଳେ, ଦେଶ ପାଇଁ ସ୍ୱର୍ଣ୍ଣିମ ଅଧ୍ୟାୟ ଲେଖିଛନ୍ତି ଆଉ ୨ ଭାରତୀୟ ମହିଳା ମୁଷ୍ଟିଯୋଦ୍ଧା ନିଖତ ଜରିନ୍ ଓ ଲଭଲିନା ବୋର୍ଗୋହେନ୍।

ପ୍ରଥମେ ନିଖତ ଜରିନ୍ ଓ ତା'ପରେ ଲଭଲିନା ମାରିଛନ୍ତି ଗୋଲଡେନ୍ ପଞ୍ଚ। ନିଖତ ୫୦ କେଜି ବର୍ଗରେ ଭିଏତନାମର ନୁଏନ୍ ଥିଟାମଙ୍କୁ ୫-୦ରେ ପରାଜିତ କରିଛନ୍ତି। ଲଭଲିନା ୭୫ କେଜି ବର୍ଗରେ ୫-୨ରେ ହରାଇଛନ୍ତି ଅଷ୍ଟ୍ରେଲିଆର କେଟଲିନ୍ ପାର୍କରଙ୍କୁ।

ନୂଆଦିଲ୍ଲୀରେ ଚାଲିଥିବା ବିଶ୍ୱ ମହିଳା ବକ୍ସିଂ ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ ନୀତୁ ଘଂଘାସ ଓ ସ୍ୱିଟି ବୋରା। ସେ ୪୮ କେଜି ଓଜନ ବର୍ଗ ଫାଇନାଲରେ ମଙ୍ଗୋଲିଆ ପ୍ରତିପକ୍ଷଙ୍କୁ ୫-୦ରେ ଧରାଶାୟୀ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ନୀତୁ। ୮୧ କେଜି ବର୍ଗରେ ଚୀନର ୱାଙ୍ଗ ଲିନାଙ୍କୁ ୪-୩ରେ ପରାସ୍ତ କରି ଗୋଲ୍ଡ ମେଡାଲ୍ ହାସଲ କରିଥିଲେ ସ୍ୱିଟି। ସ୍ୱିଟି ବାହାଘରର ମାତ୍ର ୧୦ ଦିନ ପରେ ଏହି ଚାମ୍ପିୟନଶିପ ପାଇଁ ଅଭ୍ୟାସ ଆରମ୍ଭ କରିଥିଲେ। ପୂର୍ବରୁ ସେ ୨୦୧୪ ବିଶ୍ୱ ମହିଳା ବକ୍ସିଂ ପ୍ରତିଯୋଗିତାରେ ରୈପ୍ୟ ପଦକ ଜିତିଥିଲେ।





## ବିଜୟ ପରେ ତ୍ରିରଙ୍ଗା ଉଡ଼ାଇଲେ ସ୍ୱିଟି

ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଭାରତକୁ ସ୍ୱିଟି ବୋରା ୮୧ କେଜି ବର୍ଗରେ ଜିତିଛନ୍ତି ସ୍ୱର୍ଣ୍ଣ ପଦକ। ସେ ଫାଇନାଲ ମ୍ୟାଚ୍‌ରେ ଚାଇନାର ୱାଙ୍ଗ ଲିନାକୁ ପରାସ୍ତ କରି ବିଜୟ ବାନା ଉଡ଼ାଇଛନ୍ତି। ତାଙ୍କ ପୂର୍ବରୁ ୪୮ କେଜି ବର୍ଗରେ ନିତୁ ଘନଘାସ ଭାରତ ପାଇଁ ସ୍ୱର୍ଣ୍ଣ ପଦ ଜିତିଥିଲେ। ଏବେ ସ୍ୱିଟି ଦ୍ୱିତୀୟ ସ୍ୱର୍ଣ୍ଣ ଜିତିଛନ୍ତି। ସ୍ୱିଟି ୭ମ ଭାରତୀୟ(ଉଭୟ ପୁରୁଷ ଓ ମହିଳା) ଭାବେ ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିବାକୁ ସକ୍ଷମ ହୋଇଛନ୍ତି।

ଚାଇନାର ୱାଙ୍ଗ ଲିନାଙ୍କ ବିପକ୍ଷ ମ୍ୟାଚ୍‌ର ପ୍ରଥମ ରାଉଣ୍ଡରୁ ହିଁ ସ୍ୱିଟି ଆଟାକିଂ ମୁଡକୁ ଚାଲି ଆସିଥିଲେ। ସେ ପଞ୍ଚ ପରେ ପଞ୍ଚ ମାରି ୱାଙ୍ଗଙ୍କୁ ଘାଇଲା କରିଥିଲେ। ଏହି ରାଉଣ୍ଡକୁ ସେ ଗୋଟିଏ ପଏଣ୍ଟ ବ୍ୟବଧାନରେ ବାଜିମାତ କରିଥିଲେ। ତେବେ ଦ୍ୱିତୀୟ ରାଉଣ୍ଡରେ ୱାଙ୍ଗ କମବ୍ୟାକ କରି ସ୍ୱିଟିଙ୍କୁ ପଞ୍ଚ ଠିକ ସ୍ଥାନରେ ଲ୍ୟାଣ୍ଡ କରିବାକୁ ଦେଇ ନଥିଲେ। ଏହି ରାଉଣ୍ଡରେ ସ୍ୱିଟି ସାମାନ୍ୟ ବ୍ୟାକଫୁଟରେ ରହିଥିଲେ। ତଥାପି ୩-୨ରେ ସେ ଏହାକୁ ଜିତି ନେଇଥିଲେ।

ତେବେ ୩ୟ ରାଉଣ୍ଡରେ ସେ ପୁଣି ନିଜର ଦକ୍ଷତା ସମସ୍ତଙ୍କୁ ଦେଖାଇଥିଲେ। ତେବେ ରେଜଲ୍ଟ ଘୋଷଣା ହେବା ପୂର୍ବରୁ ଚାଇନା କୋଚ୍ ରିଭ୍ୟୁ ନେଇଥିଲେ। କିନ୍ତୁ ରିଭ୍ୟୁ ବିଫଳ ହେବା ସହ ଭାରତର ସ୍ୱିଟି ଗୋଟିଏ ପଏଣ୍ଟ ବ୍ୟବଧାନରେ ବିଶ୍ୱ ବିଜେତାର ଆଖ୍ୟା ପାଇଥିଲେ।

ସେ ବିଜୟ ସେଲିବ୍ରେସନକୁ ତ୍ରିରଙ୍ଗା ଉଡ଼ାଇ କରିଛନ୍ତି। ଦିଲ୍ଲୀର ଆଇଜି ଷ୍ଟାଡିୟମରେ ଉପସ୍ଥିତ ଭାରତୀୟ ସମର୍ଥକ ଏହି ବିଜୟ ପରେ ପୂରା ଖୁସିରେ ନାଚି ଉଠିଥିଲେ। ସ୍ୱିଟି ବାହାଘରର ମାତ୍ର ୧୦ ଦିନ ପରେ ଏହି ଚାମ୍ପିୟନଶିପ ପାଇଁ ଅଭ୍ୟାସ ଆରମ୍ଭ କରିଥିଲେ। ଏଥିପାଇଁ ତାଙ୍କ ସ୍ୱାମୀ ତଥା ଷ୍ଟାର କବାଡି ଖେଳାଳି ଦୀପକ ହୁଡ୍ଡା ସବୁ ପ୍ରକାରର ସହାୟତା କରିଥିଲେ। ବିଜୟ ପରେ ସ୍ୱିଟିଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

ଦିଲ୍ଲୀରେ ଚାଲିଥିବା ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପର ଫାଇନାଲରେ ଭାରତର ୪ ଜଣ ବକ୍ସର ଫାଇନାଲରେ ପ୍ରବେଶ କରିଥିଲେ। ଆଜି ନିତୁ ଓ ସ୍ୱିଟି ଫାଇନାଲ ମ୍ୟାଚ୍ ଖେଳି ସ୍ୱର୍ଣ୍ଣ ଜିତିଛନ୍ତି।

ସ୍ୱିଟିଙ୍କ ସ୍ୱର୍ଣ୍ଣକୁ ମିଶାଇ ମହିଳା ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ଭାରତର ମୋଟ ସ୍ୱର୍ଣ୍ଣ ପଦକ ସଂଖ୍ୟା ୧୨ରେ ପହଞ୍ଚିଛି। ଏହି ୧୨ଟି ସ୍ୱର୍ଣ୍ଣ ପଦକରୁ କିମ୍ବଦନ୍ତୀ ବକ୍ସର ମ୍ୟାରିକମ ୬ଟି ଜିତିଛନ୍ତି। ସେ ୨୦୦୨, ୨୦୦୫, ୨୦୦୬, ୨୦୦୮,୨୦୧୦ ଓ ୨୦୧୮ ବିଶ୍ୱ ବକ୍ସିଂ ଚାମ୍ପିୟନଶିପରେ ସ୍ୱର୍ଣ୍ଣ ଜିତିଥିଲେ। ତାଙ୍କ ବ୍ୟତୀତ ସରିତା ଦେବୀ(୨୦୦୬), ଜେନୀ ଆରଏଲ(୨୦୦୬), ଲେଖା କେସି(୨୦୦୬), ନିଖତ ଜରୀନ(୨୦୨୨) ଓ ନିତୁ ଘନଘାସ (୨୦୨୩) ବିଶ୍ୱ ବକ୍ସିଂ ଚାମ୍ପିୟନଶିପର ବିଭିନ୍ନ ବର୍ଗରେ ସ୍ୱର୍ଣ୍ଣ ଜିତିଛନ୍ତି।

# ବଦଳିଲା ଆଇପିଏଲ ନିୟମ: ମ୍ୟାଚ୍ ଉପରେ ପଡ଼ିପାରେ ବଡ଼ ପ୍ରଭାବ

**ନୂଆଦିଲ୍ଲୀ:** ଚଳିତ ବର୍ଷ ଆଇପିଏଲରେ ଇମ୍ପାକ୍ଟ ଖେଳାଳିଙ୍କୁ ଦେଖିବାକୁ ମିଳିବ। ପୂର୍ବରୁ ଏହି ନିୟମ ସମ୍ପର୍କରେ ଘୋଷଣା କରାଯାଇ ସାରିଥିଲା। ଏବେ ଆଇପିଏଲ ନିୟମରେ ଆଉ କିଛି ବଡ଼ ପରିବର୍ତ୍ତନ ହୋଇଛି।

ବିସିସିଆଇ ପକ୍ଷରୁ ସବୁ ପ୍ରାଞ୍ଚାଇଜର କ୍ୟାପଟେନ୍‌ମାନଙ୍କୁ ନୂଆ ନିୟମ ସମ୍ପର୍କରେ ଅବଗତ କରାଯାଇଛି। ନୂଆ ନିୟମ ଚୂଡ଼ାନ୍ତ ଏକାଦଶରେ ବଡ଼ ପ୍ରଭାବ ପକାଇବ ବୋଲି କୁହାଯାଉଛି। ନୂଆ ନିୟମ ଅନୁଯାୟୀ, ଏଣିକି ଆଇପିଏଲ ଟିମର କ୍ୟାପ୍‌ଟେନମାନେ ଟସ୍ ପରେ ନିଜର ଚୂଡ଼ାନ୍ତ ଏକାଦଶରେ ସାମିଲ ହେବାକୁ ଥିବା ଖେଳାଳିଙ୍କ ନାଁ ଘୋଷଣା କରିବେ। ପୂର୍ବରୁ ଟସ୍ ପଡ଼ିବା ପୂର୍ବରୁ ଦୁଇ ଦଳର କ୍ୟାପଟେନ୍ ଗୋଟିଏ କାଗଜରେ ପରସ୍ପରକୁ ଚୂଡ଼ାନ୍ତ ଏକାଦଶର ତାଲିକା ଦେଉଥିଲେ। ପ୍ଲେଇଂ କଣ୍ଡିସନ କ୍ଲଜ ୧.୨.୧ ଅନୁଯାୟୀ, ପ୍ରତି ଦଳର ଅଧିନାୟକ ୧୧ ଖେଳାଳିଙ୍କ ବ୍ୟତୀତ ଆଉ ୫ ଜଣ ବଦଳ ଫିଲ୍ଡରଙ୍କ ନାଁ ଟସ୍ ପରେ ଲିଖିତ ଭାବେ ମ୍ୟାଚ୍ ରେଫରୀଙ୍କୁ ଦେବେ। ଚୂଡ଼ାନ୍ତ ଏକାଦଶକୁ ଟସ୍ ପରେ ପରିବର୍ତ୍ତନ କରାଯାଇ ପାରିବ। ମ୍ୟାଚ୍ ପୂର୍ବରୁ ଅଧିନାୟକ ଚାହିଁଲେ ଚୂଡ଼ାନ୍ତ ଏକାଦଶ ବଦଳାଇ ପାରିବେ। ଏଥିପାଇଁ ବିରୋଧୀ ଦଳର ଅଧିନାୟକଙ୍କ ସହମତିର ଆବଶ୍ୟକ ନାହିଁ। ଏହାର ଅର୍ଥ ଟସ୍ ପରେ ଯଦି ଦଳର ଅଧିନାୟକ ପରିସ୍ଥିତିକୁ ଦେଖି କିଛି ଅଦଳବଦଳ କରିବାକୁ ଚାହିଁବେ, ତା'ହେଲେ ପ୍ରଥମ ବଲ ପଡ଼ିବା ପୂର୍ବରୁ ସେ ଏହା କରିପାରିବେ।

ଏହାବାଦ ମ୍ୟାଚ୍ ବେଳେ ଅଣଖେଳୁଆଡ଼ ମନୋଭାବ ସହ ଯଦି ୱିକେଟ କିପର କିମ୍ବା କୌଣସି ଫିଲ୍ଡର ବୋଲିଂ ବେଳେ ନିଜର ସ୍ଥାନ ବଦଳାନ୍ତି, ତା'ହେଲେ ପେନାଲ୍ଟି ଲାଗୁ ହେବ। ଯଦି କୌଣସି ଟିମର ୱିକେଟ କିପର ବ୍ୟାଟର ବଲ ଖେଳିବା ପୂର୍ବରୁ ସ୍ଥାନ ବଦଳାନ୍ତି, ତା'ହେଲେ ଅମ୍ପାୟାର ଏହାକୁ ଡେଡ୍ ବଲ ବୋଲି ଘୋଷାଣ କରି ପ୍ରତିପକ୍ଷ ଟିମ୍‌କୁ ୫ ରନର ପେନାଲ୍ଟୀ ଆକାରାରେ ଦେଇ ପାରିବେ। ଆଉ ଗୋଟିଏ ନିୟମ ହେଉଛି ଇମ୍ପାକ୍ଟ ଖେଳାଳି। ପ୍ରତି ଟିମ ସେମାନଙ୍କ ଚୂଡ଼ାନ୍ତ ଏକାଦଶ ବ୍ୟତୀତ ଆଉ ୫ ଜଣଙ୍କୁ ବଦଳ ଖେଳାଳି ଭାବେ ସଂରକ୍ଷିତ କରି ରଖିପାରିବେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ ଇମ୍ପାକ୍ଟ ଖେଳାଳି ଭାବେ ବ୍ୟବହାର କରିପାରିବେ। ଏହି ଇମ୍ପାକ୍ଟ ଖେଳାଳି ଜଣଙ୍କ ୧୪ ଓଭର ପୂର୍ବରୁ ଚୂଡ଼ାନ୍ତ ଏକାଦଶରେ ଥିବା ଯେକୌଣସି ଖେଳାଳିଙ୍କ ବଦଳରେ ମୈଦାନକୁ ଓହ୍ଲାଇ ପାରିବେ। ଏଥିସହ ତାଙ୍କୁ ସଂପୂର୍ଣ୍ଣ ଭାବେ ବ୍ୟାଟିଂ ଓ ବୋଲିଂ କରିପାରିବାର ସୁଯୋଗ ମିଳିବ।

ଇମ୍ପାକ୍ଟ ଖେଳାଳି ଜଣଙ୍କ ଆଉଟ ହୋଇଥିବା ବ୍ୟାଟରଙ୍କ ସ୍ଥାନ ନେଇପାରିବେ ଓ ସେ ମଧ ବ୍ୟାଟିଂ କରିପାରିବେ କିମ୍ବା ଇମ୍ପାକ୍ଟ ଖେଳାଳି ଜଣଙ୍କ ମଧ କିଛି ଓଭର ବୋଲିଂ କରିଥିବା ବୋଲରଙ୍କ ସ୍ଥାନ ନେଇ ନିଜର ଫୁଲ ଓଭର କୋଟା ଶେଷ କରିପାରିବେ।

ଇମ୍ପାକ୍ଟ ଖେଳାଳି ନିୟମ ଅନ୍ୟ ବଦଳ ଖେଳାଳି ନିୟମ ଠାରୁ ଭିନ୍ନ। ପୂର୍ବରୁ ୨୦୦୫ ଓ ୨୦୦୬ରେ ସୁପରସବ ସିଷ୍ଟମ ଦିନିକିଆରେ ଲାଗୁ ହୋଇଥିଲା। ଏହି ନିୟମ ଅନୁସାରେ ଜଣେ ଖେଳାଳିଙ୍କ ବଦଳରେ ଆଉ ଜଣେ ଖେଳାଳିଙ୍କୁ ସୁଯୋଗ ମିଳୁଥିଲା।



## ଭାଇଜାନ ଆଶ୍ୱସ୍ତ

ବଲିଉଡ ତାରକା ସଲମାନ ଖାନଙ୍କୁ ହାଇକୋର୍ଟରୁ ଆଶ୍ୱସ୍ତି ମିଳିଛି। ଅନ୍ଧେରୀ ମେଟ୍ରୋପଲିଟନ କୋର୍ଟ ଦ୍ୱାରା ଜାରି ସମନକୁ ହାଇକୋର୍ଟ ଖାରଜ କରି ସଲମାନଙ୍କୁ ଆଶ୍ୱସ୍ତି ଦେଇଛନ୍ତି। ୨୦୧୯ ମସିହାରେ ଭାଇଜାନ ଅଶୋକ ପାଣ୍ଡେ ନାମକ ସାମ୍ବାଦିକଙ୍କୁ ସଲମାନ ଖାନ ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଜଷ୍ଟିସ ଭାରତୀ ଡାଙ୍ଗରେ ଏହି ମାମଲାର ବିଚାର କରି ରାୟ ପ୍ରକାଶ କରିଛନ୍ତି । ସାମ୍ବାଦିକ ଅଶୋକ ପାଣ୍ଡେ ଅନ୍ଧେରୀରେ ସଲମାନ ଖାନଙ୍କ ଏକ ଭିଡିଓ ପ୍ରସ୍ତୁତ କରୁଥିଲେ । ଏହା ଦେଖିବା ପରେ ସଲମାନ ଏବଂ ତାଙ୍କ ଅଙ୍ଗରକ୍ଷୀ ଅଶୋକ ପାଣ୍ଡେଙ୍କ ସହ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ଅଶୋକ ପାଣ୍ଡେ ସଲମାନ ଖାନଙ୍କ ବିରୋଧରେ ପୁଲିସ୍‌ର ଦ୍ୱାରସ୍ଥ ହୋଇଥିଲେ। ୨୦୧୯ରେ ଘଟିଥିବା ଉକ୍ତ ବିବାଦ ସମ୍ପର୍କରେ ମୁମ୍ବାଇର ଏକ ସ୍ଥାନୀୟ କୋର୍ଟ ସଲମାନ ଖାନ ଏବଂ ତାଙ୍କ ଅଙ୍ଗରକ୍ଷୀ ନୱାଜ ଶେଖଙ୍କୁ ୨୨ ମାର୍ଚ୍ଚ ୨୦୨୨ରେ ସମନ କରିଥିଲେ। ଏହି ମାମଲାରେ ସଲମାନଙ୍କ ବିରୋଧରେ ୫୦୪ ଓ ୫୦୬ ଧାରାରେ ମାମଲା ରୁଜୁ ହୋଇଥିଲା। ତେବେ ମାମଲାର ଶୁଣାଣି ଚାଲିଥିବା ବେଳେ ସଲମାନ ଖାନ କୋର୍ଟରେ ହାଜର ନ ହେବାକୁ ଗୁହାରି କରିଥିବା ବେଳେ ତାହାକୁ କୋର୍ଟ ଗ୍ରହଣ କରି ନେଇଥିଲେ। ଏହାପରେ ଏହି ମାମଲାକୁ ଖାରଜ କରିବା ନିମନ୍ତେ ସଲମାନ ଖାନ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହି ମାମଲାକୁ ଖାରଜ କରି ଦିଆ ଯାଇଥିବାରୁ ଭାଇଜାନ ଆଶ୍ୱସ୍ତ ହୋଇଛନ୍ତି।

## ସାଂସଦଙ୍କ ପ୍ରେମରେ ପରିଣୀତି ଚୋପ୍ରା !

ଅଭିନେତ୍ରୀ ପରିଣୀତି ଚୋପ୍ରା ଓ ଆପ୍‌ର ରାଜ୍ୟସଭା ସାଂସଦ ରାଘବ ଚଢ଼ା ପରସ୍ପରକୁ ଡେଟିଂ କରୁଥିବା ନେଇ ଚର୍ଚ୍ଚା। ଉଭୟଙ୍କୁ ଏକାଠି ଦେଖିବା ପରେ ଏଭଳି ଚର୍ଚ୍ଚା ଆରମ୍ଭ ହୋଇଛି। ପରିଣୀତି ରାଘବଙ୍କ ସହ ଡିନର ଓ ସାଙ୍ଗ ହୋଇ ଲଞ୍ଚ କରିଛନ୍ତି। ଡିନର ଓ ଲଞ୍ଚ ବେଳେ ଏକାଠି ନଜର ଆସିବା ପରେ ସେମାନଙ୍କ ଭେଟଘାଟକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ପ୍ରଥମେ ମୁମ୍ବାଇର ଗୋଟିଏ ବଡ଼ ରେଷ୍ଟୁରାଣ୍ଟରେ ପରିଣୀତି ଓ ରାଘବ ଏକାଠି ଡିନର କରୁଥିବା ବେଳେ ନଜରକୁ ଆସିଥିଲେ। ଅବଶ୍ୟ ସେମାନେ ଅଲଗା ଅଲଗା ଆସିଥିଲେ। କିନ୍ତୁ ଏକାଠି ଗୋଟିଏ ଟେବୁଲରେ ବସିଥିଲେ। ଉଭୟ ଧଳା ରଙ୍ଗର ଆଉଟ ଫିଟ ପିନ୍ଧି ବାହାରକୁ ବାହାରିଥିଲେ। କେବଳ ଏତିକି ନୁହେଁ, ଉଭୟ ପୁଣିଥରେ ଲଞ୍ଚ ଡେଟରେ ମଧ ଯାଇଥିଲେ। ସେମାନେ ଲଞ୍ଚ କରି ବାହାରୁ ଥିବା ବେଳେ କ୍ୟାମେରାରେ ସେମାନଙ୍କ ଫଟୋ କଏଦ ହୋଇଛି। ଏଥିର ପରିଣୀତି ଓ ରାଘବ ଗୋଟିଏ ଗାଡ଼ିରେ ଲଞ୍ଚ ସାରି ଯାଇଥିଲେ। କିନ୍ତୁ ଏ ସମ୍ପର୍କରେ ସେମାନେ କୌଣସି ପ୍ରକାରର ପ୍ରତିକ୍ରିୟା ଦେଇ ନାହାନ୍ତି। ରାଘବ ହେଉଛନ୍ତି ସଂସଦର ସର୍ବକନିଷ୍ଠ ସଦସ୍ୟ। ସେହିପରି ପରିଣୀତି ଜଣେ ଚର୍ଚ୍ଚିତ ଅଭିନେତ୍ରୀ ଭାବେ ବେଶ ଖ୍ୟାତି ଅର୍ଜନ କରିଛନ୍ତି। ଏହାପୂର୍ବରୁ ପରିଣୀତି ନିର୍ଦ୍ଦେଶକ ମନୀଶ ଶର୍ମାଙ୍କୁ ଡେଟିଂ କରୁଥିବା ଚର୍ଚ୍ଚା ହେଉଥିଲା। ତେବେ ବର୍ଷକ ତଳେ ସେମାନେ ଅଲଗା ହୋଇଯାଇଥିବା କୁହାଯାଉଛି।



Printed, Published and Owned by Badri Narayan Moahanty, Pulished From: Sector-1/163 HIG Dupled, Niladri Vihar, Po- Sailashree Vihar, Bhubaneswar - 751021
Printed at Gayatri Industries, TS//193, Mancheswar Ind. Estate, Bhubaneswar - 751010
Mob: +91-9437073823, E-mail: odishasanket@gmail.com
ସଂପାଦକ : ବଦ୍ରି ନାରାୟଣ ମହାନ୍ତି
Editor : Badri Narayan Mohanty